

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୩ ଫେବୃଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 23 FEBRUARY 2024

Vol.No. 35 ■ No.52 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଓଡ଼ିଶାରେ ବିଜେପି ସରକାର କରିବ: ରାଜନାଥ



ନବରଙ୍ଗପୁର, ୨୨/୨ (ନି.ପ୍ର): ୨୦୨୪ ନିର୍ବାଚନ ପୂର୍ବରୁ ବିଜେପି କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ମନୋବଳ ବୃଦ୍ଧି ପାଇଁ ଯୋଜନା କରିଛି ବିଜେପି। ଆଉ ଏହି କ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆଜି ନବରଙ୍ଗପୁରରେ ପହଂଚି ବିଜେପି କୋର୍ କମିଟି ବୈଠକରେ ଯୋଗ ଦେଇଛନ୍ତି । ତେବେ ରାଜନାଥ ଉପସ୍ଥିତ କର୍ମୀ ଓ ସାଧାରଣ ଜନତାଙ୍କୁ ବକ୍ତବ୍ୟରେ କହିଛନ୍ତି ଯେ ଓଡିଶା ସହ ମୋର ଭାବନାତ୍ମକ ସମ୍ପର୍କ ରହିଛି । କାରଣ କଂଗ୍ରେସ ସରକାର ସମୟରେ ଭାରତ ସୁରକ୍ଷା ଯାତ୍ରା କରିଥିଲୁ । ଏହି ଯାତ୍ରା ମୁଁ ଓଡିଶାରୁ ଆରମ୍ଭ କରିଥିଲି । ସେତେବେଳେ ଆତଙ୍କବାଦ, ନକ୍ସଲବାଦ ଓ ଆତଙ୍କ ସବୁଠି ରହିଥିଲା । ଆଜି ଆତଙ୍କବାଦ କେଉଁଠି ରହିଛି ଆପଣମାନେ ଜାଣିଛନ୍ତି । ପୁଲବାମା ଘଟଣା ପରେ ମୁହଁତୋଡ ଜବାବ ଦିଆଯାଇଛି । ଏବେ ନକ୍ସଲବାଦ କେବଳ କିଛି ଜିଲ୍ଲାରେ ହିଁ ସୀମିତ ରହିଛି । ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ଦେଶର ଚିତ୍ର ବଦଳିଛି । ଓଡ଼ିଶାରେ ବି ଡବଲ ଇଂଜିନ ସରକାର ହେବା ଦରକାର । ମୋଦୀଙ୍କ ବାର୍ତ୍ତା ନେଇ ସବୁ କର୍ମୀ ଲାଭାର୍ଥୀଙ୍କ ପାଖକୁ ଯାଆନ୍ତୁ । ସବୁ ଲାଭାର୍ଥିଙ୍କୁ ମୋଦୀ ଦେଉଥିବା ସୁବିଧା ମିଳିବା ଦରକାର । ବିଜେପି ହେଉଛି ଏକମାତ୍ର ଦଳ ଯାହାକି ଯାହା କହେ, ସେୟା ହିଁ କରେ । ନିର୍ବାଚନର ସବୁ ପ୍ରତିଶୃତି ଅକ୍ଷର ଅକ୍ଷରରେ ପାଳନ କରିଛୁ । ଯାହା ଘୋଷଣାପତ୍ରରେ କହିଥିଲୁ, ସବୁ ପୂରଣ କରିଛୁ । ଦେଶ ଗଠନ ପାଇଁ ହିଁ କେବଳ ଆମେ ରାଜନୀତି କରୁଛୁ । କଂଗ୍ରେସ ଲମ୍ବା ସମୟ ପର୍ଯ୍ୟନ୍ତ ଦେଶବାସୀଙ୍କୁ ଧୋକା ଦେଇଛି । ଉଲ୍ଲେଖ ଥାଉ କି ରାଜନାଥ ଆଜି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ୪ ଲୋକସଭା ଆସନର ସ୍ଥିତି ଆକଳନ କରିଛନ୍ତି । ରାଜ୍ୟର ବରିଷ୍ଠ ନେତୃବୃନ୍ଦଙ୍କ ସହ ରାଜନାଥ ଆଲୋଚନା କରିଛନ୍ତି। ରାଜନାଥ କୋରାପୁଟ, ନବରଙ୍ଗପୁର, ବଲାଙ୍ଗୀର, କଳାହାଣ୍ଡି ଲୋକସଭା କ୍ଷେତ୍ରର କୋର୍ କମିଟି ସଦସ୍ୟ, ବିଧାନସଭାସ୍ତରୀୟ କୋର୍ କମିଟି, ଲୋକସଭା ପ୍ରବାସ ସଞ୍ଚାଳନ ସମିତି ଟିମ୍, ବିଧାନସଭା ପ୍ରବାସ ସଞ୍ଚାଳନ ସମିତି ଟିମ୍, ଜିଲ୍ଲାସ୍ତରୀୟ କାର୍ଯ୍ୟକର୍ତ୍ତା, ସମସ୍ତ ମୋର୍ଚ୍ଚା ସଭାପତି, ଜାତୀୟ/ରାଜ୍ୟସ୍ତରୀୟ କର୍ମକର୍ତ୍ତା, ସମସ୍ତ ମଣ୍ଡଳ ସଭାପତି ଓ ପ୍ରଭାରୀ, ଲୋକସଭା/ ବିଧାନସଭା ପ୍ରଭାରୀ, ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି । ନବରଙ୍ଗପୁର ପରେ ରାଜନାଥ ବ୍ରହ୍ମପୁର ଗସ୍ତରେ ଯିବେ । ସେଠାରେ ଆମ୍ବପୁଆ ପଡିଆରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେବେ । ଏହାପରେ ବାରିପଦା ଯିବେ । ସେଠାରେ ମଧ ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେବେ ।

# ଆଜିଠାରୁ ଆରମ୍ଭ ହେବ ଶ୍ରୀମନ୍ଦିର ନାଟମଣ୍ଡପ ବିମ୍ ମରାମତି



ପୁରୀ, ୨୨/୨ (ନି.ପ୍ର): ଆସନ୍ତାକାଲି ଶ୍ରୀମନ୍ଦିର ନାଟମଣ୍ଡପ ବିମ୍ ଫାଟ ମରାମତି କାମ ଆରମ୍ଭ ହେବ। ସେଥିପାଇଁ ଆଜିଠୁ ମାର୍ଚ୍ଚ ୧୯ ତାରିଖ ଯାଏଁ ରାତି ୨ଟାରେ ଦ୍ୱାର ଫିଟା ନୀତି ହେବ। ଏନେଇ ଛତିଶାନିଯୋଗ ସ୍ଥିର ହୋଇଛି। ଦ୍ୱିତୀୟ ଭୋଗ ମଣ୍ଡପ ଉଠିବା ପରେ ପରେ ମଧ୍ୟାହ୍ନ ଗୋଟାଏରୁ ସନ୍ଧ୍ୟା ୭ଟା ଯାଏଁ ନାଟମମଣ୍ଡପ ମରାମତି କରିବ ଏଏସଆଇ। ତେଣୁ ଠାକୁରଙ୍କ ଆଗୁଆ ନୀତିକାନ୍ତି ସାରିବା ସହ କାମ ଚାଲୁଥିବା ବେଳେ କୌଣସି ବଡ଼ ନୀତି ନରଖିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ସମସ୍ତ ସେବକ ନିଯୋଗ ସହ ଆଲୋଚନା କରିଥିବା କହିଛି। ତା'ସହ ସେହି ସମୟରେ ଦର୍ଶନ ମଧ କିଭଳି ସୁରୁଖୁରୁରେ ଚାଲିବ, ସେଥିପାଇଁ ମଧ ସ୍ୱତନ୍ତ୍ର ବ୍ୟବସ୍ଥା କରିଛି। ନାଟମଣ୍ଡପ ମରାମତି ଚାଲୁଥିବାରୁ ଭକ୍ତମାନେ ଆଉ ପୂର୍ବଭଳି ଗୁରୁଡ଼ ସ୍ତମ୍ଭ ପଛପଟକୁ ଯାଇ ପାରିବେ ନାହିଁ। ବାହାର କାଠ ପାଖରୁ ଜାଲି ଦ୍ୱାରକୁ ଲାଇନ୍‌ରେ ଯିବେ। ସେଠୁ ଜୟବିଜୟ ଦ୍ୱାର ଦେଇ ଭିତରକାଠ ପର୍ଯ୍ୟନ୍ତ ଦର୍ଶନ ସାରି ବେହରଣ ଦ୍ୱାର ବାଟେ ପ୍ରସ୍ଥାନ କରିବେ। ସନ୍ଧ୍ୟା ୭ଟା ପରେ ମରାମତି ସରିଲେ ସନ୍ଧ୍ୟା ଧୂପ ହୋଇ ଠାକୁରଙ୍କ ଅନ୍ୟାନ୍ୟ ନୀତିକାନ୍ତି ବଢ଼ିବ। ତେବେ ମନ୍ଦିର ପ୍ରଶାସନ ନିଜେ ପ୍ରତ୍ୟକ୍ଷ ଭାବେ ସଂପୃକ୍ତ ନହେଲେ ଶୃଙ୍ଖଳିତ ନୀତିକାନ୍ତି ନେଇ ଆଶଙ୍କା ପ୍ରକାଶ କରିଛନ୍ତି ବରିଷ୍ଠ ସେବାୟତ। ତେଣେ ନୀତି ପ୍ରଶାସକ କହିଛନ୍ତି, ଦର୍ଶନ ଓ ମରାମତି ଏକାସାଙ୍ଗେ ବିନା ବାଧାରେ ଚାଲି ପାରିବ। ସେପଟେ ବୁଧବାର ବନକଲାଗି ନୀତି ପାଇଁ ସନ୍ଧ୍ୟା ୬ଟାକୁ ▶▶ପୃଷ୍ଠା ୭

# ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଛୁରୀ ମାରି ଦୁଇ ଲକ୍ଷ ଲୁଟ୍



ରାଜଗାଙ୍ଗପୁର , ୨୨/୨ (ନି.ପ୍ର): ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଛୁରା ମାଡ଼ କରି ୨ ଲକ୍ଷ ଲୁଟ୍। ରାଜଗାଙ୍ଗପୁର ଲୋମଲୋଇ ଛକରେ ଘଟିଛି ଏହି ଘଟଣା। ଅଭିଯୋଗ ଅନୁସାରେ ପଦାଜାମପାଲିରେ ଥିବା ଏକ ପେଟ୍ରୋଲ ପମ୍ପର କର୍ମଚାରୀ ଅନୀଲ ତିୱାରୀ ଆଜି ଦିନ ପ୍ରାୟ ୧୦ ଟା ବେଳେ ୨ ଲକ୍ଷ ଟଙ୍କା ନେଇ ରାଜଗାଙ୍ଗପୁରର ଏକ ବ୍ୟାଙ୍କୁ ଯାଉଥିଲେ। ଲୋମଲୋଇ ନିକଟରେ ୪ ଜଣ ଯୁବକ ତାଙ୍କୁ ଅଟକାଇ ଛୁରୀ ଦ୍ୱାରା ଆକ୍ରମଣ କରି ଟଙ୍କା ଲୁଟି ନେଇ ଥିଲେ। ଆହତ ଅନୀଲ ତିୱାରୀଙ୍କୁ ପ୍ରଥମେ ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଲୁଟ୍ ସମ୍ପର୍କରେ ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

# ୧୬ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ : କାଳିଆ ସ୍କିମ୍ ୩ବର୍ଷ ବୃଦ୍ଧି, ଖର୍ଚ୍ଚ ହେବ ୬୦୩୦କୋଟି ଟଙ୍କା, ଭୂମିହୀନ ଚାଷୀଙ୍କୁ ୨ହଜାର ଟଙ୍କା



ଭୁବନେଶ୍ୱର, ୨୨/୨ (ନି.ପ୍ର): ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ସବୁ ବର୍ଗକୁ ସନ୍ତୁଷ୍ଟ କରିବା ପାଇଁ ମାଳମାଳ ସ୍କିମ୍ ଓ ଆର୍ଥିକ ପ୍ୟାକେଜ୍ ଘୋଷଣା କରିବା ପରେ ଆଜି ଚାଷୀଙ୍କ ପାଇଁ ଲୋଭନୀୟ ଘୋଷଣା କରିଛନ୍ତି । 'କାଳିଆ' ଯୋଜନାର ଅବଧିକୁ ଆଉ ୩ବର୍ଷ ଅର୍ଥାତ୍ ୨୦୨୪-୨୫ରୁ ୨୦୨୬-୨୭ ମସିହା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ଓ ଏବାବଦରେ ୬୦୨୯.୭୦ କୋଟି ଟଙ୍କା ଖର୍ଚ୍ଚ ନିମନ୍ତେ ବ୍ୟୟବରାଦ ହୋଇଛି । କେବଳ ସେତିକି ନୁହେଁ କାଳିଆ ଯୋଜନାର ହିତାଧିକାରୀ ଥିବା ଭୂମିହୀନ ଚାଷୀ ପରିବାରକୁ ଆଉ ୨ହଜାର ଟଙ୍କାର ଅତିରିକ୍ତ ସହାୟତା ମିଳିବ । ଏହାସହିତ କାଳିଆ ଯୋଜନାରେ ବାର୍ଷିକ ୨ଥର ସହାୟତା ବ୍ୟତୀତ ରାଜ୍ୟ ସରକାର ଯେକୌଣସି ସମୟରେ ଅତିରିକ୍ତ ସହାୟତା ମଧ ସରକାର ଦେଇପାରିବେ । ଆଜି ଏଭଳି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକ ପରେ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା ଗଣମାଧମକୁ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟରେ ୨୦୧୮-୧୯ ମସିହାରୁ ଚାଷୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟକାରୀ ହେଉଥିବା 'କାଳିଆ' ଯୋଜନାର ଅବଧିକୁ ୨୦୨୬-୨୭ମସିହା ପର୍ଯ୍ୟନ୍ତ ଆଉ ୩ବର୍ଷ ବୃଦ୍ଧି ନିମନ୍ତେ କ୍ୟାବିନେଟ୍ ନିଷ୍ପତ୍ତି ନେଇଛନ୍ତି । ଏବାବଦରେ ମୋଟ ୬୦୨୯.୭୦କୋଟି ଟଙ୍କା ଖର୍ଚ୍ଚ ହେବାର ବ୍ୟୟବରାଦ ହୋଇଛି । ଏବେ କାଳିଆ ଯୋଜନାରେ ଚାଷୀମାନେ ଖରିଫ ଚାଷ ପାଇଁ ଏପ୍ରିଲ ପହିଲା ଓ ରବି ଚାଷ ପାଇଁ ସେପଟ୍ଟେମ୍ବର ପହିଲା ପରେ ଦୁଇଥର ସହାୟତା ପାଉଛନ୍ତି । ସେହିପରି ଭୂମିହୀନ ଚାଷୀଙ୍କୁ ଏକକାଳୀନ ୧୨୫୦୦ଟଙ୍କାର ସହାୟତା ମଧ ମିଳିଛି । ତେବେ ଚାଷୀମାନଙ୍କୁ ଏହି ସହାୟତା ବାଦ୍ କାଳିଆ ଯୋଜନାରେ ▶▶ପୃଷ୍ଠା ୭

# ଦବିଲା ହୀରାକୁଦ କେନାଲ ଆଡ଼ି ବନ୍ଧ: ତାତିଲେ ଚାଷୀ

ସମ୍ବଲପୁର, ୨୨/୨ (ନି.ପ୍ର): ହୀରାକୁଦ ଡ୍ୟାମକୁ ଲାଗିଥିବା ହୀରାକୁଦ କେନାଲର ଆଡ଼ି ବନ୍ଧର କିଛି ଅଂଶ ଦବି ଯାଇଛି। ଦବି ଯାଇଥିବା ସ୍ଥାନର ମରାମତି କରାଯିବା ପରିବର୍ତ୍ତେ ବାଲିବସ୍ତା ପକାଇଛି ଜଳ ସେଚନ ବିଭାଗ। ଯାହାଫଳରେ ବନ୍ଧ ପ୍ରତି ବଡ଼ ଧରଣର ବିପଦ ଦେଖାଦେଇଛି। ଦୀର୍ଘଦିନ ଧରି ଏଭଳି ସମସ୍ୟା ଲାଗି ରହିଥିବା ବେଳେ ଜଳସେଚନ ବିଭାଗ କେବଳ ତାଳିପକା କାମ କରୁଛି। ଏହାକୁ ଘୋର ବିରୋଧ କରିଛନ୍ତି ଚାଷୀ ଓ କୃଷକ ନେତା। ପ୍ରତିବାଦ ସମ୍ପର୍କରେ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଥିଲେ ଜଳସେଚନ ବିଭାଗର ଏସ୍‌ଡିଓ। ତାଙ୍କୁ ଶହଶହ ଚାଷୀ ଘେରାଉ କରିଥିଲେ। ସେମାନେ ଅଭିଯୋଗ କରିଥିଲେ, ଦୀର୍ଘ ଦିନରୁ ବନ୍ଧ ଦବି ଯାଇଥିବା ଜାଣି ମଧ କାହିଁକି ଏହାର ସ୍ଥାୟୀ ମରାମତି କରାଯାଉନି ? କେନାଲର ଆଡ଼ି ବନ୍ଧ ଦବିବା ସ୍ଥାନଠାରୁ ୧୦୦ ମିଟର ଦୂରରେ ରହିଛି ହୀରାକୁଦ ଡ୍ୟାମ୍। ▶▶ପୃଷ୍ଠା ୭

# ଦିଲ୍ଲୀ ପାଇଁ ଫିଟିଲା ବାଟ, କଂଗ୍ରେସ ଏବଂ ଆପ ମଧ୍ୟରେ ଆସନ ଭାଗବଂଟାକୁ ନେଇ ସହମତ



ନୂଆଦିଲ୍ଲୀ, ୨୨/୨ : ଲୋକସଭା ନିର୍ବାଚନ ପାଇଁ ଆମ ଆଦମୀ ପାର୍ଟି ଓ କଂଗ୍ରେସ ମଧ୍ୟରେ ଦିଲ୍ଲୀ ପାଇଁ ଆସନ ବୁଝାମଣା ଚୁଡାନ୍ତ ହୋଇଛି । ଆପ ୪ଟି ଓ କଂଗ୍ରେସ ୩ଟି ଆସନରେ ଲଢ଼ିବା ନେଇ ସହମତି ପ୍ରକାଶ ପାଇଛି । ଗୁରୁବାର ଦିଲ୍ଲୀରେ କଂଗ୍ରେସ ସାଧାରଣ ସମ୍ପାଦକ କେସି ବେଣୁଗୋପାଳ ଓ ଆମ ଆଦମୀ ପାର୍ଟି ମଧ୍ୟରେ ବୈଠକ ବସିଥିଲା ଓ ବୈଠକରେ ହିଁ ଆସନ ବୁଝାମଣା ବାବଦରେ ଫଇସଲା ନିଆଯାଇଥିବା ସୂଚନା ମିଳିଛି । ତେବେ ଉଭୟ ଦଳ ପକ୍ଷରୁ ଔପଚାରିକ ଘୋଷଣା କରାଯାଇନି । ପୂର୍ବରୁ ପଂଜାବରେ ଆମ ଆଦମୀ ପାର୍ଟି ଏକାକୀ ଲଢ଼ିବା ନେଇ ଘୋଷଣା କରିବା ପରେ କଂଗ୍ରେସ ସହ ଆପ ସମ୍ପର୍କକୁ ନେଇ ପ୍ରଶ୍ନ ଉଠିଥିଲା ।ତେବେ ଆପ ମୁଖ୍ୟ କେଜ୍ରିୱାଲ କହିଥିଲେ କଂଗ୍ରେସ ସହ କୌଣସି ମତଭେଦ ନାହିଁ । ଏହା ଭିତରେ ଦିଲ୍ଲୀ ପାଇଁ ଆସନ ବୁଝାମଣା କଂଗ୍ରେସ ପାଇଁ ଏକ ଆଶ୍ୱସ୍ତି ନିଶ୍ଚୟ ।

# କଳା ଦିବସ, ମହାପଞ୍ଚାୟତ ଓ ଶୋଭାଯାତ୍ରା: ବଡ଼ ଆନ୍ଦୋଳନ ପାଇଁ ଚାଷୀଙ୍କ ସଜବାଜ

ନୂଆଦିଲ୍ଲୀ, ୨୨/୨ : ସଂଯୁକ୍ତ କିଶାନ ମୋର୍ଚ୍ଚା(ଏସକେଏମ) ବିଶାଳ ଆନ୍ଦୋଳନର ଘୋଷଣା କରିଛି। ଏମଏସ୍‌ପି ଗ୍ୟାରେଣ୍ଟୀ ଆଇନ ଦାବିରେ ଚାଷୀମାନେ ମହାପଞ୍ଚାୟତ ଆୟୋଜନ କରିବେ। ମାର୍ଚ୍ଚ ୧୪ରେ ଦିଲ୍ଲୀରେ ମହାପଞ୍ଚାୟତ ବସିବ। ଏ ସମ୍ପର୍କରେ ସୂଚନା ଦେଇ ଚାଷୀ ନେତା ରାକେଶ ଟିକାୟତ କହିଛନ୍ତି ଯେ ଏସ୍‌କେଏମ ଫେବୃଆରୀ ୨୩କୁ କଳା ଶୁକ୍ରବାର ଭାବେ ପାଳନ କରିବ। ପୁଲିସ୍ ଆକ୍ରମଣରେ ଖାନାଉରି ସୀମାରେ ଯୁବ ଚାଷୀଙ୍କ ମୃତ୍ୟୁ ପ୍ରତିବାଦରେ କଳା ଦିବସ ପାଳନ କରାଯିବ। ଘଟଣା ବିରୋଧରେ ଏଫଆଇଆର ଓ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କାର କ୍ଷତି ପୂରଣ ପାଇଁ ମଧ ସେ ଦାବି କରିଛନ୍ତି। ମୋର୍ଚ୍ଚ ପକ୍ଷରୁ ଆହୁରି କୁହାଯାଇଛି ଯେ ସେମାନେ ପୁଲିସ୍ କାର୍ଯ୍ୟାନୁଷ୍ଠାନ ବିରୋଧରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓ ହରିଆଣା ଗୃହ ମନ୍ତ୍ରୀ ଅନୀଲ ବିଜଙ୍କ କୁଶପୁତ୍ତଳିକା ଦାହ କରିବେ। ଟିକାୟତ କହିଛନ୍ତି, ଫେବୃଆରୀ ୨୬ରେ ଦେଶର ବିଭିନ୍ନ ଜାତୀୟ ରାଜପଥରେ ଟ୍ରାକ୍ଟର ରାଲି ଆୟୋଜନ କରାଯିବ। ଜାତୀୟ ରାଜପଥର ଗୋଟିଏ ପାର୍ଶ୍ୱରେ ରାଲି ହେବ ଓ ଅନ୍ୟ ପାର୍ଶ୍ୱରେ ସାଧାରଣ ଲୋକ ଯିବା ଆସିବା କରିବେ। ଆମେ ରାସ୍ତାର ଗୋଟିଏ ପାଖରେ କେବଳ ଟ୍ରାକ୍ଟର ରାଲି କରିବୁ। ପ୍ରଥମ କାର୍ଯ୍ୟକ୍ରମ ହେଲା କଳା ଦିବସ ବା ଆକ୍ରୋଶ ଦିବ। ଫେବୃଆରୀ ୨୩ରେ ଏହା ପାଳନ କରାଯିବ। ଫେବୃଆରୀ ୨୬ରେ ପୂରା ଦେଶରେ ଟ୍ରାକ୍ଟର ପ୍ରଦର୍ଶନ ହେବ। ମାର୍ଚ୍ଚ ୧୪ରେ ସର୍ବଭାରତୀୟ କିଶାନ ମଜଦୁର ମହପଞ୍ଚାୟତ ଦିଲ୍ଲୀର ରାମଲିଲା ମୈଦାନରେ ବସିବ। ଏଥିରେ ୧ ଲକ୍ଷରୁ ଅଧିକ ଲୋକ ସାମିଲ ହେବେ। ଏହା ଗୋଟିଏ ଲମ୍ବା ଲଢ଼େଇ। ଏହା ଗୋଟିଏ ମୋର୍ଚ୍ଚାର ଲଢ଼େଇ ନୁହେଁ। ଆମେ ଦିଲ୍ଲୀକୁ ୪ ଦିଗରୁ ଘେରିବୁ। ସବୁ ଚାଷୀ ଏକାଠି ରୁହନ୍ତୁ ବୋଲି ସେ କହିଛନ୍ତି। ବୁଧବାର ଚାଷୀଙ୍କ ଦିଲ୍ଲୀ ଚଲୋ ଶୋଭାଯାତ୍ରା ବେଳେ ଅଘଟଣ ଘଟିଥିଲା। ଖାନାଉରି ସୀମାରେ ପୁଲିସ୍ ଗ୍ରହଣ କରିଥିବା କାର୍ଯ୍ୟାନୁଷ୍ଠାନରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୨୫ ଜଣ ଆହତ ହୋଇଥିଲେ। ଚାଷୀମାନେ ଏମଏସପି ଆଇନ ବ୍ୟତୀତ ସ୍ୱାମୀନାଥନ କମିଶନ କରିଥିବା ସୁପାରିସ, ପେନସନ, ବିଦ୍ୟୁତ ଟାରିଫକୁ ବୃଦ୍ଧି ନ କରିବା, ମାମଲା ପ୍ରତ୍ୟାହାର କରିବା ଓ ୨୦୨୧ ଲକ୍ଷ୍ମୀପୁର ଖେରିରେ ପ୍ରାଣ ହରାଇଥିବା ଚାଷୀଙ୍କୁ ନ୍ୟାୟ ଦେବାକୁ ଦାବି କରି ଶୋଭାଯାତ୍ରା କରୁଛନ୍ତି।



# ସୋନପୁର ସବୁଠୁ ଉତ୍ତପ୍ତ ସହର

ଭୁବନେଶ୍ୱର, ୨୨/୨ (ନି.ପ୍ର): ରାଜ୍ୟରେ ଆଜି ୧୮ଟି ସହରର ସର୍ବୋଚ୍ଚ ଦିନ ତାପମାତ୍ରା ୩୫ ଡିଗ୍ରୀ ସେଲ୍‌ସିୟସ ବା ତା'ଠାରୁ ଅଧିକ ରେକର୍ଡ କରାଯାଇଛି। ସୋନପୁର ହୋଇଛି ସବୁଠୁ ଉତ୍ତପ୍ତ ସହରର। ଏଠାରେ ଆଜି ସର୍ବୋଚ୍ଚ ଦିନ ତାପମାତ୍ରା ୩୬.୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ପାଣିପାଗ ବିଭାଗ ପକ୍ଷରୁ ଦିଆଯାଇଛି ଏହି ତଥ୍ୟ। ସୋନପୁର ତଳକୁ ରହିଛି ରାଜଧାନୀ ଭୁବନେଶ୍ୱର ଓ ତାଳଚେର। ଏହି ଦୁଇଟି ସ୍ଥାନରେ ସର୍ବୋଚ୍ଚ ଦିନ ତାପମାତ୍ରା ୩୬.୨ ଡିଗ୍ରୀ ରେକର୍ଡ କରାଯାଇଛି। ଟିଟିଲାଗଡ଼ରେ ତାପମାତ୍ରା ୩୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ବୌଦ୍ଧରେ ୩୬, ଝାରସୁଗୁଡ଼ାରେ ୩୫.୭, ଭଦ୍ରକରେ ୩୫.୬, ଢେଙ୍କାନାଳରେ ୩୫.୬, ଭବାନୀପାଟଣାରେ ୩୫.୫, ନୟାଗଡ଼ରେ ୩୫.୫, ବଲାଙ୍ଗିରରେ ୩୫.୫, କଟକରେ ୩୫.୪, ▶▶ପୃଷ୍ଠା ୭

# ଭୟଙ୍କର ହିମସ୍ଖଳନ: ଜଣେ ମୃତ, ଅନେକ ନିଖୋଜ

ଜମ୍ମୁ-କଶ୍ମୀର, ୨୨/୨ : ଜମ୍ମୁ-କଶ୍ମୀର ଗୁଲମର୍ଗରେ ଭୟଙ୍କର ହିମସ୍ଖଳନ। ଏଥିଯୋଗୁ ଜଣେ ପର୍ଯ୍ୟଟଙ୍କ ମୃତ୍ୟୁ ହୋଇଛି। ସେହିପରି ଅନ୍ୟ ୬ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନେକ ନିଖୋଜ ଅଛନ୍ତି। ସୂଚନା ମୁତାବକ, ଗୁଲମର୍ଗର କୋଙ୍ଗଦୁରି ପର୍ବତାଞ୍ଚଳ ନିକଟରେ ବ୍ୟାପକ ହିମସ୍ଖଳନ ହୋଇଛି। ଫଳରେ ସ୍କିଂ(ବରଫରେ ସ୍କେଟିଂ) କରିବାକୁ ଯାଇଥିବା କିଛି ବିଦେଶୀ ପର୍ଯ୍ୟଟକ ଏଥିରେ ଫସି ଯାଇଥିଲେ। ବରଫ ଭିତରେ ପୋତି ହୋଇ ଜଣେ ବିଦେଶୀ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ରୁଷର ନାଗରିକ ବୋଲି ଜଣାପଡିଛି। ସେପଟେ ଖବର ପାଇ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରଖାଯାଇଛି। ଉଦ୍ଧାର କାମରେ ସେନା ଓ ସ୍ଥାନୀୟ ପୁଲିସ ନିୟୋଜିତ ଅଛନ୍ତି। ସେନା ହେଲିକପ୍ଟର ଜରିଆରେ ବରଫ ଭିତରେ ଫଶି ରହିଥିବା ୬ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସେହିପରି ପାଖାପାଖି ଅନ୍ୟ ୬ ଜଣ ଏବେବି ନିଖୋଜ ଅଛନ୍ତି। ସମସ୍ତ ପର୍ଯ୍ୟଟକ ବିଦେଶରୁ ଆସିଥିବା କୁହାଯାଉଛି। ସେମାନଙ୍କ ସର୍ଚ୍ଚ ଅପରେସନ୍ ଜାରି ରହିଛି। ଫେବ୍ରୁଆରୀ ପ୍ରଥମ ସପ୍ତାହରେ ଗୁଲମର୍ଗରେ ପ୍ରବଳ ▶▶ପୃଷ୍ଠା ୭

# ବରିଷ୍ଠ ନାଗରିକଙ୍କ ଆକାଉଂଟରୁ ୪୦ ହଜାର ଟଙ୍କା ଲୁଟ୍

ଜୟପୁର, ୨୨/୨ (ନି.ପ୍ର): ଜୟପୁର ସହରସ୍ଥ ବେଢ଼ା ସାହୀ ବାସିନ୍ଦା ଗଙ୍ଗାଧର ସାମନ୍ତରାୟଙ୍କ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଆକାଉଂଟରୁ ୪୦ ହଜାର ଟଙ୍କା ଲୁଟ୍ କୁ ନେଇ ଜୟପୁର ଟାଉନ୍ ଥାନା ରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଗଙ୍ଗାଧର ସାମନ୍ତରାୟ ଜଣେ ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ଶିକ୍ଷକ ବୟସ ପ୍ରାୟ ୭୨ ବର୍ଷ । ଗତ ତା-୧୫ ଫେବୃଆରୀ ୨୦୨୪ ଖରେ ସେ ଜୟପୁର ବଜାର ବ୍ରାଂଚ୍ ଷ୍ଟାଟ୍ ବ୍ୟାଙ୍କ୍ ଏଟିଏମ୍ କୁ ସଂଧ୍ୟା ୭:୦୦ ଘଂଟା ସମୟରେ ପାଂଚ ହଜାର ଟଙ୍କା ଉଠାଣ ପାଇଁ ଯାଇଥିଲେ। ସେ ଯେତେବେଳେ ତାଙ୍କ ଏଟିଏମ୍ କୁ ପଂଚ କରିଥିଲେ ସେତେବେଳେ କୌଣସି ଟଙ୍କା ବାହାରିଲା ନାହିଁ। ଠିକ୍ ସେହି ସମୟରେ ଏଟିଏମ୍ ପାର୍ଶ୍ୱରେ ଠିଆ ରହିଥିବା ପାଂଚ ଜଣ ଦୁର୍ବୃତଙ୍କ ମଧ୍ୟରୁ ଜଣେ ଦୁର୍ବୃତ ହଠାତ୍ ଏଟିଏମ୍ ଭିତରକୁ ଆସି ବରିଷ୍ଠ ନାଗରିକଙ୍କ ହାତରୁ ଏଟିଏମ୍ କୁ ନେଇ ପୁଣି ଥରେ ପଂଚ କରିଥିଲେ ଏବଂ ବରିଷ୍ଠ ନାଗରିକଙ୍କୁ ଏଟିଏମ୍ ପିନ୍ ନମ୍ବର ପଚାରିଥିଲେ । ଉକ୍ତ ସମୟରେ ନାଗରିକ ଜଣକ ପିନ୍ ନମ୍ବରକୁ କହିଦେଇଥିଲେ। ପରେ ସେହି ଦୁର୍ବୃତ ଜଣକ ଅତି ଚତୁରର ସହ କହିଥିଲେ ଏହି ଏଟିଏମ୍ ରେ ଟଙ୍କା ନାହିଁ ଅନ୍ୟ ଏକ ଏଟିଏମ୍ କୁ ଯାଇ ଟଙ୍କା ଉଠାଇବା ପାଇଁ କହିଥିଲେ। ବରିଷ୍ଠ ନାଗରିକ ଜଣକ ପୁଣି ଏକ ଏଟିଏମ୍ କୁ ଯାଇ ଟଙ୍କା ଉଠାଇବା ପାଇଁ ଯାଇଥିବା ବେଳେ ଏଟିଏମ୍ କୁ ପଂଚ କଲାବେଳେ ପିନ୍ ନମ୍ବର ଭୁଲ ଅଛି ବୋଲି ଜାଣିବାକୁ ପାଇଲେ ସେ ଏଟିଏମ୍ କୁ ଭଲଭାବରେ ଦେଖିଲା ପରେ ଜାଣିଥିଲେ ତାଙ୍କରି ନିଜ ଏଟିଏମ୍ କୁ ଦୁର୍ବୃତ ଜଣକ ବଦଳାଇ ଦେଇଛି। ଠିକ୍ କିଛି ସମୟ ପରେ ତଥା ସଂଧ୍ୟା ୭.୩୯ ମି ରେ ଥରକୁ ୧୦ ହଜାର ଟଙ୍କା ହିସାବରେ ୪ ଥର ଏଟିଏମ୍ ରୁ ଟଙ୍କା ଉଠାଣ କରାଯାଇଥିବା ମୋବାଇଲ କୁ ମେସେଜ ଆସିଥିଲା। ଏହାପରେ ଗଙ୍ଗାଧର ବାବୁ ବ୍ୟାଙ୍କ୍ ସହ ଯୋଗାଯୋଗ କରି ଏଟିଏମ୍ କୁ ବ୍ଲକ୍ କରିଥିଲେ। ଏହାକୁ ନେଇ ଜୟପୁର ଷ୍ଟାଟ୍ ବ୍ୟାଙ୍କ୍ ବଜାର ବ୍ରାଂଚରେ ଜଣାଇବା ପରେ ଜୟପୁର ଟାଉନ୍ ଥାନା ରେ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି। କିନ୍ତୁ ଗତ ୧୫ ତାରିଖ ରେ ଟଙ୍କା ଲୁଟ୍ ହେଲାଣି ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ତଦନ୍ତ ହୋଇନଥିବା କହିଛନ୍ତି ବରିଷ୍ଠ ନାଗରିକ। ବାରମ୍ବାର ଷ୍ଟାଟ୍ ବ୍ୟାଙ୍କ୍ ବଜାର ବ୍ରାଂଚକୁ ଯାଇ ଅଭିଯୋଗ କରୁଛନ୍ତି। ବ୍ୟାଙ୍କ୍ ଶାଖା ପରିଚାଳକଙ୍କ ଦ୍ୱାରା ସିସିଟିଭି ଫୁଟେଜ ଦେବାରେ ବିଳମ୍ବ ହେଉଥିବାରୁ ତଦନ୍ତ ପ୍ରକ୍ରିୟା ରେ ବିଳମ୍ବ ହେଉଛି ବୋଲି ପୋଲିସ ଜଣାଇଛନ୍ତି। ବରିଷ୍ଠ ନାଗରିକ ଜଣକ କ୍ଷୋଭ ପ୍ରକାଶ କରି କହିଛନ୍ତି ଯଦି ସେ ତାଙ୍କ ଟଙ୍କା ନଫେରି ପାଇବେ ତା'ହେଲେ ସେ ବ୍ୟାଙ୍କ ସମ୍ମୁଖରେ ଧାରଣାରେ ବସିବେ ବୋଲି କହିଛନ୍ତି।

# ବହୁ ବିଜେଡ଼ି ନେତା ଓ କର୍ମୀ କଂଗ୍ରେସରେ ଯୋଗଦେଲେ

ଭୁବନେଶ୍ୱର, ୨୨/୨ (ନି.ପ୍ର): ବଡ଼ମ୍ବା ନରସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ସଂଜୟ କୁମାର ସାହୁଙ୍କ ନେତୃତ୍ୱରେ ଶତାଧିକ ବିଜେଡ଼ି ନେତା ଓ କର୍ମୀ କଂଗ୍ରେସ ଦଳରେ ଯୋଗଦାନ କରିଛନ୍ତି। ଏହି ଅବସରରେ ଆୟୋଜିତ ଏକ ମିଶ୍ରଣ କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ସମସ୍ତଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି କଂଗ୍ରେସ ଦଳରେ ଗ୍ରହଣ କରିନେଇଥିଲେ। ଏହି ଅବସରରେ ଶ୍ରୀ ପଟ୍ଟନାୟକ କହିଲେ ଯେ ଆପଣମାନଙ୍କର ଯୋଗଦାନ କଂଗ୍ରେସ ଦଳକୁ ଅଧିକ ସୁଦୃଢ଼ କରିବ। କଂଗ୍ରେସ ଦଳରେ ଯୋଗଦେଇଥିବା ନେତା ଓ କର୍ମୀମାନେ କଂଗ୍ରେସ ଦଳକୁ ସୁଦୃଢ଼ କରିବା ସହ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବେ ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ। ଯୋଗଦେଇଥିବା ନେତା ଓ କର୍ମୀ ହେଲେ ସଂଜୟ କୁମାର ସାହୁ, ଅଖିଳ ପଣ୍ଡା ପୂର୍ବତନ ସରପଂଚ, ଦାସରଥି ସାହୁ, ନିତେଶ ସାହୁ ଛାତ୍ର ନେତା, ପିତବାସ ପ୍ରଧାନ, ନିଳମଣି କଟୁଆଳ, ରେଖା ସାହୁ, ନନ୍ଦିନୀ ସେଠୀ,ଲକ୍ଷ୍ମିପ୍ରିୟା ପ୍ରଧାନ, ସନ୍ତୋଷୀ ପ୍ରଧାନ, ଶ୍ରୀବତ୍ସ କଟୁଆଳ, ଭରତ ସିଂ, ସାରଙ୍ଗ ଦାସ ପ୍ରମୁଖ ଶତାଧିକ ନେତା ଓ କର୍ମୀ। ଏହି କାର୍ଯକ୍ରମରେ କଂଗ୍ରେସ ନେତା ସର୍ବଶ୍ରୀ ବିଭୁତି ମିଶ୍ର, ଜିଆଉଲ ହକ, ମିହିର ଆଚାର୍ଯ୍ୟ, ପ୍ରଦୀପ୍ତ ଦାସ, ତରୁଣ ମିଶ୍ର, ବିନୋଦ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# ମାତୃଭାଷା ପରିପ୍ରେକ୍ଷୀରେ ଓଡ଼ିଶାର ସ୍ଥାନ ମହନୀୟ

ଭୁବନେଶ୍ୱର, ୨୨/୨ (ନି.ପ୍ର): ବିଶ୍ୱ ମାତୃଭାଷା ଦିବସ ବୁଧବାର ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଦିଲୀପ ରାଉତରାଏ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ବିଶ୍ୱ ମାତୃଭାଷା ଦିବସର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ ମାତୃଋଣ କେତେବେଳେ ବି ପରିଶୋଧ କରାଯାଇପାରେ ନାହିଁ । ମା', ମାତୃଭୂମି ଓ ମାତୃଭାଷା ଚିରବନ୍ଦନୀୟା। ଏହି ଦିବସ ୧୯୯୯ରୁ ଘୋଷିତ ହୋଇଥିଲେ ମଧ୍ୟ ୨୦୦୦ ମସିହାଠାରୁ ବିଶ୍ୱବ୍ୟାପୀ ପାଳିତ ହେଉଛି। ମାତୃଭାଷା ପରିପ୍ରେକ୍ଷୀରେ ଓଡ଼ିଶାର ସ୍ଥାନ ମହନୀୟ। ମାତୃଭାଷା ଦିବସ ଘୋଷଣା ହେବାର ୧୦୦ବର୍ଷ ପୂର୍ବରୁ ଓଡ଼ିଆ ଭାଷାକୁ ନେଇ ଓଡ଼ିଶାରେ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଓଡ଼ିଶା ସର୍ବଭାରତୀୟ କ୍ଷେତ୍ରରେ ପ୍ରଥମ ଭାଷାଭିତିକ ପ୍ରଦେଶ ଭାବରେ ମାନ୍ୟତା ପାଇଛି ଏବଂ ଓଡ଼ିଆ ଷଷ୍ଠ ଭାଷା ଭାବରେ ଶାସ୍ତ୍ରୀୟ ମାନ୍ୟତା ଲାଭକରିଛି ବୋଲି ସେ ଉଲ୍ଲେଖ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦାନ କରି ଓଡ଼ିଆ ଭାଷାର ଐତିହ୍ୟ ଓ ପରମ୍ପରା ସଂପର୍କରେ ଉଲ୍ଲେଖ କରିବା ସହ ବିଶ୍ୱ ସାହିତ୍ୟରେ ଦେଖାଦେଇଥିବା ବହୁଭାଷିକତା କିପରି ଆମର ସମାଜ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରେ, ତାହା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଡକଫର ପ୍ରମୋଦ କୁମାର ଦ୍ୱିବେଦୀ ଆଲୋଚକ ଭାବେ ଯୋଗଦାନ କରି ଓଡ଼ିଆ ଭାଷାର ଦେଖାଦେଇଥିବା ସମସ୍ୟା ଓ ତା'ର ନିରାକରଣ ଦିଗରେ ନିଜସ୍ୱ ମତ ପ୍ରଦାନ କରିଥିଲେ। ଡ, ରମେଶ ଚନ୍ଦ୍ର ମଲ୍ଲିକ ବହୁଭାଷୀ ଶିକ୍ଷା ବ୍ୟବସ୍ଥା ଅନ୍ତର୍ପିଢ଼ୀୟ ଜ୍ଞାନ ଆହରଣ ଓ ପାରମ୍ପରିକ ଜ୍ଞାନର ସଂରକ୍ଷଣର ସୋପାନ ବୋଲି ଅଭିହିତ କରିଥିଲେ। ଓଡ଼ିଶା ଏକମାତ୍ର ରାଜ୍ୟ ଯାହାର ତିନୋଟି ଭାଷା ଓଡ଼ିଆ, ସାନ୍ତାଳୀ ଓ ମୁଣ୍ଡାରୀ ସମ୍ବିଧାନରେ ସ୍ଥାନ ପାଇଥିବା କଥା ସେ କହିଥିଲେ।

# ସାମ୍ବାଦିକଙ୍କ ସୁରକ୍ଷା ଆଇନ ପ୍ରଣୟନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବଲାଙ୍ଗିର, ୨୨/୨ (ନି.ପ୍ର): ଷ୍ଟେଟ ୟୁନିୟନ୍ ଅଫ ଜର୍ଣ୍ଣାଲିଷ୍ଟ (ଓ), ବଲାଙ୍ଗୀର ଜିଲ୍ଲା ଶାଖାର ସାମ୍ବାଦିକମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକାତ୍ମକ ଧାରଣା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ ଦଫା ଦାବି ବିଶିଷ୍ଟ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଡ଼. ବିଜୟାନନ୍ଦ ସେଠୀଙ୍କୁ ପ୍ରଦାନ କରିଥିଲେ। ସାମ୍ବାଦିକ ମାନଙ୍କ ନ୍ୟାର୍ଯ୍ୟ ଦାବି ମଧ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ କରିବା,କାର୍ଯ୍ୟରତ ସାମ୍ବାଦିକଙ୍କୁ ମାସିକ ୨୦ ହଜାର ଟଙ୍କା ପ୍ରଦାନ ଓ ଅବସର ଗ୍ରହଣ କରିଥିବା ସାମ୍ବାଦିକଙ୍କୁ ମାସିକ ୨୫ ହଜାର ଟଙ୍କା ପ୍ରଦାନ କରିବା ଓ ଭୁବନେଶ୍ୱରକୁ ଯାଉଥିବା ରାଜ୍ୟର ସାମ୍ବାଦିକଙ୍କ ରହଣି ସକାଶେ ସାମ୍ବାଦିକ ଅତିଥି ଭବନ ନିର୍ମାଣ କରିବା ଆଦି ପୂରଣ କରିବା ଦିଗରେ ରାଜ୍ୟ ସରକାର ଆନ୍ତରିକତା ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି। ପ୍ରତିବର୍ଷ ପଞ୍ଜିକରଣ ନବୀକରଣ ପ୍ରକ୍ରିୟାକୁ ବନ୍ଦ କରି ସାମ୍ବାଦିକ ବୀମା ରାଶିକୁ ୧୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ପାଇଁ ଏସୟୁଜେ ସଂଘ ପକ୍ଷରୁ ଦୀର୍ଘ ୪ବର୍ଷ ଧରି ନିରବିଚ୍ଛିନ୍ନ ଭାବେ ରାଜ୍ୟ ସରକାରଙ୍କ ଠାରେ ଦାବି କରି ଆସୁଛି। ଦାବି ପୂରଣ ନେଇ ଏସ୍‌ୟୁଜେ ସଂଘ ପକ୍ଷରୁ ଅନେକ ଥର ରାଜ୍ୟ ସରକାରଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରିବା ସହ ମହାମାନ୍ୟ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥଲେ। ବିଭିନ୍ନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାର ବିଧାୟକଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଇଛି। ତେବେ ଅନେକ ଥର ଆନ୍ଦୋଳନ ଓ ଦାବିପତ୍ର ପ୍ରଦାନ ପରେ ମଧ୍ୟ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଆଜି ଏସୟୁଜେ ବଲାଙ୍ଗୀର ଜିଲ୍ଲା ଶାଖାର ସଭ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରିଛନ୍ତି । ଏସୟୁଜେ ବଲାଙ୍ଗୀର ଜିଲ୍ଲା ଶାଖାର ସଭାପତି ଗୋପବନ୍ଧୁ ଶତପଥୀଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ଶରତ କୁମାର ମହାକୁର , ରାଜ୍ୟ ସମ୍ପାଦକ ମହେନ୍ଦ୍ର କୁମାର ଦର୍ଜି, ଜିଲ୍ଲା ସମ୍ପାଦକ ରଘୁ ନନ୍ଦନ ସିଂ, ସଭ୍ୟ ନିରଜ କୁମାର ମିଶ୍ର, ରାଧା କ୍ରୀଷ୍ଣ ମିଶ୍ର,ପବନ ବଂସଲ,ମହେନ୍ଦ୍ର ପଧାନ, ଚିତ୍ରସେନ ବେହେରା, ଯୁଗଳ କିଶୋର ଶବର, ତୁଳସୀ ରାମ ଜଗତ, ମିନିକେତନ୍ ନିଆଲ ଏବଂ ରାକେଶ ସରାଫଙ୍କୁ ନେଇ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ତାଣ୍ଡାବାଇ ପଂଚାୟତ ଅଫିସରୁ କୋଭିଡ଼ ସାମଗ୍ରୀ ଚୋରି ବେଳେ ଧରିଲେ ଗ୍ରାମବାସୀ

ମାଲକାନଗିରି, ୨୨/୨ (ନି.ପ୍ର): କାଲିମେଲା ବ୍ଲକ କୋରନା ମହାମାରୀ ସମୟରେ ମହାମାରୀକୁ ରୋକିବା ପାଇଁ ସବୁ ପଂଚାୟତ ରେ ରାଜ୍ୟ ସରକାରଙ୍କ ଦ୍ୱାରା ଗାଁ ବାହାରୁ ଆସୁଥିବା ଲୋକଙ୍କ ପାଇଁ କୋଭି ଡ଼ ସେଂଟର ର ବ୍ୟବସ୍ଥା ପ୍ରତି ପଂଚାୟତରେ କରାଯାଇ ଥିଲା । ଏହି ସେଂଟର ଗୁଡ଼ିକରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଭଳି ଖଟ, ଗଦି, ବିଶୁଦ୍ଧ ପାନୀୟ ବ୍ୟବସ୍ଥା କରା ଯାଇଥିଲା । କୋରନା ମହାମାରୀ ସରିବା ପରେ ଉକ୍ତ ସାମଗ୍ରୀ ଗୁଡ଼ିକୁ ପଂଚାୟତ ଅଫିସ ରେ ଗଛିତ ରଖାଯାଇଥିଲା । କିନ୍ତୁ ତାଣ୍ଡବାଇ ପଂଚାୟତ ର ଗୋଦାମ ରୁ ଏହି ସାମଗ୍ରୀ ଗୁଡିକ ଚୋରି କରି ନିଆଯାଉଥିବା ଭିଡିଓ ଏବେ ମୋବାଇଲ ରୁ ମୋବାଇଲ କୁ ଘୁରି ବୁଲୁଥିବା ଦେଖୀ ବାକୁ ମିଳିଛି ଭିଡ଼ିଓରେ କିଛିଲୋକ ଏକ ଟ୍ରାକ୍ଟର ରେ କୋଭିଡ ସାମଗ୍ରୀ ପଂଚାୟତ ରୁ ଚୋରି କରିବା ପାଇଁ ଲାଗିଛନ୍ତି । ତେବେ ବର୍ତ୍ତମାନ ଏହି ଭିଡିଓ ଟି ମୋବାଇଲ ରୁ ମୋବାଇଲ କୁ ଘୁରି ବୁଲୁଛି । ପରେ ପରେ ତାଣ୍ଡବାଇ ପଂଚାୟତ ର କିଛି ଲୋକ ଏହିସାମଗ୍ରୀ ଓ ଟ୍ରାକ୍ଟର କୁ ଜବତ କରି ସରପଂଚଙ୍କ ଜିମାରେ ଦେଇ ଗ୍ରାମରେ ବୈଠକ ଡାକିଥିଲେ । ଏବାବଦରେ ସରପଂଚଙ୍କୁ କହିବାକୁ ମନା କରିଥିଲେ ମଧ୍ୟ ଏହି ବ୍ୟକ୍ତି ମାନଙ୍କ ଏହି ଜିନିଷ ଚୋରି କରିଥିବା ମାନିଥିଲେ ପରେଗ୍ରାମର ରେ ଏକ ବୈଠକ ବସି ୭୦ ହଜାର ଟଙ୍କା ଜୋରି ମାନା ପକାଇ ଥୁବା ସରପଂଚ ସ୍ୱୀକାର କରିଥିଲେ ଏହି ବିଷୟରେ ପଂଚାୟତ ଅଧିକାରୀ ଙ୍କୁ ପଚାରିବାରୁ କହିଥିଲେ ସେ ଏହି ବିଷୟରେ ଅବଗତ ନାହାଁନ୍ତି ଯଥା ଶୀଘ୍ର ଚୋରକୁ ଧରି ଉପଯୁକ୍ତ ଦଣ୍ଡବିଧାନ କରିବାକୁ ସାଧାରଣ ରେ ଦାବୀ ହେଉଛି । ଏଠାରେ ସାଧରଣ ରେ ପ୍ରଶ୍ନ ଉଠୁଛି ଯେ ଚୋରି କରିଥିବା ଲୋକଙ୍କ ପାଖରେ ପଂଚାୟତ ଗୋଦାମ ଗୃହର ଚାବି କିପରି ଆସିଲା ।

# କେନ୍ଦୁଝରରେ ଜିଲ୍ଲା ସଂଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ପ୍ରୋତ୍ସାହନ ରାଶି ବଟଂନ

କେନ୍ଦୁଝର, ୨୨/୨ (ନି.ପ୍ର): ଓଡିଶା ସରକାରଙ୍କ ସଂଚୟ ଓ ଆର୍ଥିକ ସେବା ନିର୍ଦ୍ଦେଶାଳୟ ତରଫରୁ ସିରିଜ ପ୍ରୋତ୍ସାହନ ରାଶି ଉଠାଣ ଗତ ୨୦୨୩ ମସିହା ସେପଟ୍ଟେମ୍ବର ୧୩ ତାରିଖରେ ଅନୁଷ୍ଠିତ ହୋଇଥିଲା । ସେହି ଉଠାଣରେ କେନ୍ଦୁଝର ଜିଲ୍ଲାର ଶିରିଆ ସେଠୀ ପଚଂମ ପୁରସ୍କାର ବାବଦରେ ୫୦ ହଜାର ଟଙ୍କା ଏବଂ ଶ୍ରୀମତୀ ଶାନ୍ତିଲତା ସାହୁ ୨୫ ହଜାର ଟଙ୍କା ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ । ଚଳିତ ଫେବୃୟାରୀ ୨୧ ତାରିଖ ବୁଧବାର ଦିନ ଅତିରିକ୍ତ ଜିଲ୍ଲାପାଳ ଲଳିତ ସୋରେଙ୍ଗ ଉକ୍ତ ବ୍ୟକ୍ତିଙ୍କୁ ପ୍ରୋତ୍ସାହନ ରାଶି ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ପ୍ରଦାନ କରିଥିଲେ । ଉକ୍ତ ପ୍ରୋତ୍ସାହନ ରାଶି ପ୍ରଦାନ କାର୍ଯ୍ୟକ୍ରମରେ ସହକାରୀ ନିର୍ଦ୍ଦେଶକ ସଂଚୟ ଓ ଆର୍ଥିକ ସେବା, କେନ୍ଦୁଝର ଶିରପାଣି ନାୟକ , କର୍ମଚାରୀ ଦିବସ ରଂଜନ ସେଠୀ , ଅଭିକର୍ତା ନୃସିହଂ ପଣ୍ଡା ପ୍ରମୁଖ ସାମିଲ ଥିଲେ । ସୂଚନାଯୋଗ୍ୟ ଯେ ଜିଲ୍ଲାର ୯ ଜଣ ବ୍ୟକ୍ତିଙ୍କୁ ସପ୍ତମ ପୁରସ୍କାର ବାବଦରେ ୧୦ ହଜାର ଟଙ୍କା ଲେଖାଁଏ ଏବଂ ଅଷ୍ଟମ ପୁରସ୍କାର ଭାବେ ୮୩ ଜଣ ବ୍ୟକ୍ତିଙ୍କୁ ୪ ହଜାର ଟଙ୍କା ଲେଖାଁଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା ।

# ଶିବାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୨୨/୨ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ଗ୍ରାମ ପ ।ୟତର ଗରାପୁରସ୍ଥିତ ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମରେ ଆୟୋଜିତ କଲ୍ୟାଣକାରୀ ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞର ଦ୍ୱିତୀୟ ଦିବସରେ ଶିବାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ମହାଆଡମ୍ବରରେ ଆଶ୍ରମର ପ୍ରତିଷ୍ଠାତ୍ରୀ ତଥା ବିଦ୍ୟାମନ୍ଦିରର ସଭାପତି ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବରେ ବିଦ୍ୟାଳୟର ସମ୍ପାଦକ ପଣ୍ଡିତ କାଳୀପ୍ରସନ୍ନ ଶତପଥୀ, ଅଧ୍ୟକ୍ଷ ଡ. ସୁରେନ୍ଦ୍ରନାଥ ଆଚାର୍ଯ୍ୟ, ବ୍ୟଙ୍ଗକବି ଶ୍ରୀଧର ମହାନ୍ତି, ଶିକ୍ଷାବିତ ମନୋରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବେନ୍ଦ୍ର କୁମାର ପଣ୍ଡା, ରାଜେନ୍ଦ୍ର ନାଥ ମିଶ୍ର, ଯୋଗଗୁରୁ ସଞ୍ଜୟ କୁମାର ମଥାନ, କବି କରୁଣାକର ଦାସ, କବୟିତ୍ରୀ ପାର୍ବତୀ ନାୟକ, ଶରତ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ସୁରେନ୍ଦ୍ର ନାଥ ଆଚାର୍ଯ୍ୟଙ୍କୁ ମାନପତ୍ର ଓ ଉ ରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀମା ଆଶ୍ରମର କର୍ମକର୍ତ୍ତା ମାନଙ୍କୁ ଉ ରୀୟ ପ୍ରଦାନ କରି ଆଶିଷ ପ୍ରଦାନ କରିଥିଲେ। ନିଉଷ୍ଟାର ଡାନ୍ସ ଏକାଡେମୀର ନୃତ୍ୟଗୁରୁ ଦୀପକ ସାହୁଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଉତ୍ସବକୁ ବାବା ନୃସିଂହନାଥ ଦାସ, ରଜନୀ କାନ୍ତ ଦାସ, ଗୀତାଞ୍ଜଳୀ ସ୍ୱାଇଁ, ପୁନମ ନାୟକ, ଚିତ୍ରଶିଳ୍ପୀ ଶ୍ରୀଧର କୁମାର ରାଉତ ଓ ବିଦ୍ୟାମନ୍ଦିରର ଗୁରୁଜୀ ଗୁରୁମାମାନେ ପରିଚାଳନା କରିଥିଲେ। ଶେଷରେ ଶ୍ରୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶାର ମହିଳାଙ୍କ ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ: ଅଲକା ଲାମ୍ବା

ଭୁବନେଶ୍ୱର, ୨୨/୨ (ନି.ପ୍ର): ଅଖିଳ ଭାରତ ଜାତୀୟ କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ଅଲକା ଲାମ୍ବା ବୁଧବାର କଂଗ୍ରେସ କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଲେ ଯେ ରାଜ୍ୟରେ ଜନସଂଖ୍ୟାର ୫୦ ଭାଗ ମହିଳା ହୋଇଥିଲେ ମଧ୍ୟ ଆଜି ମହିଳମାନଙ୍କ ସ୍ଥିତି ଅତ୍ୟନ୍ତ ଉଦ୍‌ବେଗ ଜନକ। ବୟସ୍କା ନାବାଳିକା ଏବଂ ବିଶେଷ କରି ମହିଳାମାନେ ଏ ରାଜ୍ୟରେ ଆଦୌ ସୁରକ୍ଷିତ ନୁହନ୍ତି। ପ୍ରତିଦିନ ଏ ରାଜ୍ୟରେ ୭ ଜଣ ମହିଳାଙ୍କୁ ଧର୍ଷଣ କରାଯାଏ ବୋଲି ଏନସ୍‌ଆରବି ରିପୋର୍ଟରେ ପ୍ରକାଶିତ ଖାଲି ସେତିକି ନୁହେଁ ଏହି ୭ଜଣ ମହିଳାଙ୍କ ମଧ୍ୟରୁ ୪ ଜଣ ନାବାଳିକା ଅଟନ୍ତି। ମହିଳା ମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ଓ ମହିଳା ନିଖୋଜରେ ରାଜ୍ୟ ଭାରତ ବର୍ଷର ପ୍ରଥମ ସ୍ଥାନ ଅଧିକାର କରିଛି। ଏହା ବୋଧହୁଏ ବଡ଼ ଉପଲବ୍ଧି ବୋଲି କଟୁ ସମାଲୋଚନା କରି କହିଥିଲେ। ଆସନ୍ତା ଦିନରେ ରାଜ୍ୟ ମହିଳା କଂଗ୍ରେସ ସଭାପତି ଶ୍ରୀମତୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲା ଓ ବ୍ଲକକୁ କଂଗ୍ରେସ ଦଳର ମହିଳା ନେତ୍ରୀମାନେ ମହିଳମାନଙ୍କ ନ୍ୟାୟ ପାଇଁ ଯାଇ ଲଢ଼େଇ କରିବେ। ରାଜ୍ୟର ମହିଳାମାନଙ୍କର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ପାଇଁ ସେମାନେ ବ୍ଲକ ସ୍ତରରୁ ଲଢ଼େଇ ଲଢ଼ିବେ। ୨୦୦୦ ମସିହା ବେଳକୁ କଂଗ୍ରେସ ସରକାର ସମୟରେ ମଦରୁ ମାତ୍ର ୧୧୪.୮୨ କୋଟି ଟଙ୍କା ଆୟ ହେଉଥିଲା କିନ୍ତୁ ଆଜି ତାହା ୬୪୫୫ କୋଟି ଟଙ୍କାରେ ପଂହଚିଲାଣି। ଏହି ୧୦ ବର୍ଷ ଭିତରେ ରାଜ୍ୟ ସରକାର ମଦର ଆୟର ବୃଦ୍ଧି ପରିମାଣ ୩୬୮ ପ୍ରତିଶତକୁ ଛୁଇଁଛି। ମଦରୁ ଆୟ କରି ରାଜ୍ୟ ରାଜକୋଷକୁ ଭରାଯାଉଛି। କିନ୍ତୁ ଏହା ଦ୍ୱାରା ଆଜି ପ୍ରତ୍ୟେକ ପରିବାରରେ ପୁଅ ଏବଂ ବାପା ମଦ ପିଇ ସର୍ବସ୍ୱାନ୍ତ ହେଉଛନ୍ତି। କଂଗ୍ରେସ ସରକାର ସମୟରେ ଖାଦ୍ୟ ପଦାର୍ଥର ଦରଦାମ ଯାହା ଥିଲା ଆଜି ଅଟା ଠାରୁ ଆରମ୍ଭ କରି ବିସ୍କୁଟ ପର୍ଯ୍ୟନ୍ତ ପାଖାପାଖି ୨୦୦ ପ୍ରତିଶତର ବୃଦ୍ଧି ଘଟିଛି। ଏ ରାଜ୍ୟ ସରକାର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ କେବଳ ଭୋଟ ପାଇଁ ବ୍ୟବହାର କରୁଛନ୍ତି। ପ୍ରକୃତରେ ସେମାନଙ୍କର କୌଣସି ଅର୍ଥନୈତିକ ବିକାଶ ହୋଇନାହିଁ କି ହେଉନାହିଁ। ମିଛରେ ମହିଳାମାନଙ୍କର ବିକାଶ ଘଟୁଛି ବୋଲି ଡିଣ୍ଡିମ ପିଟାଯାଉଛି। ପ୍ରକୃତରେ ସ୍ୱୟଂସହାୟକ ଗୋଷ୍ଠିର ମହିଳାମାନଙ୍କର ଦିନକର ଆୟ ୧୭.୬୭ ପଇସା। ରାଜ୍ୟରେ ଏକ ପ୍ରଚାର ସର୍ବସ୍ୱ ସରକାର ଚାଲିଛି ବୋଲି ସେ କହିଥିଲେ।

# ଆଚାର୍ଯ୍ୟ ହରିହର ଶିଶୁ ଭବନର ୪୫ ତମ ପ୍ରତିଷ୍ଠା ଦିବସ

ପୁରୀ , ୨୨/୨ (ନି.ପ୍ର): ସତ୍ୟବାଦୀ ସାକ୍ଷୀ ଗୋପାଳ ସ୍ଥିତ ଆଚାର୍ଯ୍ୟ ହରିହର ଶିଶୁ ଭବନ ପରିସରରେ ଆଜି ୪୫ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଅଜିତ ମହାପାତ୍ର ପ୍ରତିଟି ପିଲା କଠୋର ପରିଶ୍ରମ କରି ନିଜର ଲକ୍ଷ୍ୟ ହାସଲ ସହ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଆଚାର୍ଯ୍ୟ ହରିହର ଙ୍କ ଜୀବନ ଆଦର୍ଶ ତ୍ୟାଗ ଓ ସାଧୁତାର ଜୀବନ ଥିଲା। ଏହାକୁ ଅନୁସରଣ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ , ଶିଶୁ ସୁରକ୍ଷା ୟୁନିଟ ର ଆନୁଷ୍ଠାନିକ ଯନ୍ ଅଧିକାରୀ ଶୁଭ ନାରାୟଣ ଶତପଥୀ ଓ ସୁନନ୍ଦା ବାହିନୀପତି ପ୍ରତିଟି ପିଲା ମଧ୍ୟରେ ପ୍ରତିଭା ରହିଛି ।ତାହାର ଉପଯୋଗ କରି ନିଜର ପରିଚୟ ସୃଷ୍ଟି ଲାଗି ଅଧ୍ୟବସାୟ କରିବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଉପସଭାପତି ବିରେନ୍ଦ୍ର ଭୂଷଣ ହୋତା ଏଥିରେ ଅଧ୍ୟକ୍ଷତା କରିବା ସହ ଅନୁଷ୍ଠାନ ପ୍ରତିଷ୍ଠା ସମୟର କଥା,ବର୍ତମାନ ର ସ୍ଥିତି ଓ ଭବିଷ୍ୟତ ର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅନୁଷ୍ଠାନ ରେ ବର୍ତମାନ ୨୫ ପିଲା ରହୁଛନ୍ତି। ଏହାକୁ ୫୦ ପିଲା ରହିବା ବ୍ୟବସ୍ଥା କରିବାକୁ ସେ ଅନୁରୋଧ କରିଥିଲେ। ଅଧ୍ୟକ୍ଷ ଶ୍ରୀ ମହାପାତ୍ର ଏ ସମ୍ପର୍କରେ ଆଇନ ଅନୁଯାୟୀ ପଦକ୍ଷେପ ନେବେ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ରେ ଅନୁଷ୍ଠାନର ଅଧୀକ୍ଷକ ସୁବୋଧ କୁମାର ସ୍ୱାଇଁ, କାର୍ଯ୍ୟକାରୀ କମିଟି ସଦସ୍ୟ ରାଜଲକ୍ଷ୍ମୀ ଦାଶ,ବିଥିକା କର,ଅନୁଷ୍ଠାନର ଅନ୍ୟାନ୍ୟ କର୍ମକର୍ତା, କର୍ମଚାରୀ ଓ ଅନ୍ତେବାସୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତି ରେ ଅତିଥି ମାନେ ମାଲ୍ୟାର୍ପଣ କରିଥିଲେ।

# ସଂସ୍କୃତି ବିଭାଗ ପକ୍ଷରୁ ଶ୍ରାଦ୍ଧୋତ୍ସବ ଅବସରରେ ଆଚାର୍ଯ୍ୟ ହରିହର ଦାସଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୨/୨ (ନି.ପ୍ର): ସତ୍ୟବାଦୀ ବନ ବିଦ୍ୟାଳୟର ଆଦର୍ଶ ଶିକ୍ଷକ, ଉତ୍କଳମଣି ଣ୍ଡିତ ଗୋପବନ୍ଧୁ ଦାସଙ୍କ ଅନ୍ୟତମ ସହଯୋଗୀ ପଞ୍ଚସଖା ଯୁଗର ଅନ୍ୟତମ ସଦସ୍ୟ, ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ସର୍ବୋଦୟ ନେତା 'ଭଲ ମଣିଷ ହୁଅ'ର ପ୍ରବକ୍ତା ଆଚାର୍ଯ୍ୟ ହରିହର ଦାସଙ୍କ ୫୪ତମ ଶ୍ରାଦ୍ଧୋତ୍ସବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ଆଚାର୍ଯ୍ୟବିହାରସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀରେ ଭକ୍ତିପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଅଛି । ଏହି କାର୍ଯ୍ୟକ୍ରମରେ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ବନ୍ଦନା ଗାନ କରିଥିଲେ । ମୁଖ୍ୟ ଅତିଥି ଭାବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲ୍ଲୀ ରାଉତରାଏ, ଭାଗବତ ପ୍ରସାଦ ଦାସ, ଶିଶିର କୁମାର ମହାପାତ୍ର, ଆଡ୍‌ଭୋକେଟ୍ ସିଦ୍ଧାର୍ଥ ଦାସ, ବିଜୟ ସାହୁ, ପ୍ରଫେସର (ଡ.) ରଙ୍ଗାଧର ସାହୁ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ଶଙ୍କର ମହାପାତ୍ର, ଗନ୍ଧର୍ବ ଚରଣ ବେହେରା, ସଂଗୀତା ଦାସ, ସେଫାଳିକା ମହାନ୍ତି, ରାଧାରାଣୀ ପଟ୍ଟନାୟକ, ରେଣୁ ରଥ, ଅନୀତା ପାଢୀ, ପଦ୍ମିନୀ ବାରିକ ଓ ମନିରଙ୍କ ସହିତ ଆଚାର୍ଯ୍ୟ ବିହାର ପରିଷଦର ବରିଷ୍ଠ ନାଗରିକବୃନ୍ଦ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନିଜ ବକ୍ତବ୍ୟରେ ଆଚାର୍ଯ୍ୟ ହରିହରଙ୍କ ତ୍ୟାଗପୂତ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ । ଉଚ୍ଚଶିକ୍ଷା ପରେ ସରକାରୀ ଚାକିରୀ ନ କରି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସତ୍ୟବାଦୀ ବନ ବିଦ୍ୟାଳୟରେ ଶିକ୍ଷକତା କରିବା ସଂଗେସଂଗେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ତାଙ୍କଦ୍ୱାରା ଲିଖିତ ଚାଇଲ୍ଡ ଇଜି ଫାଷ୍ଟ ଗ୍ରାମାର ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ଇଂରାଜୀ ଶିକ୍ଷାରେ ସବୁ ସମୟରେ ସହାୟତାର ହାତ ବଢାଇଆସିଛି । ଜଣେ ସର୍ବୋଦୟ କର୍ମୀ ଭାବରେ ସମଗ୍ର ରାଜ୍ୟ ବୁଲି ଲୋକଙ୍କ ସେବା କରିବା ସହ ଭଲ ମଣିଷ ହୁଅ ବୋଲି ବାର୍ତ୍ତା ଦେଇ ସେ ସମାଜ କଲ୍ୟାଣରେ ନିଜକୁ ନିୟୋଜିତ କରିଥିଲେ । ତାଙ୍କ ନୀତି, ଆଦର୍ଶ ଯୁଗେଯୁଗେ ଛାତ୍ର ଓ ଯୁବ ସମାଜକୁ ଅନୁପ୍ରାଣିତ କରିବ ବୋଲି ମତ ଦେଇ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ ।

# କନ୍ୟା ସନ୍ତାନମାନଙ୍କ ସମାନତା ଓ ଶିକ୍ଷା ନିମନ୍ତେ କର୍ମଶାଳା

ବଲାଙ୍ଗୀର, ୨୨/୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ପାଟଣାଗଡ ଉପଜିଲ୍ଲାପାଳଙ୍କ ହରିଶଙ୍କର ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ବଲାଙ୍ଗୀର ତରଫରୁ କନ୍ୟା ସନ୍ତାନ ମାନଙ୍କ ସମାନତା ଓ ଶିକ୍ଷା ନିମନ୍ତେ ନିରନ୍ତର ଗତିଶିଳତା ଜାରି ରଖିବା ପାଇଁ ଧାର୍ମିକ ମୁଖିଆ, ନିର୍ବାଚିତ ପ୍ରତିନିଧି, ଗୋଷ୍ଠୀ ମୁଖ୍ୟ,ସିଡିପିଓ ଓ ଆଇସିଡିଏସ ସୁପର ଭାଇଜର ମାନଙ୍କର ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାର ଉଦ୍ଦେଶ୍ୟ ସମାଜରେ କନ୍ୟା ସନ୍ତାନ ମାନଙ୍କ ସମାନତା, ଉଚ୍ଚ ଶିକ୍ଷା ଓ ବାଲ୍ୟବିବାହ,ଯୌନ ନିର୍ଯାତନା,ଲିଙ୍ଗାଗତ ବୈଷମ୍ୟତା ଦୂରୀକରଣ।ଏହି କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ ସମିତିର ପୂର୍ବତନ ସଦସ୍ୟ ଡକ୍ଟର ଗୋଦାବରୀଶ ରଥ,ଜିଲ୍ଲା ସଂଯୋଜକ ସନ୍ଧ୍ୟାରାନୀ ପତି ବାଲ୍ୟ ବିବାହ ବନ୍ଦ୍ କରିବାକୁ ପିପିଟି ମାଧ୍ୟମରେ ଜଣାଇଥିଲେ। ଜିଲ୍ଲା ଶିଶୁ ଶିଶୁ ସୁରକ୍ଷା ୟୁନିଟ ତରଫରୁ ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତି ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କର ସୁଦକ୍ଷା ଯୋଜନା ଓ ବିଭିନ୍ନ ଆଇନଗତ ଦିଗ ଉପରେ ବୁଝାଇ କହିଥିଲେ। ଅରୁଣ ଖୁଆସ କହିଥିଲେ ଯେ, ଧାର୍ମିକ ଗୋଷ୍ଠିର ମୁଖ୍ୟ , ଜ୍ୟୋତିଷ ମାନେ ସମ୍ମିଳିତ ଭାବେ କିପରି ସମସ୍ତ ଶିଶୁ କନ୍ୟାଙ୍କୁ ସମାନ ଅଧିକାର ଦେଇ ବାଲ୍ୟ ବିବାହ, ଲୀଙ୍ଗଗତ ବୈଷମତାକୁ ଦୂର କରିବାକୁ ବୁଝାଇ କହିଥିଲେ।ସିଡିପିଓ, ସୁପର ଭାଇଜର ମାନେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ପରିଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ଅରୁଣ ଖୁଆଶ ଧନ୍ୟବାଦ୍ ଅର୍ପାନ କରି ସେବା ଶେଷ କରିଥିଲେ।

# କନ୍ଧମାଳ ଜିଲ୍ଲା ଡିଡିସି କମିଟି ନଷ୍ଟ କଲା ୨୪୨୧ କିଗ୍ରା ଗଞ୍ଜେଇ

କନ୍ଧମାଳ, ୨୨/୨ (ନି.ପ୍ର): କନ୍ଧମାଳ ଜିଲ୍ଲାର ବିଭିନ୍ନ ଥାନାରେ ଜବତ୍ ହୋଇଥିବା,୩୯ ଟି ମାମଲା ରେ ଜବତ ହୋଇଥିବା ୨୪୨୧ କିଗ୍ରା ୯୮୦ ଗ୍ରାମ ଗଞ୍ଜେଇକୁ ପୋଡି ନଷ୍ଟ କରାଯାଇଛି। କନ୍ଧମାଳ ଜିଲ୍ଲା ଡିଡିସି କମିଟି ଦ୍ୱାରା ଆଜି ଗଞ୍ଜାମ ଜିଲ୍ଲା ସେରଗଡ଼ ଠାରେ ଥିବା ପ୍ଲାଣ୍ଟ ରେ ନିଷ୍କାସନ ପ୍ରକ୍ରୀୟାକୁ ଅନୁସରଣ କରି ଉପୋରୋକ୍ତ ପରିମାଣର ଗଞ୍ଜେଇ ନଷ୍ଟ କରାଯାଇଛି। ଏହିସବୁ ଗଞ୍ଜେଇ,କନ୍ଧମାଳ ଜିଲ୍ଲା ଫୁଲବାଣୀ ଆଦର୍ଶ ଥାନାର ଗୋଟିଏ, ଫିରିଙ୍ଗିଆ ଥାନାର ୨୬ ଟି, ଖଜୁରୀପଡ଼ା ୫,କ.ନୂଆଗାଁ ୩ ଏବଂ ତୁମୁଡିବନ୍ଧ ଥାନା ର ୪ ଟି ମାମଲା ସମେତ ମୋଟ ୩୯ଟି ମାମଲା ର ଜବତ ହୋଇଥିବା ଏହି ସବୁ ଗଞ୍ଜେଇକୁ କନ୍ଧମାଳ ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରବୀର କୁମାର ସାମଲଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ ଓ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତି ରେ ପୋଡି ନଷ୍ଟ କରାଯାଇଥିବା ନେଇ, କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର ସୂଚନା ଦେଇଛନ୍ତି।

# ରାସ୍ତା ଉପରେ କ୍ଲବ ଘରକୁ ଗ୍ରାମାବସୀଙ୍କ ବିରୋଧ

କେନ୍ଦ୍ରାପଡ଼ା, ୨୨/୨ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ୬ନଂ ୱାର୍ଡ ଗୌଡଗୋପ ଗ୍ରାମର ମୁଖ୍ୟ ରାସ୍ତାକୁ ମଡାଇ କିଛି ଲୋକ ଏକ କ୍ଲବ ଘର କରିଥିବାରୁ ଗ୍ରାମ ଭିତରକୁ ସ୍କୁଲ ଗାଡି, ଦମକଳ, ଆମ୍ବୁଲାନ୍ସ ଆଦି ଜରୁରୀ କାଳୀଣ ସେବା ଗାଡି ଗୁଡ଼ିକ ପ୍ରବେଶ କରିପାରୁ ନାହିଁ । ଯାହା ଫଳରେ ଏହି ୱାର୍ଡ ଏବଂ ଆଖପାଖ ଅଂଚଳରେ ବସବାସ କରୁଥିବା ୨ ହଜାର ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଯାତାୟତ ରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଏ ବିଷୟରେ ଗ୍ରାମବାସୀମାନେ ପୌର ନିର୍ବାହୀ ଅଧିକାରୀ, ପୌର ଅଧ୍ୟକ୍ଷାଙ୍କୁ ଜଣାଇ ଥିଲେ ମଧ୍ୟ ଏପର୍ଯ୍ୟନ୍ତ କୋଣସି ପଦକ୍ଷେପ ନ ନେବାରୁ ଗ୍ରାମର ଶତାଧିକ ଲୋକ ବୁଧବାର ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ବେଆଇନ ଭାବେ ନିର୍ମାଣ କରାଯାଇ ଥିବା କ୍ଲବ ଘରକୁ ଉଚ୍ଛେଦ କରିବା ପାଇଁ ଦାବି କରିଛନ୍ତି ।

## ତାଟି ବାହାରକୁ ଆସେନି ଅଣସର ପ୍ରସାଦ



ଅଣସର ବା ମହାଅଣସରରେ ଚତୁର୍ଦ୍ଧାବିଗ୍ରହଙ୍କ ଉପଚାର ହୁଏ। ଏହି ଉପଚାର କାଳରେ ମହାପ୍ରଭୁଙ୍କର ହୁଏ ସ୍ନାନ ଆଉ ପ୍ରସାଦ ଲାଗି। ଲାଗି ପ୍ରସାଦ ସେହିଠାରେ ହିଁ ସେବନ କରାଯାଏ। ତାଟି ବାହାରକୁ ଲାଗି ପ୍ରସାଦ ନିଷେଧ ରହିଛି ଶାସ୍ତ୍ରରେ।

ଅଣସର ବା ମହାଅଣସର ହେଉଛି ଠାକୁରଙ୍କ ଗୁପ୍ତ ସେବା। ଏହି ସେବାକୁ କେବଳ ବିଦ୍ୟାପତି ଓ ବିଶ୍ୱାବସୁ ପରିବାର ସମ୍ପନ୍ନ କରନ୍ତି। ଅନ୍ୟ ସେବକ ତ ଦୂରର କଥା, ବଡ଼ ଦେଉଳ ଭିତରେ ଥିବା ଦେବବୋମାନେ ମଧ ଦେଖନ୍ତି ନାହିଁ। କଳାହାଟ ଦ୍ୱାର ନିକଟରେ ହେଉଥିବା ଏହି ଗୁପ୍ତ ସେବାକୁ ସମସ୍ତଙ୍କ ନଜରରୁ ଦୂରେଇ ରଖିବା ପାଇଁ ଚତୁପାର୍ଶ୍ୱକୁ ବାଉଁଶ ତାଟିରେ ଆବଦ୍ଧ କରାଯାଏ। ସେହି ତାଟି ଭିତରେ ହୁଏ ମହାପ୍ରଭୁଙ୍କ ସ୍ନାନ, ପ୍ରସାଦ ଲାଗି ଓ ସେବା। ଭିତରର କୌଣସି ଲାଗି ଦ୍ରବ୍ୟ ତାଟି ବାହାରକୁ ଆସିବ ନାହିଁ। ଏହା ଶାସ୍ତ୍ରର ନିର୍ଦ୍ଦେଶ। ତାଟି ବାହାରକୁ ଆସିଲେ ହେବ ମହାପାପ ବା ଧାର୍ମିକ ଅପରାଧ। ଗୁପ୍ତ ସେବାରେ ଲାଗି ଦ୍ରବ୍ୟର ଦର୍ଶନ ଓ ସେବନ ନର୍କଭୋଗ କରାଏ ବୋଲି ସ୍କନ୍ଦ ପୁରାଣ, ବାମଦେବ ସଂହିତା, ନୀଳାଦ୍ରି ମହୋଦୟରେ ସ୍ପଷ୍ଟ କରାଯାଇଛି।

ଶ୍ରୀଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ମହାପ୍ରଭୁଙ୍କ ଅଣସର ବା ମହାଅଣସର ଅତ୍ୟନ୍ତ ଗୋପନୀୟ ସେବା। ଅଣସର ସମୟରେ ମହାପ୍ରଭୁ ରୋଗାକ୍ରାନ୍ତ ଥାନ୍ତି। ତାଙ୍କର ଉପଚାର ହୁଏ। ଉପଚାର ସମୟରେ ତରଳ ବା ସହଜ ଖାଦ୍ୟ ଦିଆଯାଏ। ସେହିପରି ମହାଅଣସରରେ ମହାପ୍ରଭୁ ନବଜାତ ଶିଶୁ ସମାନ ଥାନ୍ତି। ତାଙ୍କର ସେବାଯତ୍ନ ନିଆଯାଏ। ନବଜାତ ଶିଶୁ ଯେପରି ତରଳ ଓ ସହଜ ଖାଦ୍ୟ ଦିଆଯାଏ, ମହାଅଣସର ସମୟରେ ମହାପ୍ରଭୁଙ୍କ ସେମିତି ଦିଆଯାଏ। ସ୍କନ୍ଦ ପୁରାଣ ଓ ବାମଦେବ ସଂହିତା ଅନୁଯାୟୀ ଏହି ସମୟରେ ମିସିରି, କର୍ପୁର, ଦୁଗ୍ଧମିଶ୍ରିତ ପଣା ଦିଆଯାଏ। ଏହା ବ୍ୟତୀତ ଛେନା, ସର, ମିସିରି, କର୍ପୁରଯୁକ୍ତ ଚକଟା ଭୋଗ ଲାଗି କରାଯାଏ। ଏହି ସମସ୍ତ ସେବା ଭିତରେ ବାଉଁଶ ତାଟି ଘେରାରେ ହୁଏ। ସେହି ପ୍ରସାଦ ଓ ଅଙ୍ଗଲାଗି ଦ୍ରବ୍ୟ ତାଟି ବାହାରକୁ ଆସିବ ନାହିଁ। ପ୍ରସାଦକୁ ବିଶ୍ୱାବସୁ ଓ ବିଦ୍ୟାପତି ସେବକମାନେ ସେହିଠାରେ ସେବନ କରିବେ। ତାକୁ କେହି ଦେଖିବେ ନାହିଁ କି ସେବନ କରିବେ ନାହିଁ। ପଣା ଏବଂ ଚକଟା ଭୋଗ ଦେଖିଲେ ବା ସେବନ



କଲେ, ନର୍କରେ ପଡ଼ିବେ ବୋଲି ଶାସ୍ତ୍ରରେ ଦର୍ଶାଯାଇଛି। କେବଳ ଦ୍ୱାଦଶୀ ଦିନ ଅଣସର ଘରୁ ପ୍ରସାଦ ବାହାରିଥାଏ। ଏପରିକି ଠାକୁରଙ୍କ ଭୋଗ ଲାଗି ହେବାପରେ ତାକୁ କେହି ଦେଖିବା କଥା ନୁହେଁ। ଦଇତା ସେବକମାନେ ସେଠାରେ ଦେହିଦିନ ରାଜପ୍ରସାଦ ବାହାରି ଗଜପତିଙ୍କ ନିକଟକୁ ଯାଇଥାଏ। ଏହାପରେ ଅଣସର ଘରେ ମହାପ୍ରଭୁଙ୍କ ଲାଗି ହେଉଥିବା ପ୍ରସାଦକୁ ଭକ୍ତମାନେ ପାଇବାରେ କୌଣସି ବାଧା ରହିନଥାଏ।

ଜ୍ୟୋତିର୍ବିଦ୍ୟା ବାଚସ୍ପତି ବୈକୁଣ୍ଠନାଥ ନାୟକଙ୍କ କହିବା ଅନୁଯାୟୀ ବାମଦେବ ସଂହିତା, ନୀଳାଦ୍ରି ମହୋଦୟ, ସ୍କନ୍ଦ ପୁରାଣରେ ଠାକୁରଙ୍କ ଅଣସର ଭୋଗ କଥା ସ୍ପଷ୍ଟ ଉଲ୍ଲେଖ ରହିଛି। ସେଥିରେ ଦର୍ଶାଯାଇଛି, ମହାପ୍ରଭୁଙ୍କ ଅଣସର ଭୋଗ ଭକ୍ତମାନେ ପାଇବା କଧଥା ନୁହେଁ।



ନରହିବାକୁ ଶାସ୍ତ୍ରରେ ନିର୍ଦ୍ଦେଶକ ରହିଛି। ଶାସ୍ତ୍ର ଅନୁଯାୟୀ: 'ପ୍ରପାନକାଦି ଭୋଗାଂଷ୍ଟ ବିଦ୍ୟାପତିକୁଳୋଦ୍ଭବାଃ

କୁର୍ବନ୍ତି ଭୋଗକାଳେ ତେ ଶବରାଷ୍ଟ ବହିଷ୍କୃତାଃ'

ଅର୍ଥାତ୍ ପଣା ଭୋଗ ବା ଚକଟା ଭୋଗ ହେବା ପୂର୍ବରୁ ଅଣସର ଘରୁ ଶବର ସେବକମାନଙ୍କୁ ଅପସାରଣ କରି ଦିଆଯିବ। ବିଦ୍ୟାପତି ସେବକ ଭୋଗ ଲାଗି କରିବେ। ଭୋଗ ସରିବା ପରେ ଶବର ସେବକମାନେ ତାଟି ଭିତରେ ପ୍ରବେଶ କରିବେ। ଏହି ଦେବଭୋଜ୍ୟ ହବିଷାନ୍ନକୁ ସେହିଠାରେ ହିଁ ଅଧିକୃତ ସେବକ ସେବନ କରିବେ ଓ ସେହିଠାରେ ବିସର୍ଜନ କରିବେ। ଏହା ବାହାରକୁ ଆସିବା ଶାସ୍ତ୍ରବିରୋଧୀ।





ମୁଖ୍ୟମନ୍ତ୍ରୀ ମତ୍ସ୍ୟଜିବୀ କଲ୍ୟାଣ ଯୋଜନା ଅର୍ନ୍ତଗତ

ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ଯୋଜନା "ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ ପାଇଁ ସହାୟତା"

ଆମ ରାଜ୍ୟ ଓଡ଼ିଶାରେ ୫୯୩୪୩ ହେକ୍ଟର ପରିମିତ ପ୍ରାୟ ୬୪୦୦୦ ଗ୍ରାମ ପଞ୍ଚାୟତ ପୋଖରୀ ଅଛି। ଏଥିରୁ ଅଧିକାଂଶ ପୋଖରୀ ଅବ୍ୟବହୃତ ହୋଇ ରହିଛି। ୨୦୧୮ ମସିହାରେ ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଏକ ନୀତି ନିର୍ଦ୍ଧାରଣ କରାଯାଇ ପଞ୍ଚାୟତ ପୋଖରୀ ଗୁଡ଼ିକୁ ମାଛ ଚାଷ ନିମନ୍ତେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କୁ ଦୀର୍ଘମିଆଦି (୩ ରୁ ୫ ବର୍ଷ) ସୂତ୍ରରେ ଲିଜ ପ୍ରଦାନ ବ୍ୟବସ୍ଥା କରାଯାଇଛି। ଏହାପରେ ୨୦୧୮-୧୯ ରୁ ମିଶନଶକ୍ତି, ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ଓ ମତ୍ସ୍ୟ ଓ ପଶୁ ସଂପଦ ବିକାଶ ବିଭାଗର ମିଳିତ ଉଦ୍ୟମରେ "ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ ପାଇଁ ସହାୟତା" ନାମରେ ଏକ ରାଜ୍ୟ ଯୋଜନା କାର୍ଯ୍ୟକାରୀ ହେଉଛି।



ଯୋଜନାର ଲକ୍ଷ:

ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ ଦ୍ୱାରା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ପାଇଁ ଏହା ଆର୍ଥିକ ସ୍ୱାବଲମ୍ବୀର ସୁଯୋଗ ସୃଷ୍ଟି କରିବ। ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ହେବା ସହ ଗ୍ରାମାଞ୍ଚଳରେ ଅପପୁଷ୍ଟି ଦୂରୀକରଣ ଓ ସାଧାରଣରେ ମାଛ ଚାଷ ପ୍ରତି ଆଗ୍ରହ ସୃଷ୍ଟି କରିବ।

ଯୋଜନାର କାର୍ଯ୍ୟକାରିତା:

ଏହି କାର୍ଯ୍ୟକ୍ରମର ବିପୁଳ ସଫଳତା ପରେ ମିଶନ ଶକ୍ତି ଅଧିନ ପ୍ରାୟ ୬୦୦୦ ଅଧିକ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ୨୦୨୧-୨୨ ରୁ ୨୦୨୩-୨୪ ମଧ୍ୟରେ ଚିହ୍ନଟ କରାଯାଇ ଏହି ଯୋଜନାରେ ସାମିଲ କରାଯିବ। ପଞ୍ଚାୟତ ପୋଖରୀକୁ ଚିହ୍ନଟ କରାଯାଇ ମହିଳା ଗୋଷ୍ଠୀମାନଙ୍କୁ ଦୀର୍ଘମିଆଦି ସୂତ୍ରରେ ଲିଜ ପ୍ରଦାନ କରାଯିବ। ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ମାଛଚାଷ ନିମନ୍ତେ ନିୟମିତ ବୈଷୟିକ ପରାମର୍ଶ ପ୍ରଦାନର ବ୍ୟବସ୍ଥା କରାଯାଇଛି। ମାଛଚାଷ ପାଇଁ ଆବଶ୍ୟକ ଉନ୍ନତ ଯାଆଁଳ, ମାଛଖାଦ୍ୟ, ସାର ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଣ ବାବଦରେ ହେକ୍ଟର ପ୍ରତି ପ୍ରକଳ୍ପ ମୂଲ୍ୟ ଟ. 4,00,000/- ଉପରେ ୬୦ ପ୍ରତିଶତ ଅର୍ଥାତ ହେକ୍ଟର ପ୍ରତି ସର୍ବାଧିକ ଟ 2,40,000/- ରିହାତି ପ୍ରଦାନର ବ୍ୟବସ୍ଥା କରାଯାଇଛି।

ମାଛ ଚାଷ ପାଇଁ ମିଳୁଥିବା ସହାୟତା (୧ ହେକ୍ଟର ପରିମିତ ପୋଖରୀ ପାଇଁ)

| ପ୍ରକଳ୍ପର ନାମ | ୟୁନିଟ୍ | ୟୁନିଟ୍ ମୂଲ୍ୟ (ଟଙ୍କାରେ) | ମହିଳା ଗୋଷ୍ଠୀଙ୍କ ସହଯୋଗ | ମୋଟ ଟଙ୍କା | ସରକାରୀ ସହାୟତା |
|---|---|---|---|---|---|
| ପୋଖରୀ ହୁଡ଼ା ମରାମତି ଦଳ ସଫା ଓ ଅନ୍ୟାନ୍ୟ | L.S | L.S | ୧୦,୦୦୦.୦୦ | ୧୦,୦୦୦.୦୦ | ୬,୦୦୦.୦୦ |
| ଦଳ ପରିଚାଳନା ଓ ଦଳ ମାପକ | L.S | L.S | ୨,୦୦୦.୦୦ | ୨,୦୦୦.୦୦ | ୧,୨୦୦.୦୦ |
| ଚୂନ | ୯୦୦kg. | @Rs.12/ kg | | ୧୦,୦୦୦.୦୦ | ୬,୪୮୦.୦୦ |
| କଞ୍ଚା ଗୋବର, ଆମୋନିଆ ନିୟନ୍ତ୍ରଣ ଓ ଅନ୍ୟାନ୍ୟ | L.S | L.S | ୩,୯୦୦.୦୦ | ୧୧,୧୦୦.୦୦ | ୬,୬୬୦.୦୦ |
| ମାଛ ଜାଆଁଳ ସହିତ ଟ୍ରାନ୍ସପୋର୍ଟ | ୫୦୦୦ ନଂ | @Rs.12/- ଆଙ୍ଗୁଳିକ | | ୬୦,୦୦୦.୦୦ | ୩୬,୦୦୦.୦୦ |
| ମାଛ ଖାଦ୍ୟ 1.5 : I FCR | 7500 kg | Rs. 36/ kg | ୧,୦୮,୦୦୦.୦୦ | ୨,୭୦,୦୦୦.୦୦ | ୧,୬୨,୦୦୦.୦୦ |
| ମାଛ ଧରା / ହେ.କ୍ଟ. ଔଷଧ | L.S | L.S | ୧୫,୦୦୦.୦୦ | ୧୫,୦୦୦.୦୦ | ୯,୦୦୦.୦୦ |
| ଖଣିଜ ଲବଣ, ଅକ୍ସିଜେନ ଟାବଲେଟ୍ ଅନ୍ୟାନ୍ୟ | L.S | L.S | ୧୦,୦୦୦.୦୦ | ୧୦,୦୦୦.୦୦ | ୬,୦୦୦.୦୦ |
| ପାର୍ମ ମଜୁରୀ ଓ ଅନ୍ୟାନ୍ୟ ଖର୍ଚ୍ଚ | L.S | L.S | ୧୧,୧୦୦.୦୦ | ୧୧,୧୦୦.୦୦ | ୬,୬୬୦.୦୦ |
| ମୋଟ ମାଛ ଚାଷ ଖର୍ଚ୍ଚ | | | ୧,୬୦,୦୦୦.୦୦ | ୪,୦୦,୦୦୦.୦୦ | ୨,୪୦,୦୦୦.୦୦ |

ଗାଁ ପୋଖରୀରେ ମାଛ ଚାଷ, ମହିଳାଙ୍କୁ କରିବ ସଶକ୍ତ।

ଅଧିକ ବିବରଣୀ ଓ ସହାୟତା ନିମନ୍ତେ ବ୍ଲକରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ କିମ୍ବା ଜିଲ୍ଲା ମତ୍ସ୍ୟ ଅଧିକାରୀ ଭଦ୍ରକଙ୍କ ସହିତ ଯୋଗାଯୋଗ କରନ୍ତୁ।

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର


## ନିଆଁରେ ଡେଇଁଲେ ପାପ ଧୋଇଯାଏ !



ଗ୍ରୀଷ୍ମଋତୁକୁ ସମ୍ମାନ ଜଣାଇବା ପାଇଁ ୟୁକ୍ରେନ୍‌ର କିଭ୍‌ରେ ଆୟୋଜିତ ହୋଇଛି। ଇଭାନ୍ କୁପାଲା ବା କୁପାଲା ନାଇଟ୍। ପ୍ରାଗ୍-ଐତିହାସିକ ଯୁଗରୁ ଏହା ପାଳିତ ହୋଇଆସୁଛି। ସ୍ୱାସ୍ଥ୍ୟ, ସମ୍ପଦ ଓ ସ୍ନେହ ଶ୍ରଦ୍ଧା ପାଇଁ ହଜାର ହଜାର ଲୋକେ ଏହି ମାଙ୍ଗଳିକ ଅନୁଷ୍ଠାନରେ ସାମିଲ ହୋଇଥାନ୍ତି। କିଭ୍‌ର ଅନେକ ସ୍ଥାନରେ ଲୋକେ ଇଭାନ୍ କୁପାଲା ଉତ୍ସବର ମଜା ନେଇଥାନ୍ତି। ସ୍ଥାନୀୟ ଅଞ୍ଚଳରେ ଏହା ଏକ ଛୁଟିଦିନ। ଏ ଅବସରରେ ଲୋକେ ପାରମ୍ପରିକ ପୋଷାକରେ ଅଗ୍ନି ଉପରକୁ ଲମ୍ଫ ଦିଅନ୍ତି। ଏଭଳି କରିବା ଦ୍ୱାରା ପାପ ଧୋଇ ହୋଇଯାଏ ଏବଂ ବର୍ଷସାରା ଲୋକେ ଖୁସିରେ ରହନ୍ତି ବୋଲି ବିଶ୍ୱାସ ରହିଛି।

## ଚାଷ

ଜଳସେଚନର ସୁବିଧା ଥିଲେ ଢ଼ିପ ଜମିରେ ରସୁଣ ଲଗାଇବା ପାଇଁ ଜମି ପ୍ରସ୍ତୁତ କରନ୍ତୁ। ଉନ୍ନତ



କିସମ: ଫଓ୍ୱାର, ଗାଜଲବାଡ଼ି, ଜାମନଗର ଓ ଜି-୨୮୩ ଲଟାକ୍। ଏକର୍ ପ୍ରତି ୨୦୦ରୁ ୨୮୦ ଗ୍ରାମ୍ ରସୁଣ କୋଳା ବିହନ ଭାବେ ବ୍ୟବହାର କରନ୍ତୁ। ଜମିକୁ ଭଲ ଭାବେ ଗୁଣ୍ଡ ଚାଷ କରି ଘାସ ବାଛିଦିଅନ୍ତୁ। ଏକର୍ ପ୍ରତି ଦଶ ଟନ୍ ଶଢ଼ା ଗୋବର ଖତ ପ୍ରୟୋଗ କରନ୍ତୁ ଶେଷ ଓଡ଼ ଚାଷ ସମୟରେ ଏକର୍ ପ୍ରତି ଚବିଶ କିଗ୍ରା ଯବକ୍ଷାରଜାନ, ଚବିଶ କିଗ୍ରା ଫସ୍‌ଫରସ୍ ଓ ଚବିଶ କିଗ୍ରା ପଟାସ୍ ସାରକୁ ମୂଳ ସାର ଭାବେ ପ୍ରୟୋଗ କରନ୍ତୁ। ଧାଡ଼ି ମଧ୍ୟରେ କୋଡ଼ିଏ ସେମି ଏବଂ ଗଛ ମଧ୍ୟରେ ଆଠ ସେମି ବ୍ୟବଧାନ ରଖି ବିହନ ପୋତନ୍ତୁ। ବିହନ ପୋତିବା ପରେ ହାଲୁକା ଜଳସେଚନ କରନ୍ତୁ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୨୩ ଫେବୃଆରୀ ୨୦୨୪, ଶୁକ୍ରବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସଂରକ୍ଷଣ...

ଦୀର୍ଘ ଚାରି ଦଶନ୍ଧି ଧରି ଆରକ୍ଷଣକୁ ନେଇ ମହାରାଷ୍ଟ୍ରରେ ଚାଲିଥିବା ମରାଠା ଆନ୍ଦୋଳନର ମଙ୍ଗଳବାର ଦିନ ଅନ୍ତ ହୋଇଛି । ମହାରାଷ୍ଟ୍ରରେ ଶିକ୍ଷା ଓ ସରକାରୀ ଚାକିରିରେ ମରାଠା ଓ ସମୁଦାୟକୁ ଦଶ ପ୍ରତିଶତ ଆରକ୍ଷଣ ପ୍ରଦାନ କରିଥିବା ଏକ ବିଲ୍ ସର୍ବସମ୍ମତି କ୍ରମେ ପାରିତ କରିଦିଆଯାଇଛି । ଥରେ ଆରକ୍ଷଣ ଲାଗୁ ହୋଇଯିବା ପରେ ଦଶ ବର୍ଷ ପରେ ଏହାର ସମୀକ୍ଷା କରାଯାଇପାରେ ବୋଲି ଏଥିରେ କୁହାଯାଇଛି। ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ବିଧାନମଣ୍ଡଳର ଏକଦିବସୀୟ ସେସନ୍ ସମୟରେ ଦୁଇଟି ସାରା ସଦନରେ ପଛୁଆ ବର୍ଗଙ୍କ ପାଇଁ ଦଶ ପ୍ରତିଶତ ଆରକ୍ଷଣ ଦେବାର ପ୍ରାବଧାନ ରଖୁଛନ୍ତି । କୃଷକ, ଜମିଦାର ଓ ଅନ୍ୟ ବର୍ଗର ଲୋକଙ୍କୁ ସାମିଲ କରି ମହାରାଷ୍ଟ୍ରରେ ମରାଠାମାନେ ହେଉଛନ୍ତି ଜାତିଗୁଡ଼ିକର ଏକ ସମୂହ । ମହାରାଷ୍ଟ୍ରର ଜନସଂଖ୍ୟାରେ ମରାଠା ସମୁଦାୟଙ୍କ ସଂଖ୍ୟା ୩୦ ପ୍ରତିଶତରୁ ଅଧିକ ଓ ମରାଠା ସମୁଦାୟକୁ ଦିଆଯାଇଥିବା ଏହି ଦଶ ପ୍ରତିଶତ ଆରକ୍ଷଣ ମହାରାଷ୍ଟ୍ର ରାଜ୍ୟର ପଛୁଆ ବର୍ଗ ଆୟୋଗର ରିପୋର୍ଟକୁ ଆଧାର କରି ତିଆରି କରାଯାଇଛି । ଗତ ସପ୍ତାହରେ ଆୟୋଗ ମରାଠା ସମୁଦାୟର ସାମାଜିକ, ଆର୍ଥିକ ଓ ଶିକ୍ଷା ସମ୍ବନ୍ଧୀୟ ପଛୁଆ ବର୍ଗର ୨.୫ କୋଟି ପରିବାରଙ୍କ ଉପରେ ସର୍ବେକ୍ଷଣ କରି ରିପୋର୍ଟ ପ୍ରସ୍ତୁତ କରିଥିଲା। ତେବେ ଏ ବର୍ଷ କରାଯାଇଥିବା ସର୍ବେକ୍ଷଣରେ ମରାଠା ସମୁଦାୟର ୮୪ ପ୍ରତିଶତ ପରିବାର ଉନ୍ନତ ଶ୍ରେଣୀ ମଧ୍ୟରେ ଆସୁ ନାହାନ୍ତି ବୋଲି ଜଣାପଡ଼ିଛି । କ୍ଷେତରୁ କମ୍ ଆୟ, ଚାଷବାସର ଅଭାବ, କୃଷି ସହିତ ଜଡ଼ିତ ପାରମ୍ପରିକ ପ୍ରତିଷ୍ଠାନରେ ହାନି ଓ ଯୁବ ପିଢ଼ିଙ୍କର ଶିକ୍ଷାଗତ ପ୍ରଶିକ୍ଷଣର ଅଭାବ ଆଦି କାରଣରୁ ମରାଠା ସମୁଦାୟର ଆର୍ଥିକ ସ୍ଥିତି ଖରାପ ହୋଇଛି । ଏଥିପାଇଁ ସେମାନେ ଆରକ୍ଷଣର ପାତ୍ର ବୋଲି ଏଥିରେ କୁହାଯାଇଛି। ବର୍ତ୍ତମାନ ରାଜ୍ୟର ୫୨ ପ୍ରତିଶତ ଆରକ୍ଷଣରୁ ଅନୁସୂଚିତ ଜାତିଙ୍କ ପାଇଁ ୧୫ ପ୍ରତିଶତ, ଅନୁସୂଚିତ ଜନଜାତିଙ୍କ ପାଇଁ ୭.୫ ପ୍ରତିଶତ, ଅନ୍ୟ ପଛୁଆ ବର୍ଗଙ୍କ ପାଇଁ ୨୭ ପ୍ରତିଶତ ଓ ଅନ୍ୟ ଜାତିଙ୍କ ପାଇଁ ୨.୫ ପ୍ରତିଶତ ଆରକ୍ଷଣର ବ୍ୟବସ୍ଥା ରହିଛି । ତଥ୍ୟ ଅନୁସାରେ ମହାରାଷ୍ଟ୍ରରେ ମରାଠା ସମୁଦାୟ ପାଇଁ ଆରକ୍ଷଣର ଦାବି ଚାରି ଦଶକ ପୂର୍ବରୁ ଆରମ୍ଭ ହୋଇଥିଲା କିନ୍ତୁ ଗତ ବର୍ଷ ଅଗଷ୍ଟ ମାସରେ ଏହି ମୁଦ୍ଦା ପୁଣି ଥରେ ଚର୍ଚ୍ଚାର ପରିସରକୁ ଆସିଥିଲା। ମରାଠା ନେତା ମନୋଜ ଜରାଙ୍ଗଙ୍କ ନେତୃତ୍ୱରେ ଲୋକମାନେ ୨୯ ଅଗଷ୍ଟରୁ ଜାଲ୍ନା ଜିଲ୍ଲାରେ ମରାଠା ସମୁଦାୟ ପାଇଁ ଆରକ୍ଷଣର ଦାବିରେ ଅନଶନ ଆରମ୍ଭ କରିଥିଲେ। ଏହା ସହିତ ସେ ମରାଠା ସମୁଦାୟ ପାଇଁ କୁନ୍‌ବୀ ଜାତିର ପ୍ରମାଣ ପତ୍ର ପାଇଁ ଦାବି କରିଥିଲେ। ମହାରାଷ୍ଟ୍ରରେ ମରାଠା ସମୁଦାୟ ପାଇଁ ସରକାରୀ ଚାକିରି ଓ ଶିକ୍ଷା କ୍ଷେତ୍ରରେ ଆରକ୍ଷଣର ଦାବି ଆରମ୍ଭ ହୋଇଥିଲା ୧୯୯୭ ମସିହାରୁ । ସେ ସମୟରେ ମରାଠା ସଂଘ ଓ ମରାଠା ସେବା ସଂଘ ସରକାରୀ ଚାକିରି ଓ ଶିକ୍ଷା ସଂସ୍ଥାଗୁଡ଼ିକରେ ଆରକ୍ଷଣ ପାଇଁ ପ୍ରଥମ ଥର ବଡ଼ ଧରଣର ଆନ୍ଦୋଳନ କରିଥିଲେ। ପ୍ରଦର୍ଶନକାରୀଙ୍କ ଅନୁସାରେ ମରାଠା ସମୁଦାୟ ଉଚ୍ଚ ଜାତିର ନୁହେଁ କିନ୍ତୁ ମୂଳତଃ କୁନ୍ ଅର୍ଥାତ କୃଷି ସମୁଦାୟ ସହିତ ସେମାନେ ଜଡ଼ିତ। ତେବେ ବର୍ତ୍ତମାନ ସ୍ଥିତି ଉପରେ କହିବାକୁ ଗଲେ ମହାରାଷ୍ଟ୍ରର ଜନସଂଖ୍ୟାର ପାଖାପାଖି ୩୧ ପ୍ରତିଶତ ହେଉଛନ୍ତି ମରାଠା ସମୁଦାୟ । ଏମାନେ ଏକ ପ୍ରମୁଖ ଜାତି କିନ୍ତୁ ସମରୂପ ବା ଏକ ସମାନ ନୁହଁନ୍ତି। ଏଥିରେ ପୂର୍ବ ସାମନ୍ତୀ ଅଭିଜାତ ବର୍ଗ ଓ ଶାସକମାନଙ୍କ ସହିତ ସବୁଠାରୁ ଅଧିକ ବଞ୍ଚିତ କୃଷକ ସାମିଲ ଅଛନ୍ତି। ରାଜ୍ୟରେ ପ୍ରାୟତଃ କୃଷି ସଂକଟ, ଚାକିରିର ଅଭାବ ଓ ସରକାରଙ୍କ ଅସମ୍ପୂର୍ଣ୍ଣ ପ୍ରତିଶ୍ରୁତି ପାଇଁ ଏହି ସମୁଦାୟ ଆନ୍ଦୋଳନ କରିଛନ୍ତି। ୨୦୧୮ରେ ମହାରାଷ୍ଟ୍ର ବିଧାନମଣ୍ଡଳ ଦ୍ୱାରା ମରାଠା ସମୁଦାୟ ପାଇଁ ଶିକ୍ଷା ଓ ସରକାରୀ ଚାକିରିରେ ୧୬ ପ୍ରତିଶତ ଆରକ୍ଷଣ ପ୍ରସ୍ତାବର ଏକ ବିଲ୍ ପାରିତ କରାଯାଇଥିଲା । ଏଥିରେ ମରାଠା ସମୁଦାୟକୁ ସରକାର ସାମାଜିକ ଓ ଶିକ୍ଷା ସମ୍ବନ୍ଧୀୟ କ୍ଷେତ୍ରରେ ପଛୁଆ ବର୍ଗ ବୋଲି ଘୋଷଣା କରିଥିଲେ। ଏହି ବିଲ୍ ପାରିତ ହେବା ପରେ ମରାଠା ଆରକ୍ଷଣର ମାମଲା ଅଦାଲତକୁ ଚାଲିଯାଇଥିଲା । ଏହାପରେ ଜୁନ୍ ୨୦୧୯ରେ ବମ୍ବେ ଉଚ୍ଚ ନ୍ୟାୟାଳୟ ମରାଠା ଆରକ୍ଷଣର ସାମ୍ବିଧାନିକତାକୁ ବଜାୟ ରଖିଲେ କିନ୍ତୁ ସରକାର ଏହି ରାଜ୍ୟର ପଛୁଆ ବର୍ଗ ଆୟୋଗର ସୁପାରିସ୍ ଅନୁସାରେ ୧୬ ପ୍ରତିଶତରୁ ହ୍ରାସ କରି ୧୨ କିମ୍ବା ୧୩ ପ୍ରତିଶତ କରିବାକୁ କହିଥିଲେ। ଏହି ଆରକ୍ଷଣକୁ ଏକ ବଡ଼ ଝଟ୍‌କା ଲାଗିଥିଲା ଯେତେବେଳେ ୨୦୨୧ରେ ସୁପ୍ରିମ୍‌କୋର୍ଟ ମରାଠା ଆରକ୍ଷଣକୁ ଅସାମ୍ବିଧାନିକ ଘୋଷଣା କରି ଆଇନ ଅନୁସାରେ ରଦ୍ଦ କରିଦେଇଥିଲେ । ମରାଠା ଆରକ୍ଷଣ ୫୦ ପ୍ରତିଶତ ସିଲିଂର ଉଲ୍ଲଙ୍ଘନ କରିଦେଇଥିଲା ବୋଲି ଅଦାଲତ ମଧ ମାନିଥିଲେ। ବର୍ତ୍ତମାନ ମହାରାଷ୍ଟ୍ର ବିଧାନସଭାରେ ଏହି ବିଲ୍ ସର୍ବସମ୍ମତି କ୍ରମେ ପାରିତ ହୋଇଛି। ଏହି ବିଲ୍ ପାସ୍ ହେବା ପରେ ମରାଠା ସମୁଦାୟ ମଧ୍ୟରେ ଖୁସିର ଲହର ଦେଖିବାକୁ ମିଳିଛି । ଏହାଦ୍ୱାରା ମରାଠା ସମୁଦାୟଙ୍କୁ ଶିକ୍ଷା ଓ ଚାକିରି କ୍ଷେତ୍ରରେ ସଂରକ୍ଷଣର ଲାଭ ମିଳିବ । ଏବେ ଏହି ବିଲ୍ ବିଧାନ ପରିଷଦରେ ରହିବ । ବିଗତ ଚାରି ଦଶକରୁ ଆରମ୍ଭ ହୋଇଥିବା ଆରକ୍ଷଣର ଏହି ସଂଘର୍ଷ ଏହିଠାରେ ଶେଷ କରିବାକୁ ଚେଷ୍ଟା କରିଛନ୍ତି ସିନ୍ଦେ ସରକାର । ପୂର୍ବରୁ ହୋଇଥିବା ତ୍ରୁଟିଗୁଡ଼ିକୁ ଦୂର କରି ସରକାର ଏହି ମୂଲ୍ୟବାନ ନିଷ୍ପତ୍ତି ନେଇଛନ୍ତି ଯାହାଦ୍ୱାରା ଏବେ ମରାଠା ସମୁଦାୟ ଲାଭାନ୍ୱିତ ହୋଇପାରିବ। ତେବେ ମରାଠା ସମାଜକୁ ଦିଆଯାଇଥିବା ଆରକ୍ଷଣ ଦ୍ୱାରା ଅନ୍ୟ କୌଣସି ସମୁଦାୟର ଆରକ୍ଷଣ ପ୍ରଭାବିତ ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ସିନ୍ଦେ କହିଛନ୍ତି। ତେବେ ନିର୍ବାଚନ ପୂର୍ବରୁ ବିଜେପି ଓ ଶିବସେନା ସରକାର ତରଫରୁ ଉଠାଯାଇଥିବା ଏକ ବଡ଼ ପଦକ୍ଷେପ ଭାବରେ ଏହାକୁ ଗ୍ରହଣ କରାଯାଉଛି ।

# କୋଚିଙ୍ଗ ସଂସ୍ଥାନ ବନାମ ଶିକ୍ଷା ବ୍ୟବସ୍ଥା



ଡକ୍ଟର ଲକ୍ଷ୍ମଣ ସାହୁ

କେନ୍ଦ୍ରଉପଭୋକ୍ତା ମନ୍ତ୍ରଣାଳୟର ପରାମର୍ଶ କ୍ରମେ କୋଚିଂ ପ୍ରତିଷ୍ଠାନଗୁଡ଼ିକୁ ରୋକିବା ପାଇଁ କେନ୍ଦ୍ର ସରକାରଙ୍କ ପର୍ସନାଲ ମନ୍ତ୍ରଣାଳୟ କିଛି ନିୟମ ଜାରି କରିଛି । ମନୋନୀତ ପ୍ରାର୍ଥୀଙ୍କ ପାଇଁ ନିର୍ଦ୍ଦେଶ ରହିଛି ଯେ ନିଯୁକ୍ତି ପତ୍ର ପାଇବା ପରେ ସେମାନଙ୍କର କୌଣସି କୋଚିଂ ପ୍ରତିଷ୍ଠାନ ସହିତ କୌଣସି ସମ୍ପର୍କ ରହିବ ନାହିଁ । ଏହାର ଅର୍ଥ କୌଣସି କୋଚିଂ ପ୍ରତିଷ୍ଠାନ ତାଙ୍କ ନାମ ବ୍ୟବହାର କରିବ ନାହିଁ । ଏହାର ତୁରନ୍ତ କାରଣ ହେଉଛି ୟୁପିଏସସି (UPSC) ଦ୍ୱାରା ପରିଚାଳିତ ସିଭିଲ ସର୍ଭିସେସ୍ ପରୀକ୍ଷା ପାଇଁ କୋଚିଂ ପ୍ରତିଷ୍ଠାନଗୁଡ଼ିକ ଦ୍ୱାରା ପ୍ରସ୍ତୁତ ଅତିରିକ୍ତ ବିଜ୍ଞାପନ ଇତ୍ୟାଦି ମନ୍ତ୍ରଣାଳୟର ବିଶେଷ ଆପତ୍ତି ହେଉଛି ଯେ ମନୋନୀତ ପ୍ରାର୍ଥୀଙ୍କ ନାମ ଦଶହଜାର କୋଚିଂ ପ୍ରତିଷ୍ଠାନ ଦ୍ୱାରା ବିଜ୍ଞାପନ କରାଯାଏ । ଏହି କାରଣରୁ ଦେଶର ବିଭିନ୍ନ ସ୍ଥାନରୁ ପିଲାମାନେ ଏହି ଅନୁଷ୍ଠାନକୁ ଆସନ୍ତି । ଉଦାହରଣ ସ୍ୱରୂପ, ୨୦୨୨ ମସିହାରେ ପ୍ରାୟ ନଅ ଶହ ପ୍ରାର୍ଥୀ ଚୟନ ହୋଇଥିବାବେଳେ ସାଢେ ତିନି ହଜାର ପ୍ରାର୍ଥୀଙ୍କ ପାଇଁ ବିଜ୍ଞାପନ କୋଚିଂ ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ ହୋଇଥିଲା ।

ସିଭିଲ୍ ସର୍ଭିସେସ୍ ପରୀକ୍ଷା ହେଉଛି ଆଇଏସ୍, ଆଇପିଏସ୍, ରାଜସ୍ୱ, ରେଳ ପରି ଦେଶର ପ୍ରଶାସନିକ ଚାକିରିରେ ଅଧିକାରୀ ନିଯୁକ୍ତି ପାଇଁ ସର୍ବୋଚ୍ଚ ପରୀକ୍ଷା। ଯେଉଁଥିରେ ପ୍ରାୟ ବାର ଲକ୍ଷ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରତିବର୍ଷ ପ୍ରାୟ ନଅ ଶହ ଚୟନ କରାଯାଇଥାଏ । ଏଥିପାଇଁ ଯୁବ ପିଢି ଏବଂ ସର୍ବୋପରି ସେମାନଙ୍କ ପିତାମାତାଙ୍କୁ କିଛି କରିବାକୁ ପ୍ରସ୍ତୁତ । କୋଚିଂ ପ୍ରତିଷ୍ଠାନଗୁଡ଼ିକ ଏହାର ଏକ ବିକଳ୍ପ ପାଲଟିଛନ୍ତି । ସୂଚନାଯୋଗ୍ୟ ଯେ ଉତ୍ତମ ଶିକ୍ଷା ସନ୍ଧାନରେ କେବଳ ସିଭିଲ ସର୍ଭିସ ପରୀକ୍ଷା ପାଇଁ କୋଚିଂ ପ୍ରତିଷ୍ଠାନ ନାହିଁ, ଆଇଆଇଟି, ମେଡିକାଲ, ଆଇଆଇଏମ ଠାରୁ ଆରମ୍ଭ କରି ବ୍ୟାଙ୍କ ଅଫିସର, ଶିକ୍ଷକ ହେବା ପର୍ଯ୍ୟନ୍ତ । କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରବେଶିକା ପରୀକ୍ଷା ପାଇଁ ଏହାଠାରୁ ଅନେକ ଗୁଣ ଅଧିକ । ଗତ ଦୁଇ ବର୍ଷ ମଧ୍ୟରେ ଦେଶରେ ହଜାର ହଜାର କୋଚିଂ ପ୍ରତିଷ୍ଠାନ ଚାଲୁଛି ଓ ସେମାନେ ପ୍ରତିବର୍ଷ ଦ୍ରୁତ ଗତିରେ ବୃଦ୍ଧି ପାଉଛନ୍ତି। ଗୋଟିଏ ଆକଳନ ଅନୁଯାୟୀ, କୋଚିଂ ଇଣ୍ଡଷ୍ଟ୍ରିର ବାର୍ଷିକ କାରବାର ପ୍ରାୟ ଷାଠିଏ ହଜାରେ କୋଟି ଟଙ୍କା ।

କିନ୍ତୁ ଏହି ବ୍ୟବସାୟ ପ୍ରତିବର୍ଷ କାହିଁକି ବୃଦ୍ଧି ପାଉଛି ? ଏଥିପାଇଁ କେବଳ କୋଚିଂ ପ୍ରତିଷ୍ଠାନଗୁଡ଼ିକ ଦାୟୀ କି ? ବାସ୍ତବରେ ତାହା ନୁହେଁ । ବରଂ ଏଥିପାଇଁ ଆମର ଶିକ୍ଷା ବ୍ୟବସ୍ଥା ଦାୟୀ । ବିହାର ଏବଂ ଉତ୍ତରପ୍ରଦେଶର ବିଦ୍ୟାଳୟରେ ଶିକ୍ଷକମାନେ ଉପସ୍ଥିତ ଥିଲେ ବା ନଥିଲେ ମଧ 'ପ୍ରଥାମ୍'ର ରିପୋର୍ଟ ଅନୁଯାୟୀ, ସେହି ଶିକ୍ଷକମାନେ ଯେଉଁମାନେ ଗଣିତରେ ଡିଗ୍ରୀ ହାସଲ କରିନାହାଁନ୍ତି, ସେମାନେ ଇଂରାଜୀ ଶିକ୍ଷା ଦେଉଛନ୍ତି । କେତେକ ଇଂରାଜୀରେ ବିଦ୍ୟାଳୟ ଭୁଲ୍ ବ୍ୟବସ୍ଥା ମଧ୍ୟରେ ଚାଲିଛି । ଏପରିକି ବିଲଡିଂରେ ନା ଶୈଚାଳୟ ନା ଉପଯୁକ୍ତ ଛାତ ଅଛି । ଯେଉଁଠାରେ ଏନସିଇଆରଟି (NCERT) ବହିଗୁଡ଼ିକ ସମୟ ସମୟରେ ଉପଲବ୍ଧ ହୋଇପାରେ ନାହିଁ। ଏହି ନିରୀହ ପିଲା ଓ ସେମାନଙ୍କ ପିତାମାତାମାନଙ୍କ ପାଇଁ କେଉଁ ବିକଳ୍ପ ସୁବିଧା ସୁଯୋଗ ବାକି ଅଛି ? ବର୍ତ୍ତମାନ ବିହାରର ପୁରା କ୍ରିମ୍ ଶିକ୍ଷା ପାଇଁ ଦିଲ୍ଲୀ ବିଦ୍ୟାଳୟକୁ ଆସିବା ଆରମ୍ଭ କରିଛି । ସେଥିପାଇଁ ଯେଉଁ ରାଜ୍ୟଗୁଡ଼ିକରେ ଶିକ୍ଷା ବ୍ୟବସ୍ଥା ଏତେ ଜଟିଳ ହୋଇପଡ଼ିଛି, ତାହା ନିର୍ଣ୍ଣୟ କରିବା ଆବଶ୍ୟକ। ବିଶେଷକରି ସରକାରୀ ବିଦ୍ୟାଳୟଗୁଡ଼ିକ, ସେଠାରେ ସମାନ ଭାବରେ ନକ୍ ଓ କ୍ରେନି ବେସରକାରୀ ବିଦ୍ୟାଳୟ ଅଛି ।

ବାସ୍ତବରେ ବିଦ୍ୟାଳୟ ଅପେକ୍ଷା କୋଚିଂ ସେଣ୍ଟରଗୁଡ଼ିକ ଅଧିକ ବୃଦ୍ଧି ପାଉଛି। ଏକ ଆକଳନ ଅନୁଯାୟୀ, ଯେଉଁଠାରେ ପଚାଶ ବର୍ଷ ପୂର୍ବେ, ନବେ ଦଶକରୁ ଅଧିକ ମାଧ୍ୟମିକ ଶିକ୍ଷା ସରକାରୀ ବିଦ୍ୟାଳୟରେ ଉପଲବ୍ଧ ଥିଲା, ବର୍ତ୍ତମାନ ଏହା କେବଳ ପଚିଶ ପ୍ରତିଶତ ପହଞ୍ଚିଛି । ଏହା ଶହେ ପ୍ରତିଶତରୁ କମ୍ ହ୍ରାସ ପାଇଛି। ଏହା ସବୁ ରାଜ୍ୟରେ ଘଟୁଅଛି । ଉଚ୍ଚ ଶିକ୍ଷା ପକ୍ଷରୁ ଏକ ନୂତନ ଆଦେଶ ଅନୁଯାୟୀ, ଷୋହଳ ବର୍ଷରୁ କମ୍ ପିଲାମାନଙ୍କୁ ଆଡମିଶନ ଦେଇ ପାରିବେ ନାହିଁ ବୋଲି କୋଚିଂ ପ୍ରତିଷ୍ଠାନଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ନୀତି ନିର୍ମାତା ଜାଣନ୍ତି ନାହିଁ ଯେ କୋଚିଂ ପ୍ରତିଷ୍ଠାନଗୁଡ଼ିକ କେବଳ ମେଟ୍ରୋ ଏବଂ ବଡ ଅଟ୍ଟାଳିକା ପୂର୍ଣ୍ଣ ସହରରେରେ ନାହିଁ ?

ଉତ୍ତମ ଶିକ୍ଷା ସନ୍ଧାନରେ, କୋଚିଂ ପ୍ରତିଷ୍ଠାନଗୁଡ଼ିକ କେବଳ ନାଗରିକ ସେବା ପରୀକ୍ଷା ପାଇଁ ନୁହେଁ । ଆଇଆଇଟି, ମେଡିକାଲ୍, ଆଇଆଇଏମ୍ ଠାରୁ ଆରମ୍ଭ କରି ବ୍ୟାଙ୍କ ଅଫିସର, ଶିକ୍ଷକ ହେବା ଓ ଗତ ଦୁଇ ବର୍ଷ ମଧ୍ୟରେ ଆରମ୍ଭ ହୋଇଥିବା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରବେଶିକା ପରୀକ୍ଷା ପାଇଁ ହଜାର ହଜାର କୋଚିଂ ପ୍ରତିଷ୍ଠାନ ସମଗ୍ର ଦେଶରେ ଚାଲୁଛି। ଏପରିକି ସେଗୁଡିକ ପ୍ରତିବର୍ଷ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଏକ ଆକଳନ ଅନୁଯାୟୀ, କୋଚିଂ ଇଣ୍ଡଷ୍ଟ୍ରିର ବାର୍ଷିକ କାରବାର ପ୍ରାୟ ଷାଠିଏ ହଜାର କୋଟି ଟଙ୍କା ଅଟେ । କିନ୍ତୁ ଏହି ବ୍ୟବସାୟ ପ୍ରତିବର୍ଷ କାହିଁକି ବୃଦ୍ଧି ପାଉଛି ? ଏଥିପାଇଁ କେବଳ କୋଚିଂ ପ୍ରତିଷ୍ଠାନଗୁଡ଼ିକ ଦାୟୀ କି ? ସତରେ ବାରମ୍ବାର ଏଭଳି ପ୍ରଶ୍ନ ଉଙ୍କି ଆସେ ।

ଏବେ ରାସ୍ତାର ପ୍ରତ୍ୟେକ କୋଣ ଅଣୁକୋଣରେ କୋଚିଙ୍ଗ ଚାଲିଛି ? ଏହି ବଡ ଶିକ୍ଷାନୁଷ୍ଠାନଗୁଡ଼ିକରୁ ଘରର ପାଠ୍ୟକ୍ରମ ଓ ପାଠ୍ୟକ୍ରମ ମଧ୍ୟରେ କିପରି ପାର୍ଥକ୍ୟ ରହିବ ? ମୋର ମନେ ହୁଏ ଆଜିଠାରୁ ଚାଳିଶ ବା ବହୁ ବର୍ଷ ପୂର୍ବେ, ବିଶେଷ କରି ଦୁର୍ବଳ ପିଲାଟି କେବଳ ଟ୍ୟୁସନ ଖୋଜୁଥିଲା । ଏବେ କିନ୍ତୁ ଏହା ଏକ ବଡ଼ବଡ଼ିଆମାନଙ୍କ ପାଇଁ ମୁକ୍ତ ହୋଇଥିବାରୁ ଗରୀବ ଛାତ୍ରଙ୍କ ସ୍ୱପ୍ନ। ବିଶେଷକରି ଆମ ସମୟରେ ଦଶମ-ଦ୍ୱାଦଶ ଶ୍ରେଣୀ ପିଲାମାନେ ପରୀକ୍ଷା ପ୍ରସ୍ତୁତି ପାଇଁ କୋଚିଙ୍ଗ ଖୋଜୁଥିଲେ । ଯଦିଓ ଏହା ବିଶେଷ କରି ଇଞ୍ଜିନିୟରିଂ କଲେଜ ଇତ୍ୟାଦି ପାଇଁ ଆରମ୍ଭ ହୋଇଥିଲା । କିନ୍ତୁ ମାନକ ହ୍ରାସ ହେତୁ ପ୍ରଥମ ଶ୍ରେଣୀ ପୂର୍ବରୁ ମଧ ଟ୍ୟୁସନ ରୋଗ ସମସ୍ତଙ୍କୁ ଧୀରେ ଧୀରେ ଗ୍ରାସିଥିଲା ।

ମୋର ମନେହୁଏ ତିରିଶ ବର୍ଷ ପୂର୍ବେ ଶିକ୍ଷାବିତ୍ ତଥା ବୈଜ୍ଞାନିକ ପ୍ରଫେସର ଯଶପାଲ 'ବସ୍ତା କା ବୋଜ' ରିପୋର୍ଟରେ ଶିକ୍ଷା ପାଇଁ ବିପଜ୍ଜନକ ବୋଲି ବିବେଚନା କରିଥିଲେ । ସରକାର ସେହି ରିପୋର୍ଟକୁ ଅନ୍ୟ କିଛି ବ୍ୟାଗରେ ରଖିଛନ୍ତି । ସରକାର ଓ ଶିକ୍ଷା ଅଧିକାରୀମାନେ ଏହି ରୋଗ ବିଷୟରେ ଅବଗତ ନୁହଁନ୍ତି କି ? ନିଶ୍ଚିତ ଭାବରେ ରାଜ୍ୟ ସ୍ତରରେ ଡିଏମ୍ ଓ ଉଚ୍ଚ ଶିକ୍ଷା ଅଧିକାରୀମାନେ ଏହି ସମସ୍ୟାକୁ ଦୂର କରିପାରିବେ । କିନ୍ତୁ ପରିସଂଖ୍ୟାନ ଦର୍ଶାଏ ଯେ ଅଶୀ ପ୍ରତିଶତରୁ ଅଧିକ ଡିଏମ୍ କୈଣସି ବିଦ୍ୟାଳୟକୁ କ୍ୱଚିତ୍ ଯାଞ୍ଚ କରନ୍ତି। ସମାନ ପରିସ୍ଥିତି ତାଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଶିକ୍ଷା ଅଧିକାରୀଙ୍କ ମଧ୍ୟରୁ କେତେ ଜଣ ଏହା ଉପରେ ଦୃଷ୍ଟି ଦିଅନ୍ତି। ଯେତେବେଳେ କମ୍ ଚାକିରୀ ଅଛି, ବଢୁଥିବା ଜନସଂଖ୍ୟା ଅନୁପାତରେ ପର୍ଯ୍ୟାପ୍ତ ଭଲ କଲେଜ ଓ ବିଶ୍ୱବିଦ୍ୟାଳୟ ନାହିଁ । ଏବେ ଯେଉଁଠାରେ ନିଯୁକ୍ତି ଅପେକ୍ଷା ପୁନଃ ଠିକା ନିଯୁକ୍ତି ଅଧିକ ଦେଖାଯାଏ । ଏପରିକି ଜ୍ଞାନ ଅପେକ୍ଷା ପରୀକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ଅଦ୍ୟାବଧି କେବଳ ଶିକ୍ଷା ସଂସ୍କାର ବିଷୟରେ ଆଲୋଚନାର ଅଭାବ ରହିଛି । ଅନ୍ୟ କୌଣସି ଦଳର ମନିଫେଷ୍ଟୋ, ଅନ୍ୟଥା, ଯଦି କୋଚିଂ ପ୍ରତିଷ୍ଠାନ ଉପରେ ନିୟମ ନ ଆସେ ତେବେ ଭବିଷ୍ୟତରେ କ'ଣ ହେବ( ?), ଏଭଳି ଅନେକ ପ୍ରଶ୍ନ ଉଠିବା ସ୍ୱାଭାବିକ।

ଭଲ ଶିକ୍ଷକଙ୍କ ସ୍ତର, କୋଚିଂ ପ୍ରତିଷ୍ଠାନଗୁଡ଼ିକର ଅଭିବୃଦ୍ଧି ପାଇଁ ଧୈର୍ଯ୍ୟ ସହିତ ଆଲୋଚନା କରିବା ଆବଶ୍ୟକ ରହିଛି । ଏହାର ମୁଖ୍ୟ କାରଣ ହେଉଛି କୋଚିଂ ସେଣ୍ଟର ପ୍ରତିଷ୍ଠାନର ପ୍ରତିଷ୍ଠା ପାଇଁ ଏକ ପାରିପାର୍ଶ୍ୱିକ ଅନୁକୂଳ ସ୍ଥାନ ନିର୍ଣ୍ଣୟ କରାଯାଇ ଜଣେ ଭଲ ଶିକ୍ଷକଙ୍କୁ ଏକ ଉତ୍ତମ ଦରମା ଦେଇ, ତାଙ୍କୁ ନିଯୁକ୍ତି ଦେବା ଆବଶ୍ୟକ ରହିଛି । ବିଶେଷ କରି ସର୍ବଦା ଏପରି ଶିକ୍ଷକମାନଙ୍କୁ ଖୋଜାଯାଉ ଓ ପିଲାମାନଙ୍କଠାରୁ ପ୍ରତିଦିନ 'ମତାମତ' ନିଆଯାଉ, ଯାହା ଦ୍ୱାରା ଛାତ୍ର ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ। ଅନ୍ୟଥା ବାହାରେ ଜାତି, ଧର୍ମ, କିମ୍ବା ଅଞ୍ଚଳ ସେଠାରେ ଦେଖାଯିବା ଠିକ୍ ନୁହେଁ ।

ଶିକ୍ଷକମାନେ ତାରକା ଏବଂ ସୁପରଷ୍ଟାର ହୋଇଛନ୍ତି । ଅନ୍ତତଃ ପକ୍ଷେ ଦକ୍ଷ ଶିକ୍ଷକମାନଙ୍କ ମଧ୍ୟରେ ଆପଣ ଶିକ୍ଷାଦାନ ପାଇଁ ଏକ ଭଲ ସୁଯୋଗ ପାଇଛନ୍ତି ! ଅକ୍ସଫୋର୍ଡ, କେମ୍ବ୍ରିଜ୍ ଏହାର ଉଦାହରଣ । ଏହି ପ୍ରାଥମିକ ଆଦେଶ ଆଧାରରେ ଆମେରିକାର ବିଶ୍ୱବିଦ୍ୟାଳୟ ଗୁଡ଼ିକ ସମଗ୍ର ବିଶ୍ୱରୁ ଛାତ୍ରମାନଙ୍କୁ ଆକର୍ଷିତ କରୁ ନାହାଁନ୍ତି କି ? ଯଦି କୋଚିଂ ପ୍ରତିଷ୍ଠାନଗୁଡ଼ିକୁ ନିୟନ୍ତ୍ରଣ କରିବାର ଆବଶ୍ୟକତା ଅଛି ।

ତେବେ ପ୍ରତିବର୍ଷ ବିଦେଶ ପଢିବାକୁ ଯାଉଥିବା ଛାତ୍ରମାନଙ୍କ ଉପରେ ସମାନ ନିୟନ୍ତ୍ରଣ ଲାଗୁ କରିବାକୁ ପଡିବ । ସର୍ବଶେଷରେ, ସେମାନେ କାହିଁକି ବିଦେଶକୁ ପଳାୟନ କରନ୍ତି ?ଶୁଣିବାକୁ ମିଳୁଛି ଯେ ଗତ ଦଶ ବର୍ଷ ପାଇଁ ଆଇଆଇଟି (୦ଓଞ୍ଝ), ଆଇଆଇଏମ (୦ଓଗ) ପରି ଅନୁଷ୍ଠାନଗୁଡିକରେ କ୍ରମାଗତ ଭାବରେ ପଚାଶ ପ୍ରତିଶତରୁ ଅଧିକ ପଦବୀ ଖାଲି ଅଛି । ଯଦି ଉପଯୁକ୍ତ ଯୋଗ୍ୟତା ଥିବା ବ୍ୟକ୍ତି ସେଠାରେ ପୂରଣ କରିବାକୁ ନ ମିଳେ, ତେବେ ସରକାର ବିଶେଷ ପରିସ୍ଥିତିରେ କୌଣସି ପଦବୀ ସଂରକ୍ଷଣ କରିବାର ଧାରଣା ଗ୍ରହଣ କରନ୍ତି ନାହିଁ ।

ବିଡମ୍ବନାର ବିଷୟ ଯେ ଯେଉଁମାନେ ସରକାରୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଜାତି ଆଧାରରେ ପ୍ରତ୍ୟେକ ପଦବୀ ପାଇଁ ଲଢୁଛନ୍ତି, ସେମାନଙ୍କ ପିଲାମାନଙ୍କୁ ସେହି କୋଚିଂ ପ୍ରତିଷ୍ଠାନକୁ ପଠାନ୍ତି , ଯେଉଁଠାରେ ଏପରି ସଂରକ୍ଷଣ ଏବଂ 'ରୋଷ୍ଟର' ନାହିଁ । ଆମର ନୂତନ ଯୁବ ପିଢି ଏହି ସବୁ ପଥର ମଧ୍ୟରେ ଚୂର୍ଣ୍ଣ ବିଚୂର୍ଣ୍ଣ ଧ୍ୱଂସ ମୃତ୍ୟୁ ଆଡ଼କୁ ଗତି କରୁଛି । ବିଗତ ଡିସେମ୍ବର ସଂସଦ ଅଧିବେଶନରେ ଲୋକସଭାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତରରେ ୨୦୧୯ ରୁ ୨୦୨୧ ମଧ୍ୟରେ ତିନି ବର୍ଷ ମଧ୍ୟରେ ପଚିଶ ହଜାର ଛାତ୍ର ଆତ୍ମହତ୍ୟା କରିଛନ୍ତି । ଏସବୁ କେତେ ଦୁଃଖଦାୟକ । ଗତ ବର୍ଷ କେବଳ କୋଟା ସହରରେ ପଚିଶଟି ଆତ୍ମହତ୍ୟା ଘଟିଥିଲା ??। ଚଳିତ ବର୍ଷ ଜାନୁଆରୀର ଶେଷ ସପ୍ତାହରେ ଦୁଇଜଣ ଛାତ୍ର ଆତ୍ମହତ୍ୟା କରିଛନ୍ତି ।

ଯଦି ପୂର୍ବପରି ବିଦ୍ୟାଳୟ ଶିକ୍ଷା ଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଆମର ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆସେ, ତେବେ ପିଲାମାନେ କୋଚିଂ ପ୍ରତିଷ୍ଠାନକୁ ଦୌଡ଼ିବେ ନାହିଁ କିମ୍ବା କୋଟି କୋଟି ଟଙ୍କା ଋଣ ନେଇ ପରେ ସେମାନେ ବିଦେଶ ପଢିବାକୁ ପଳାଇବେ ନାହିଁ । ଏହାକୁ ଗମ୍ଭୀରତା ସହକାରେ ବୁଝିବା ଆବଶ୍ୟକ ରହିଛି..!!!


ଅଧକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ-୪

(ମୋ) : ୯୦୪୦ ୧୫୧୪୭୫


# ମାନବ ଚାଲାଣ ରୋକିବା ଆମପାଇଁ ଏକ ଆହ୍ୱାନ



ବିଷ୍ଣୁ ପ୍ରସାଦ ଦାସ

ପୃଥିବୀ ପୃଷ୍ଠରେ ଘଟି ଯାଉଥିବା ଅନେକ ଅପରାଧ ମଧ୍ୟରେ ମାନବ ଚାଲାଣ ମଧ ଏକ ଅପରାଧ ବୋଲି ବିବେଚିତ ହୁଏ, ଏହି ପ୍ରକ୍ରିୟାରେ ପୁରୁଷ, ମହିଳା,ଯୁବକ, ନାବାଳକ ଶିଶୁ ମାନଙ୍କୁ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇ ନିଯୁକ୍ତି ବାହାନାରେ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରି ଶାରୀରିକ, ମାନସିକ ତଥା ଆର୍ଥିକ ଶୋଷଣ କରାଯାଏ । ଯେଉଁମାନେ ଲୋଭର ବଶବର୍ତ୍ତୀ ହୁଅନ୍ତି ନାହିଁ ସେମାନଙ୍କୁ ବଳ ପ୍ରୟୋଗ, ଭୟ ଦ୍ୱାରା, ତଥା ବ୍ଲାକ ମେଲ କରି ଲୁଚା ଛପାରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଚାଲାଣ କରାଯାଏ , ଏହା ପଛରେ ଅପରାଧିକ ଉଦେଶ୍ୟ ରହିଥାଏ ।କ୍ରୀତ ଦାସ ସଦୃଶ ଏମାନେ ନିଜର ନିଜତ୍ୱ ଦଲାଲ ପାଖରେ ବିକି ଦେଇ ଥା'ନ୍ତି , କିଛି ସ୍ଥାନରେ ଏହି ପ୍ରକାର ଲୋକ ମାନେ ଦାଦନ ଶ୍ରମିକ , କ୍ରୀତ ଦାସ , ଯୌନ କର୍ମୀ , ସମୟ ଭିତ୍ତିକ ଠିକା ଶ୍ରମିକ ରୂପେ କାର୍ଯ୍ୟ କରନ୍ତି ଆଉ କିଛି ଉନ୍ନତ ଜୀବନ ଯାପନର ରଙ୍ଗୀନ ସ୍ୱପ୍ନରେ ବିଭୋର ହୋଇ ଦେଶାନ୍ତର ହେବା ଆଶାରେ ମାନବ ଚାଲାଣ କାରୀ ଗୋଷ୍ଠୀଙ୍କର କବଳରେ ପଡି ନିଜ ଭବିଷ୍ୟତ କୁ ନିଜେ ଅନ୍ଧାର ଭିତରକୁ ଠେଲି ଦେବାକୁ ଆଗେଇ ଆସି ଥାନ୍ତି ...ଆଶାର ଆଲୋକ ଦେଖିବା ଆଗରୁ କିଛି ଆର ପାରିକୁ ଚାଲିଯାଇ ଥାନ୍ତି ତ' ଆଉ କିଛି, ବିଭିନ୍ନ ଦେଶର ଜେଲର କାଳ କୋଠରୀ ଭିତରେ ଅସହ୍ୟ କଷ୍ଟ ଭୋଗ କରି ନୀରବରେ ନିଜ ଲୋତକକୁ ନିଜେ ପିଇ ଯାଇ ଥା'ନ୍ତି , ଖୁବ୍ କମ ଭାଗ୍ୟବାନ ଶ୍ରମିକ ବା ମନୁଷ୍ୟ ମାନେ ମାନବ ଚାଲାଣକାରୀ ଙ୍କ ଠାରୁ କିଛି ସରକାରୀ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଉଦ୍ଧାର ପାଇ ଥା'ନ୍ତି । ଆଜି ପୃଥିବୀରେ ଅନେକ ଦେଶ ଅଛନ୍ତି ଯେଉଁଠାରେ କି ଭାରତୀୟ ବଂଶୋଦ୍ଭ ମାନେ କ୍ରୀତ ଦାସ ଭାବେ ଯାଇ ସେଠାକାର ସ୍ଥାୟୀ ବାସିନ୍ଦା ପାଲଟି ଯାଇଛନ୍ତି , ଯେପରିକି ଫିଜି, ମରିସସ୍ , ଗୁଏନା , ଗୁଏଟମାଲା, ସୁରିନାମ୍, କାନାଡ଼ା, ମାଲେସିଆ ଇତ୍ୟାଦି ଦେଶରେ ଭାରତୀୟ ସମ୍ପ୍ରଦାୟ ଦେଖିବାକୁ ମିଳନ୍ତି ।

ଡିସେମ୍ବର ମାସ ୨୧ ତାରିଖ ୨୦୨୩ ମସିହାର କଥା ଏକ ଯାତ୍ରୀବାହୀ ବିମାନରେ ୩୦୩ ଜଣ ଭାରତୀୟ ନିକାରଗୁଆ କୁ ମାନବ ଚାଲାଣ ହେଉଥିବା ସମୟରେ ଫ୍ରାନ୍ସ ର ଏକ ଛୋଟ ବିମାନ ବନ୍ଦରଠାରେ ଅଟକ ଥିଲେ, ସଂବାଦରୁ ଜଣାଯାଏ ଯେ, ଦୁବାଇ ରୁ କେହିଜଣେ ଅଜଣା ବ୍ୟକ୍ତି ରୁମାନିଆ ଦେଶର ଲିଜାଣ୍ଟ ଏଆର୍ ଲାଇନ୍ସ ର ଏକ ବିମାନକୁ ଭଡାରେ ଆଣି ୩୦୩ ଜଣ ଭାରତୀୟଙ୍କୁ ଦୁବାଇ ଠାରୁ ନେଇ ନିକାରଗୁଆ ଦେଶର ମନାଗୁଆ ସହର ଅଭିମୁଖେ ଉଡାଣ ଆରମ୍ଭ କରିଥିଲା , ଦୀର୍ଘ ୮୭୮ କିଲୋମିଟର ଆକାଶ ପଥରେ ଏହାର ଉଡାଣ ମାର୍ଗ ନିର୍ଦ୍ଧାରିତ ହୋଇଥିଲା । ବିମାନଟି ଇନ୍ଧନ ଭରିବାକୁ ଯେତେବେଳେ ଫ୍ରାନ୍ସ ଦେଶର ବିମାନ ବନ୍ଦରରେ ଓଲ୍‌ହାଇ ବାକୁ ଚେଷ୍ଟା କଲା ଫ୍ରାନ୍ସ ସରକାର ପ୍ରଥମେ ଅନୁମତି ଦେଇ ନ'ଥିଲେ ଏବଂ ପରବର୍ତ୍ତୀ ସମୟରେ ଯାତ୍ରୀ ମାନଙ୍କ ଜୀବନ ରକ୍ଷା ପାଇଁ ପ୍ୟାରିସ୍ ସହରଠାରୁ ପୂର୍ବ ଦିଗରେ ୧୫୦ କିଲୋମିଟର ଦୂର 'ବେରଟି' ବିମାନ ବନ୍ଦରରେ ବିମାନଟିକୁ ଓଲ୍‌ହାଇବାକୁ ଅନୁମତି ମିଳିଥିଲା । ଫ୍ରାନ୍ସ ସରକାର ବିମାନ ବିଷୟରେ କିଛି ଗୁପ୍ତ ତଥ୍ୟ ପାଇଥିଲେ ତେଣୁ ବିମାନରେ ଇନ୍ଧନ ଭରିବା ପରେ ମଧ ବିମାନକୁ ନିଜ ଗନ୍ତବ୍ୟ ପଥରେ ଯିବାକୁ ଅନୁମତି କର୍ତୃପକ୍ଷ ଦେଇ ନ'ଥିଲେ , ତେବେ ଏହି ଗୁପ୍ତ ତଥ୍ୟ କଣ ଥିଲା ? ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା କି ଉକ୍ତ ବିମାନରେ ୩୦୩ ଜଣ ଭାରତୀୟ ଅଛନ୍ତି ତନ୍ମଧ୍ୟରୁ କିଛି ନାବାଳକ ଯାତ୍ରୀ ଅଛନ୍ତି ଯେଉଁମାନେ କି ପରିବାର ଛଡା ଏକା ଯାତ୍ରା କରୁଛନ୍ତି । ଫ୍ରାନ୍ସ ସରକାର ଏହା ମାନବ ଚାଲାଣ ଛଡା ଆଉ କିଛି ନୁହେଁ ବୋଲି ହୃଦ୍‌ବୋଧ କରିଥିଲେ, ତେଣୁ ଚାରିଦିନ ଧରି ପୁଙ୍ଖାନୁପୁଙ୍ଖ ତଦନ୍ତ ଚାଲିଲା ।

ଅନୁସନ୍ଧାନ କଣ ହେଲା ତାହା ତ' ଫ୍ରାନ୍ସ ସରକାର ଗୋପନ ରଖିଲେ କିନ୍ତୁ ସେହି ବିମାନରେ ୩୦୩ ଜଣ ଯାତ୍ରୀଙ୍କ ସ୍ଥାନରେ ୨୭୬ ଜଣ ଯାତ୍ରୀଙ୍କୁ ବସାଇ ଭାରତ ପଠାଇବାକୁ ସରକାରୀ ସ୍ତରରେ ଅନୁମତି ନେଇଥିଲେ । ଶେଷରେ ବିମାନଟି ୨୭୬ ଜଣ ଯାତ୍ରୀଙ୍କୁ ଧରି ସୁରୁଖୁରୁରେ ମୁମ୍ବାଇର ଛତ୍ରପତି ଶିବାଜୀ ଆନ୍ତର୍ଜାତିକ ବିମାନ ବନ୍ଦରରେ ଓଲ୍‌ହାଇଲା । ତେବେ ପ୍ରଶ୍ନ ଉଠୁଛି ଯେ ୩୦୩ ଯାତ୍ରୀଙ୍କ ମଧ୍ୟରୁ ୨୭୬ ଫେରିଲେ ବାକି ଯାତ୍ରୀ କୁଆଡେ ଗଲେ ? ଏହାର ସଠିକ ଉତ୍ତର କିଏ ଦେବେ ? କିଛି ବିମାନ ଯାତ୍ରୀ ଫ୍ରାନ୍ସ ଦେଶରେ ଶରଣାର୍ଥୀ ଭାବେ ରହିବାର ଅନୁମତି ପାଇବା ଅପେକ୍ଷାରେ ଅଛନ୍ତି , କିନ୍ତୁ କାହିଁକି ? ସେମାନେ କ'ଣ ଭାରତରେ ରହିବାକୁ ଉଚିତ ମଣିଲେ ନାହିଁ ? ନା' କୌଣସି ଅପରାଧିକ ମାମଲାରେ ଛନ୍ଦି ହୋଇ ଗଳା ବାଟଦେଇ ଦୁବାଇ ଯାଇ ସେଠାରୁ ନିକାରଗୁଆ ଯାଇ ଥା'ନ୍ତେ ? ଏହା ଏକ ଜଟିଳ ପ୍ରଶ୍ନ ଏବଂ ଭାରତର ସାର୍ବଭୌମତ୍ୱ / ନିରାପତ୍ତା ଉପରେ ଆଞ୍ଚ ଆସିବାର ସମ୍ଭାବନାକୁ ଏଡାଇ ଦିଆ ଯାଇ ନ' ପାରେ । କିଛି କରିତ୍ କର୍ମା ଦଲାଲ ଗଳାବାଟ ଦେଇ ସମୁଦ୍ର ପଥରେ ଦୁବାଇ ତଥା ଅନ୍ୟ ମଧ-ପ୍ରାଚ୍ୟ ଦେଶକୁ ମାନବ ଚାଲାଣ କରୁଛନ୍ତି ଏମାନଙ୍କ ହାତ ଖୁବ ଲମ୍ବା, ଏମାନଙ୍କର ଚେର ସବୁ ଦେଶରେ ମାଡି ଯାଇଛି , ଏମାନେ ଏହି ଉପାୟରେ କୋଟି କୋଟି ଟଙ୍କା ଉପାର୍ଜନ କରନ୍ତି ।ମାଛ ଧାରା ଡଙ୍ଗାରେ ଲୁଚି ଛପି ଗଭୀର ସମୁଦ୍ରକୁ ଯାଇ ସେଠାରୁ ପଣ୍ୟବାହୀ ଜାହାଜର କଣ୍ଟେନର୍ ଭିତରେ ଲୁଚି ଛପି ତାଙ୍କର ନିର୍ଧାରିତ ସ୍ଥାନକୁ ଯାଇ ପାରୁଛନ୍ତି ଏହି କାର୍ଯ୍ୟରେ କିଛି ଅସାଧୁ ସରକାରୀ କର୍ମଚାରୀଙ୍କର ହାତ ଥିବା ପରି ହୃଦ୍‌ବୋଧ ହୁଏ । ହୁଏତ ଏହି ଉପାୟରେ ଉକ୍ତ ୩୦୩ ଜଣ ଭାରତରୁ ଦୁବାଇ ପହଞ୍ଚି ସେଠାରୁ ନକଲି କାଗଜପତ୍ର ଦ୍ୱାରା ଦୁବାଇ ଆନ୍ତର୍ଜାତିକ ବିମାନ ବନ୍ଦରରୁ ନିକାରଗୁଆ ଅଭିମୁଖେ ଯାଉଥିଲେ , ଏଥିପାଇଁ ରୁମାନିଆ ଦେଶର ଏକ ଏଆର୍ ବସ୍ ୩୪୦ ବିମାନକୁ ଭଡା ସୂତ୍ରରେ ଅଣା ଯାଇଥିଲା । ଏଆର୍ ବସ୍ ୩୪୦ ବିମାନକୁ ଭଡା ସୂତ୍ରରେ ଆଣିଥିବା ବ୍ୟକ୍ତିଙ୍କର ନାମ ଏପର୍ଯ୍ୟନ୍ତ ଜଣା ପଡି ନାହିଁ, ହୁଏତ ଆଗକୁ ଜଣା ପଡିବ ବା ସର୍ବ ସାଧାରଣଙ୍କ ପାଇଁ ଗୋପନ ରହିଯିବ ତାହା ସମୟ କହିବ ।




## ଋତୁ ପରିବର୍ତ୍ତନ

ଡ. ଦୀପକ କୁମାର ମିଶ୍ର



ଋତୁ ଭିଜେ ଋତୁ ଜଳେ
କରୁଥାଏ ଧୀରପାଦେ କାଳର କ୍ଷେପଣ
ପାଣିର ଓଢ଼ଣା ପିନ୍ଧି
ସକାଳର ଘାସ ଗାଲିଚାରେ
ଚକାମାଡ଼ି ବସିଥିବା କାକର ଠୋପାଟି
ଅପରାହ୍ନର ଝାଉଁଳା ଗୋଲାପ ଗଛରୁ
ଝାଳ ହୋଇ ଝରିପଡ଼େ ଠପ୍ ଠପ୍
ନଗ୍ନ ଅନାବୃତ୍ତ ।

ସୁନ୍ଦରୀ ରାତିଟା
ଥରୁଥିଲା ହାଡ଼ଭଙ୍ଗା ଥଣ୍ଡାର
କୋଳରେ
ଏଇ ଏବେ ଖୋଲିଦେଇ ଅନ୍ତର୍ବାସ
ଭିଜୁଅଛି ଗ୍ରୀଷ୍ମର ତାତିରେ
ଶୀତ ଏବେ ଅପହୃତା ନାରୀଟିଏ
ଲୁଚେ ଯାଇ ହିମ ପ୍ରଦେଶରେ
ଠେକାମାରି ବୁଢ଼ା ଖରା
ମାପୁଥାଏ ଦିନର ଆୟୁଷ
ପରିବର୍ତ୍ତନର ସନ୍ଧିକ୍ଷଣ ମୁହୂର୍ତ୍ତରେ ।

ପଞ୍ଜରା ହାଡ଼କୁ ଜଣେ ହାଣିଯାଏ
ବେଧଡ଼କ କଟୁରୀର ଶାଣିତ
ଚୋଟରେ
ଆଉ ଜଣେ ଛାତିର ତତଲା ଛାତରେ
ଶୁଖେଇଦେଇ ପାଲଟା ମନକୁ
ଫେରୁଥାଏ ଶୁଷ୍କ ହୃଦୟରେ ।

ଋତୁ ଆସେ ଋତୁ ଯାଏ
ପରିବର୍ତ୍ତନଶୀଳ ପ୍ରକୃତି ପଠାରେ
ଅପରିବର୍ତ୍ତିତ ମଣିଷଟି
ଦହଗଞ୍ଜ ହୋଇ ଯାହା ନିତି ମରୁଥାଏ
ଏହି ପୃଥିବୀ ପୃଷ୍ଠରେ ।


+ ଭୁବନେଶ୍ୱର
ମୋ:୮୨୮୦୨୧୧୦୦୦


## ମୋ'ଗାଁ...

ସସ୍ମିତ



ମୋ'ଗାଁ...
ଅନୁଭବର ସମାହାର,
ସୁଖ ଦୁଃଖର ଜୀବନ
ଏଠି ସୂର୍ଯ୍ୟ ହସେ ଦୂର ପାହାଡ଼ରେ
ବୟସର ଚିରା ଚାଦର ତଳେ
ତେଲ ଲୁଣ ଝାମେଲାର କିଆରୀରେ
ବେଦନା ନିଗିଡି ପଡେ
ଶୈଶବର କାନଭାସରେ
ଉଦ୍ଜୀବିତ ଅନୁପମ ସ୍ୱପ୍ନ ମାନେ
ଦୃଶ୍ୟମାନ ଆଜିବି ମାର୍ଜିତ ବିଭବ
ଅଧୁନା ଅନୁଭବର ଟଟକା ନିର୍ଯ୍ୟାସ

ସଫଳତା ଓ ଅସଫଳତାର ଏ ଜୀବନ
ଉତ୍ଥାନ ପତନ ର ବିଗତ ସମୟ
ବିଗତ ଚରିତ୍ରମାନେ ଏବେ ବି ଜୀବନ୍ତ
କିଛି ଅଜ୍ଞାତବାସରେ, କିଛି ଅହମିକାରେ
ଅଥବା ବୁଢ଼ୀମାର ବୁଢ଼ି ଆସୁରୁଣୀ କାହାଣୀରେ
ଅବା ଅଭାବିତ ଜୀବନ ସଂଗୀତରେ
ଆଖି ଆଗକୁ ଓଲ୍‌ହାଇ ଆସେ

ଶବ୍ଦର ପ୍ରଲୁବ୍ଧ କାଳକୁ
ବିମୋହିତ ହେବାର ମୋହିତ ସ୍ପନ୍ଦନଶୀତଳତାକୁ
ବାଉଁଶ ବାଡ଼ିର ସେ ମିଛ ହେଟା ବାଘକୁ........

ଖୋଜୁଛି ଦିବଙ୍ଗତମାନଙ୍କୁ
ଭିଜିବାକୁ ଅହୋରାତ୍ର ଆପଣାର ମାନଙ୍କ ସଙ୍ଗେ
ଦେଖନ୍ତି ନଡ଼ିଆ ବାହୁଙ୍ଗାର ସନ୍ଧିରେ
ଜହ୍ନର ଲୁଚକାଳି ଖେଳ
ବର୍ଷ ବର୍ଷରେ ବୃତ୍ତି ଗତ ସ୍ୱାଦ ଓ ସ୍ୱେଦର ମହକ
ସ୍ୱପ୍ନର ଔଜଲ୍ୟ
ଅତୀତ ଠୁ ନୂତନ ବର୍ତ୍ତମାନ
ହେଲେ କଣ ହେବ
ଏଠି ନିଶ୍ୱାସ ମାରିଲେ ହଳାହଳ ଛାଟ
ପ୍ରଶ୍ୱାସରେ ଅସହ୍ୟ ଯନ୍ତ୍ରଣା ।

## ଉତ୍ତର ଦିଅ

ଯୁବରାଜ ପଣ୍ଡା



କୁନି କୁନି ଗୋଲ ଗୋଲ ଦିଶ
ତୁମ୍ଭ ଅସ୍ତିତ୍ୱ ମହା ଶୂନ୍ୟରେ,
ଆମେ ଯେ ଅବନୀବାସୀ ରହିଛୁ
ଆମ ଅସ୍ତିତ୍ୱ ଏ ଧରାଧାମରେ,
ତୁମ୍ଭେ ସବୁ ରହି ଥାଅ ଶୂନ୍ୟେ
ହୋଇକରି ସବୁ ଏକ ।

ଆମ୍ଭେ ଯେ ରହିପାରୁନୁ ଏଠି
ହୋଇକରି ସବୁ ଏକ ।
ଧର୍ମଦ୍ୱାହି ଦେଇ ଚାଲିଛି ଏଠି
ବହୁ କରୁଣ ବିଭୀଷିକା,
ତୁମର କି ଚାଲିଛି ସେଠି
ଏ ମର୍ତ୍ତ୍ୟ ପରି ବିଭୀଷିକା ?

ଦିଅ ଦିଅ ଉତ୍ତର....ହେ ଜଗଦୀଶ ?
ହେବା ପୂର୍ବରୁ ଏ ଅବନୀ ନିଃଶେଷ ।


+ ଠାକୁରମୁଣ୍ଡା,
ମୟୂରଭଞ୍ଜ



# ନିଜ ରୋଗକୁ ନେଇ ଖୋଲାଖୋଲି ଆଲୋଚନା କଲେ ସାମନ୍ଥା

ସାମନ୍ଥା ରୁଥ ପ୍ରଭୁ ଦକ୍ଷିଣ ଇଣ୍ଡଷ୍ଟ୍ରିର ଜଣେ ପ୍ରସିଦ୍ଧ ଅଭିନେତ୍ରୀ। ଗତ କିଛି ମାସ ହେବ ଅଭିନେତ୍ରୀ କାମରୁ ବିରତି ନେଇଥିଲେ, କିନ୍ତୁ ବର୍ତ୍ତମାନ ସେ ଫେରି ଆସିଛନ୍ତି। ଏନେଇ ନିଜେ ସାମନ୍ଥା ରୁଥ ପ୍ରଭୁ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ଏହା କଥା ପ୍ରକାଶ କରିଛନ୍ତି।

ସାମନ୍ଥା କହିଛନ୍ତି, 'ମୁଁ ସେହି ଦିନଗୁଡ଼ିକୁ କେବେବି ଭୁଲି ପାରିବି ନାହିଁ। ଯେତେବେଳେ ମୋତେ ଏହି ସମସ୍ୟା ହୋଇଥିଲା। ଏହା ମୋ ପାଇଁ ବହୁତ କଷ୍ଟକର ବର୍ଷ ଥିଲା। ସେ ଆହୁରି ମଧ୍ୟ କହିଛନ୍ତି, ଗତ ବର୍ଷ ଜୁନ୍ ମାସରେ ମୁଁ ଏବଂ ମୋର ବନ୍ଧୁ ହିମାଙ୍କ ମୁମ୍ବାଇରୁ ଫେରୁଥିଲୁ। ମୁଁ ଭଲ ଅନୁଭବ କରୁଥିଲି, ମୁଁ ମୋର ବନ୍ଧୁଙ୍କୁ ମଧ୍ୟ କହିଥିଲି ଯେ ମୁଁ ଭଲ ଅନୁଭବ କରୁଛି । ମୁଁ ନିଶ୍ୱାସ ନେଇପାରୁଛି, ମୁଁ ଶୋଇପାରିବି ଏବଂ ମୋ କାମରେ ମଧ୍ୟ ଧ୍ୟାନ ଦେଇପାରିବି।। ମୁଁ ଏହି ଅନୁଭୂତି ଏଥିପାଇଁ ବାଣ୍ଟିବାକୁ ଚାହିଁଲି କାରଣ ମୁଁ ସେହି ସମସ୍ୟା ଦେଇ ଗତି କରୁଛି। ମୁଁ ଚାହେଁ ଲୋକମାନେ ସୁରକ୍ଷିତ ରୁହନ୍ତୁ ।'

୨୦୨୩ ମସିହାରେ ସାମନ୍ଥା ତାଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ କାମରୁ ଛୁଟି ନେଇଥିଲେ। ୨୦୨୨ ମସିହାରେ ଚଳଚ୍ଚିତ୍ର 'ଯଶୋଦା' ରିଲିଜ୍ ହେବା ପୂର୍ବରୁ ସାମନ୍ଥା ମାୟୋସିଟିସ୍ ରୋଗରେ ପୀଡିତ ଥିଲେ ବୋଲି ଜଣାଇଥିଲେ।

# ନାମରୁ କୁମାର ହଟାଇଲେ ଦିବ୍ୟା: ଜୋର ଧରିଲା ଛାଡ଼ପତ୍ର ଚର୍ଚ୍ଚା

ଦିବ୍ୟା ଖୋସଲା କୁମାର ବଲିଉଡର ସବୁଠାରୁ ଲୋକପ୍ରିୟ ଚଳଚ୍ଚିତ୍ର ନିର୍ମାତା ଏବଂ ଅଭିନେତ୍ରୀମାନଙ୍କ ମଧ୍ୟରୁ ଅନ୍ୟତମ। ତାଙ୍କର ଉତ୍କୃଷ୍ଟ ଅଭିନୟ ଏବଂ ସୁନ୍ଦର ଚେହେରା ହେତୁ ସେ ପ୍ରାୟତଃ ଲାଇମ୍ ଲାଇଟରେ ରହିଥାନ୍ତି। ଏବେ ଦିବ୍ୟା ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଅଛନ୍ତି। ସେ ଟି-ସିରିଜର ପରିଚାଳନା ନିର୍ଦ୍ଦେଶକ ଭୂଷଣ କୁମାରଙ୍କୁ ବିବାହ କରିଛନ୍ତି। ଏହି ଦମ୍ପତି ସର୍ବଦା ସେମାନଙ୍କର ବ୍ୟକ୍ତିଗତ ଜୀବନକୁ ଯଥେଷ୍ଟ ବ୍ୟକ୍ତିଗତ ରଖିଆସିଛନ୍ତି। କିନ୍ତୁ ବର୍ତ୍ତମାନ ଏହି ଦମ୍ପତିଙ୍କ ମଧ୍ୟରେ ସବୁ କିଛି ଠିକ୍ ନଥିବା ଦେଖାଯାଇଛି। ରେଡିଟର ଏକ ପୋଷ୍ଟକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି ଯେ, ଦିବ୍ୟା, ଭୂଷଣଙ୍କୁ ଛାଡ଼ପତ୍ର ଦେବେ। ସୂଚନା ମୁତାବକ, ରେଡିଟରେ ଜଣେ ବ୍ୟବହାରକାରୀ ଦିବ୍ୟା ଖୋସଲାଙ୍କ ଇନଷ୍ଟା ହ୍ୟାଣ୍ଡେଲର ଏକ ସ୍କ୍ରିନସଟ୍ ସେୟାର କରିଛନ୍ତି ଯେଉଁଥିରେ ଦିବ୍ୟା ନିଜ ନାମରୁ କୁମାର ହଟାଇ ଦେଇଛନ୍ତି। ଆଗରୁ ତାଙ୍କ ଇନଷ୍ଟା ହ୍ୟାଣ୍ଡେଲର ନାମ ଦିବ୍ୟା ଖୋସଲା କୁମାର ଥିବା ବେଳେ ଏବେ କେବଳ ଦିବ୍ୟା ଖୋସଲା ରହିଥିବା ଦାବି କରାଯାଇଛି। ଏହା ସହ କୁହାଯାଉଛି ଯେ, ଦିବ୍ୟା ଟି-ସିରିଜକୁ ମଧ୍ୟ ଅନଫଲୋ କରିଛନ୍ତି। ତେବେ ପ୍ରକୃତରେ କେଉଁ କାରଣରୁ ଦିବ୍ୟା ଏଭଳି କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ତେବେ ବିବାହ ପରେ ଫିଲ୍ମରୁ କିଛି ବର୍ଷ ଦୂରେଇ ରହିଥିଲେ ବି ଏବେ ପୁଣି ଥରେ ଦିବ୍ୟା ପରଦାକୁ ଫେରିଛନ୍ତି। ଅନେକ ମ୍ୟୁଜିକ୍ ଭିଡିଓ ସହିତ ଫିଲ୍ମରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିଛି।



# ସ୍ୱାମୀଙ୍କଠାରୁ ଅଲଗା ହେଉଥିବା ଘୋଷଣା କରିବାର କିଛି ଦିନ ପରେ ଭାବପ୍ରବଣ ପୋଷ୍ଟ୍ କଲେ ଈଶା



ବଲିଉଡ ସୁପରଷ୍ଟାର ଧର୍ମେନ୍ଦ୍ର ଓ ହେମା ମାଲିନୀଙ୍କ ଝିଅ ତଥା ବଲିଉଡର ଅଭିନେତ୍ରୀ ଈଶା ଦେଓ୍ୱଲ ସ୍ୱାମୀ ଭରତ ତଖତାନୀଙ୍କ ଠାରୁ ଅଲଗା ହେବାର ଘୋଷଣା କିଛିଦିନ ତଳେ କରିଥିଲେ। ଏହାରି ମଧ୍ୟରେ ଈଶା ପୁଣି ଥରେ ଚର୍ଚ୍ଚାର ପରିସର ଭିତରକୁ ଆସିଛନ୍ତି ତାଙ୍କର ଏକ ସୋସିଆଲ୍ ମିଡିଆ ପୋଷ୍ଟ୍ ପାଇଁ। ସେ ନିକଟରେ କରିଥିବା ପୋଷ୍ଟ୍‌ରେ ଚଷମା ସହ ହ୍ୟାଟ୍ ବି ପିନ୍ଧିଛନ୍ତି। ସକାଳର କଅଁଳ ଖରା ତାଙ୍କ ମୁହଁରେ ପଡ଼ିବା ପରେ ଏକ ଭିନ୍ନ ଚମକ ଦେଖିବାକୁ ମିଳିଛି। ସେ ଏହି ଫଟୋଟିକୁ ପୋଷ୍ଟ୍ କରିବା ସହ ଏକ ଚମତ୍କାର କ୍ୟାପ୍ସନ୍ ବି ଲେଖିଛନ୍ତି। ଈଶା କ୍ୟାପ୍ସନ୍‌ରେ ଲେଖିଛନ୍ତି, ''କେତେ ବି ଅନ୍ଧାର ହେଉ ପଛେ ଫରକ ପଡୁନି, କାରଣ ଦିନେ ପୁଣି ଥରେ ସୂର୍ଯ୍ୟଙ୍କ କିରଣ ଆଲୋକ ଆଣିଦେବ।'' ଅଭିନେତ୍ରୀଙ୍କ ପୋଷ୍ଟ୍ ତାଙ୍କ ବ୍ୟକ୍ତିଗତ ଜୀବନ ସହ ଜଡ଼ିତ ବୋଲି ସ୍ପଷ୍ଟ ଜଣାପଡୁଛି। ଅନେକ ଲୋକ କମେଣ୍ଟ୍ ସେସନ୍‌ରେ ତାଙ୍କ ପ୍ରତି ଭଲପାଇବା ଜାହିର କରି ଈଶାଙ୍କୁ ସାହସ ଦେଉଛନ୍ତି।

ସୂଚନା ଥାଉ କି ଯେ ଈଶା ଦେଓଲ, ଧର୍ମେନ୍ଦ୍ର ଏବଂ ହେମା ମାଲିନୀଙ୍କ ବଡ଼ ଝିଅ। କିଛି ଚଳଚ୍ଚିତ୍ର କରିବା ପରେ ସେ ୨୦୧୩ରେ ବ୍ୟବସାୟୀ ଭାରତ ତଖତାନୀଙ୍କୁ ବିବାହ କରିଥିଲେ। ସେମାନେ କିଛି ଦିନ ପୂର୍ବରୁ ଅଲଗା ହୋଇଥିବା କଥା ଘୋଷଣା କରିଥିଲେ ଏବଂ ବର୍ତ୍ତମାନ ଦୁଇ ଝିଅଙ୍କ ଦାୟିତ୍ୱ ଈଶା ଦେଓଲଙ୍କ ଉପରେ ରହିଛି।

# ମା' ହେବେ ଦୀପିକା !



ମା' ହେବେ ବଲିଉଡର ଡିମ୍ପଲ ଗାର୍ଲ ଦୀପିକା ପାଦୁକୋନ। ଖୁବଶୀଘ୍ର ରଣବୀର ସିଂହ ଓ ଫାଇଟର ଗାର୍ଲ ଦୀପିକାଙ୍କ ଘରକୁ ଆସିବେ କୁନି ସଦସ୍ୟ। ବିବାହର ୫ ବର୍ଷ ପରେ ଏହି ଦୁଇ ଷ୍ଟାର ବାପା-ମା' ହେବାକୁ ଯାଉଛନ୍ତି। ଏ କଥା ଆମେ କହୁନୁ, ଦୀପିକା ଓ ରଣବୀରଙ୍କ ଜଣେ ଘନିଷ୍ଠ ବନ୍ଧୁ ନିକଟରେ ଦେଇଥିବା ଏକ ଇଣ୍ଟରଭ୍ୟୁରେ ଏହି ଗୁଡ୍‌ନ୍ୟୁଜ୍ ସେୟାର କରିଛନ୍ତି। ନିକଟରେ ଲଣ୍ଡନରେ ଆୟୋଜିତ ୭୭ତମ ଈଇରଞ୍ଜଇ ଆଓ୍ୱାର୍ଡ ସେରେମୋନିରେ ନଜର ଆସିଥିଲେ ଦୀପିକା ପାଦୁକୋନ। ଏଥିରେ ସେ ସବ୍ୟସାଚୀଙ୍କ ଡିଜାଇନର ଶାଢ଼ି ପିନ୍ଧି ରେଡ୍ କାରପେଟ୍‌ରେ ଓହ୍ଲାଇଥିଲେ। ଏହି ସମୟରେ ସେ ନିଜ ପେଟ ଲୁଚାଇବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳିଥିଲା। ଏହାପର ଠାରୁ ସେ କୁଆଡେ ଗର୍ଭବତୀ ଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଏବେ ଚର୍ଚ୍ଚା ଉପରେ ତାଙ୍କର ଜଣେ ଘନିଷ୍ଠ ବନ୍ଧୁ ମୋହର ମାରିଛନ୍ତି। ମାଗାଜିନ୍ ଦ ୱିକ୍‌କୁ ଦେଇଥିବା ଏକ ଇଣ୍ଟରଭ୍ୟୁରେ ଜଣେ ଘନିଷ୍ଠ ବନ୍ଧୁ ଦୀପିକା ପ୍ରେଗନାଣ୍ଟ ଥିବା ନେଇ କନ୍‌ଫର୍ମ କରିଛନ୍ତି। ଦୀପିକାଙ୍କ ସେକେଣ୍ଡ ଟ୍ରାୟମିଷ୍ଟର ଚାଲିଛି। ଅର୍ଥାତ ଅଭିନେତ୍ରୀ ୪ ମାସର ଗର୍ଭବତୀ ଥିବା ସେ କହିଛନ୍ତି। କିଛି ଦିନ ତଳେ ସ୍ୱାମୀ ତଥା ଅଭିନେତା ରଣବୀର ସିଂହଙ୍କୁ ଛାଡ଼ପତ୍ର ଦେବେ ବୋଲି ଚର୍ଚ୍ଚା ଜୋର ଧରିଥିବା ବେଳେ ଏବେ ଦୀପିକା ଗର୍ଭବତୀ ଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। କୁହାଯାଉଛି ଯେ, ଦୀପିକା ୪ ମାସରୁ ଅଧିକ ସମୟ ହେବ ଗର୍ଭବତୀ ଅଛନ୍ତି। ତେବେ ଏଭଳି ଚର୍ଚ୍ଚା ଉପରେ ଏପର୍ଯ୍ୟନ୍ତ ଦୀପିକା କିମ୍ବା ରଣବୀର କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ଦୀପିକା ଈଇରଞ୍ଜଇ ସେରେମୋନି ପ୍ରେଜେଣ୍ଟର ରୂପେ ସାମିଲ ହୋଇଥିଲେ। ଏହି ସମୟରେ ସେ ସବ୍ୟସାଚୀଙ୍କ ଡିଜାଇନ୍ କରାଯାଇଥିବା ଧଳା ରଙ୍ଗର ଶିମର ଶାଢ଼ି ପିନ୍ଧିଥିଲେ। ସେରେମୋନି ବେଳେ ଦୀପିକାଙ୍କ ଅନେକ ଫଟୋ ଭାଇରାଲ ହୋଇଥିଲା।

# ମଡେଲ୍ ଆତ୍ମହତ୍ୟା ମାମଲାରେ ଛନ୍ଦି ହୋଇଗଲେ ଆଇପିଏଲ୍ ଖେଳାଳି ଅଭିଷେକ ଶର୍ମା

ଗୁଜରାଟ ମଡେଲ ତାନିଆ ସିଂହ ଆତ୍ମହତ୍ୟା ଘଟଣାରେ ଅଡୁଆରେ ଆଇପିଏଲ ଖେଳାଳି ଅଭିଷେକ ଶର୍ମା । ଆଇପିଏଲ ଫ୍ରାଞ୍ଚାଇଜ୍ ସନରାଇଜର୍ସ ହାଇଦ୍ରାବାଦର ଅଲରାଉଣ୍ଡର ଅଭିଷେକ ଶର୍ମାଙ୍କୁ ପଚରା-ଉଚରା ପାଇଁ ନୋଟିସ୍ ଜାରି କରିଛି ସୁରଟ ପୁଲିସ । ତାନିଆଙ୍କ ଆତ୍ମହତ୍ୟା ଘଟଣାର ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ ମୃତ୍ୟୁ ପୂର୍ବରୁ ସେ ଶେଷ ଫୋନ୍ କଲ ଅଭିଷେକଙ୍କୁ କରିଥିଲେ। ତାନିଆଙ୍କ କଲ ଡିଟେଲରୁ ଏହା ସ୍ପଷ୍ଟ ହୋଇଛି। କେବଳ ସେତିକି ନୁହେଁ ତାନିଆଙ୍କ ଫୋନରୁ ସୁରଟ ପୁଲିସଙ୍କୁ ଅଭିଷେକଙ୍କ ସହ ତାଙ୍କର ଫଟୋଗ୍ରାଫ୍ ଏବଂ ମେସେଜେ ମିଳିଛି । ରବିବାର ରାତିରେ ନିଜ ଘରେ ଆତ୍ମହତ୍ୟା କରିଥିଲେ ମଡେଲ୍ ତାନିଆ ସିଂହ । ରବିବାର ବିଳମ୍ବିତ ରାତିରେ ଘରକୁ ଫେରିଥିଲେ ତାନିଆ । ସୋମବାର ସକାଳୁ ପରିବାର ଲୋକେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ସ୍ତବ୍ଧ ହୋଇ ଯାଇଥିଲେ । ପ୍ରେମ ପ୍ରସଙ୍ଗକୁ ଆଧାର କରି ପୁଲିସ ତଦନ୍ତ ଆରମ୍ଭ କରିଛି । ଫ୍ୟାସନ୍ ଡିଜାଇନିଂର ଛାତ୍ରୀ ଥିଲେ ତାନିଆ । ତାଙ୍କ କଲ୍ ଡିଟେଲ ରେକର୍ଡରୁ ଜଣାପଡିଛି ବହୁ ବଡ ବଡ ଲୋକଙ୍କ ସମ୍ପର୍କରେ ସେ ଥିଲେ । ପୁଲିସ ସମ୍ଭିଙ୍କୁ ତଦନ୍ତ ପରିସର ଭୁକ୍ତ କରିବ ବୋଲି ସ୍ପଷ୍ଟ କରିଛି । ତାନିଆଙ୍କ ଆତ୍ମହତ୍ୟା ଘଟଣା ପଛରେ ଅଭିଷେକ ଶର୍ମାଙ୍କ କୌଣସି ଭୂମିକା ରହିଛି କି ନାହିଁ ସେନେଇ ଅଧିକ ପଚରା ଉଚୁରା କରିବାକୁ ତାଙ୍କୁ ନୋଟିସ୍ କରିଛି ପୁଲିସ।



# ସଙ୍ଗୀତ ହିଁ ମନକୁ ଶାନ୍ତି ଦିଏ: ଋତୁପର୍ଣ୍ଣା ରାଉତରାୟ

ଶବ୍ଦ ହେଉଛି ବ୍ରହ୍ମ ଓ ବ୍ରହ୍ମ ହେଉଛି ଶବ୍ଦ ଓ ସଙ୍ଗୀତ । ଏହି ମନ୍ତ୍ରକୁ ଯିଏ ଉଚ୍ଚାରଣ କରି ସଙ୍ଗୀତ ଜଗତରେ ଖୁବ୍ ଆକର୍ଷଣୀୟ ଓ ମନଛୁଆଁ ସଙ୍ଗୀତ ପରିବେଷଣ କରି ନିଜର କର୍ତ୍ତବ୍ୟ କ୍ଷେତ୍ରରେ ଆଗେଇ ଚାଲିଛନ୍ତି ସେ ହେଉଛନ୍ତି ସଫଳ କଣ୍ଠଶିଳ୍ପୀ ଋତୁପର୍ଣ୍ଣା ରାଉତରାୟ । ଓଡ଼ିଶାର କଳା ସାହିତ୍ୟ ସଂସ୍କୃତିକୁ ସେ ଖୁବ୍ ଭଲ ପାଆନ୍ତି। ୧୯୮୪ ମସିହାରେ ସେ ରାଜଧାନୀ ଭୁବନେଶ୍ୱର୍‌ରେ ଜନ୍ମ ଗ୍ରହଣ କରନ୍ତି । ତାଙ୍କର ପିତା ଶାନ୍ତନୁ କୁମାର ପୃଷ୍ଟି ଓ ମାତା ବସନ୍ତ ମଞ୍ଜରୀ ପୃଷ୍ଟି । ତାଙ୍କର ସ୍ୱାମୀ ବିଷ୍ଣୁ ବ୍ରତ ରାଉତରାୟ ଜିତୁ ବାବୁ ବର୍ତ୍ତମାନ ଭଦ୍ରକ ଜିଲ୍ଲା ର ବାସୁଦେବପୁର ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ବିଧାୟକ ଅଛନ୍ତି । ଋତୁପର୍ଣ୍ଣାଙ୍କ ପୁତ୍ର ବିଜୟାଦିତ୍ୟ ଓ ଝିଅ ଅଦ୍ ଭିକା ନଳିନୀ ରାଉତରାୟ । ତାଙ୍କର ଶିକ୍ଷାଗତ ଯୋଗ୍ୟତା ପୋଷ୍ଟ ଗ୍ରାଜୁଏସନ୍ ପର୍ସନାଲ ମେନଜମେଣ୍ଟ ଏଣ୍ଡ ଇଣ୍ଡଷ୍ଟ୍ରିଆଲ ରିଲେସନସ । ଋତୁପର୍ଣ୍ଣା ସଙ୍ଗୀତ ରେ ହିନ୍ଦୁସ୍ଥାନୀ କ୍ଲାସିକାଲ ଶିକ୍ଷା କରିଛନ୍ତି । ପିଲାଟି ଦିନରୁ ସେ ବିଦ୍ୟାଳୟ ରେ ପଢୁଥିବା ସମୟରେ ତାଙ୍କର ସଙ୍ଗୀତ ପ୍ରତି ରୁଚି ରହିଥିଲା । ସଙ୍ଗୀତ ଜଗତରେ ତାଙ୍କର ଗୁରୁ ହେଉଛନ୍ତି ଶାରଦା ପ୍ରସନ୍ନ ସାହୁ । ସେ ଇଂରାଜୀ ମିଡ଼ିୟମରେ ପାଠ ପଢୁଥିଲେ । ଭୁବନେଶ୍ୱରର ରମାଦେବୀ ମହିଳା ମହାବିଦ୍ୟାଳୟର ସେ ମେଧାବୀ ଛାତ୍ରୀ ଭାବେ ପାଠ ପଢି ସଫଳତା ହାସଲ କରିଛନ୍ତି । ଉତ୍କଳ ବିଶ୍ୱ ବିଦ୍ୟାଳୟ ବାଣୀ ବିହାର ଭୁବନେଶ୍ୱର ସେ ପି ଜି ଶେଷ କରିଛନ୍ତି ଓ ବର୍ତ୍ତମାନ ପିଏଚଡି ପାଇଁ ପଢୁଛନ୍ତି । ଭାରତ ବର୍ଷର କୋକିଳ କଣ୍ଠି ପ୍ରଖ୍ୟାତ ଗାୟିକା ଲତା ମଙ୍ଗେସକରଙ୍କ ଗୀତ, ଶ୍ରୀୟା ଘୋଷାଲ ଓ ଜଗଜିତ୍ ସିଂହଙ୍କ ଗଜଲ ଋତୁପର୍ଣ୍ଣାଙ୍କୁ ଖୁବ୍ ଭଲ ଲାଗେ । ୟୁଟ୍ୟୁବ୍ ଚାନେଲ ପାଇଁ ସେ ଷ୍ଟେଜ ପ୍ରୋଗ୍ରାମ କରିଥାନ୍ତି । ଶକୁନ୍ତଳା ଏକାଡେମୀ ରେ ସେ ସୁନ୍ଦର ଷ୍ଟେଜ ପ୍ରୋଗ୍ରାମ କରିଥାନ୍ତି ଓ ସୁନ୍ଦର ସଙ୍ଗୀତ ପରିବେଷଣ କରି ସଫଳତା ହାସଲ କରିଛନ୍ତି । ଓଡ଼ିଆ ଭଜନ, ଆଧୁନିକ ଗୀତ, ଓ ସମ୍ବଲପୁରୀ ମଧ୍ୟ ସେ ଗାଇଥାନ୍ତି । ବସୁଦେବପୁର ମହୋତ୍ସବରେ ଋତୁପର୍ଣ୍ଣା ଓ ତାଙ୍କର ସ୍ୱାମୀ ବାସୁଦେବପୁରର ମାନ୍ୟବର ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ସଙ୍ଗୀତ ପରିବେଷଣ କରି ହଜାର ହଜାର ଦର୍ଶକ ଓ ଶ୍ରୋତାଙ୍କୁ ମନ୍ତ୍ର ମୁଗ୍ଧ କରିଥିଲେ । ଏହି ଗୀତ ଶୁଣି ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଖୁବ୍ ପ୍ରଶଂସା କରିଥିଲେ । କଳିଙ୍ଗ ବୀର ବିଜୁ ପଟ୍ଟନାୟକ, ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱାଧୀନତା ସଂଗ୍ରାମୀ ନିଳମଣି ରାଉତରାୟ, ଓଡ଼ିଶାର ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କୁ ଋତୁପର୍ଣ୍ଣା ନିଜର ଆଦର୍ଶ ବୋଲି ମାନିଥାନ୍ତି । ଭୁବନେଶ୍ୱରରେ ତାଙ୍କ ଘରେ ଲକ୍ଷ ଲକ୍ଷ ଟଙ୍କାର ସାହିତ୍ୟ ସଂସ୍କୃତି ଧର୍ମ ବିଜ୍ଞାନ ପୁରାଣ ପୁସ୍ତକ ରହିଛି ଏବଂ ଏହା ପାଠାଗାର ରେ ସେ ପଢନ୍ତି ଓ ଅନେକ ଲୋକ ଏଠାରୁ ସାହାଯ୍ୟ ସହଯୋଗ ପାଇଥାନ୍ତି । ତାଙ୍କର ଭବିଷ୍ୟତ ଲକ୍ଷ୍ୟ ମ୍ୟୁଜିକ ଓ ସମାଜସେବା । ବିଧାୟକ ବିଷ୍ଣୁ ବ୍ରତ ରାଉତରାୟଙ୍କୁ ରାଜନୀତି କ୍ଷେତ୍ର ରେ ସେ ଅନେକ ସମର୍ଥନ ଦେଇଥାନ୍ତି । ସଙ୍ଗୀତ ସମ୍ପର୍କ ରେ ସେ କୁହନ୍ତି ସଙ୍ଗୀତ ହିଁ ମୋ ଜୀବନ । ମୋ ଜୀବନରେ ସଙ୍ଗୀତ ଛାଡ଼ି ପାରିବି ନାହିଁ । ଜାତିର ଜନକ ମହାତ୍ମା ଗାନ୍ଧୀ, ଜାତୀୟ କବି ବାଞ୍ଛାନିଧି ମହାନ୍ତି,ଉତ୍କଳ ମଣି ଗୋପବନ୍ଧୁ ଦାସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନୀ ଓ ପୁସ୍ତକ ପଢିବାକୁ ଋତୁପର୍ଣ୍ଣା ଖୁବ୍ ଭଲ ପାଆନ୍ତି । ହସ ହସ ମୁହଁ ଓ ମିଠା ମିଠା କଥାରେ ଋତୁପର୍ଣ୍ଣା ସମସ୍ତଙ୍କୁ ଆପଣାର କରି ନିଅନ୍ତି । ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଋତୁପର୍ଣ୍ଣାଙ୍କ ଭବିଷ୍ୟତର ଚଲାପଥରେ ପୁଷ୍ପ ବୃଷ୍ଟି ହେଉ।




ଉପସ୍ଥାପନା: ପ୍ରଦୀପ୍ତ ମହାନ୍ତି
ସମ୍ପାଦକ ରଙ୍ଗରାଗ, ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋବାଇଲ: ୯୯୩୭୯୭୬୩୫୧

# ବଲାଙ୍ଗିର ରେଳ ଷ୍ଟେସନ ବାହାରେ ପାର୍କିଂ ଟିକସ ଆଦାୟକୁ ନେଇ ସାଧାରଣରେ ଅସନ୍ତୋଷ

ବଲାଙ୍ଗିର, ୨୨/୨ (ନି.ପ୍ର): ବଲାଙ୍ଗୀର ରେଲୱେ ଷ୍ଟେସନ ଠାରେ ପାର୍କିଂକୁ ନେଇ ପ୍ରତିକ୍ରିୟା ରଖିଲେ ଅଟୋ ଚାଳକ ସଂଘ।ଟ୍ରେନ ଟିକେଟ କାଟିବାକୁ ଯାଇ ଷ୍ଟେସନ ବାହାରେ ଗାଡ଼ି ରଖିଲେ ଗଣିବାକୁ ପଡୁଛି ପାର୍କିଂ ଫିସ୍।ଏଥିରୁ ବାଦ୍ ପଡି ନାହାନ୍ତି ଅଟୋ ଚାଳକ,ରିକ୍ସା ଚାଳକ। ଷ୍ଟେସନ ପରିସରକୁ ଗାଡ଼ି ନେଇ ଗଲେ ଗଣିବାକୁ ପଡ଼ିବ ଟଙ୍କା।ଏଣୁ ଅଟୋ ଚାଳକ ମାନେ ଷ୍ଟେସନ ଠାରୁ ଦୂରରେ ନିଜ ଅଟୋ ରିକ୍ସା ରଖି ଯାତ୍ରୀ ମାନଙ୍କ ଆସିବା ବାଟକୁ ଚାହିଁ ରହୁଛନ୍ତି। ଯାତ୍ରୀ ମାନେ ନିଜ ଲଗେଜ୍ କୁ ଧରି ଅଟୋ ପର୍ଯ୍ୟନ୍ତ ଯାଉଥିବା ଦେଖିବାକୁ ମିଳିଛି। ରେଲୱେ ଷ୍ଟେସନ ମାଷ୍ଟର ଙ୍କୁ ଏ ବିଷୟ ନେଇ ପଚାରିବାରୁ ଡିଆରଏମ ଙ୍କ ଆଦେଶ ବଳରେ ଷ୍ଟେସନ ସମ୍ମୁଖ କୁ ବ୍ୟବସାୟୀକରଣ କରାଯାଇଥିବା ପ୍ରକାଶ କରିଥିଲେ। ଆଉ କିଛିଦିନ ପରେ ଗ୍ରୀଷ୍ମ ଋତୁ ତାର ପ୍ରଭାବ ଦେଖାଇବ। ତାପମାତ୍ରା ପ୍ରାୟ ୫୦ ଡିଗ୍ରୀ ପାଖକୁ ଛୁଇଁବ । ପ୍ରଚଣ୍ଡ ଖରାରେ ଯାତ୍ରୀ ମାନେ ନିଜ ଲଗେଜ ଧରି ଅଟୋ ପର୍ଯ୍ୟନ୍ତ ଯିବା କଷ୍ଟକର ହେବ। ଏ ବିଷୟ କୁ ନେଇ ଠିକା ରେ ନେଇଥିବା ଠିକାଦାର ଦିନେଶ ଶର୍ମା ଙ୍କୁ ପଚାରିବାରୁ ସେ କହିଲେ ଷ୍ଟେସନ ସମ୍ମୁଖ ରେ ଯେତେ ଦୂର ପର୍ଯ୍ୟନ୍ତ ଦଉଡ଼ି ଦେଇଛନ୍ତି ସେତେଦୂର୍ ସେ ଠିକା ରେ ନେଇଛନ୍ତି। ଏଣୁ ସେହି ପରିସର ମଧ୍ୟରେ କୌଣସି ଯାନ ବାହନ ଅଧ ଘଣ୍ଟା ରୁ ଅଧିକ ସମୟ ରଖିଲେ ସେଥିପାଇଁ ଟିକସ ଆଦାୟ କରୁଥିବା ପ୍ରକାଶ କରିଥିଲେ।କେହି କେହି ନ ଦେଲେମଧ କାହାକୁ ଜୋର ଜବରଦସ୍ତ ମଗା ଯାଉ ନ ଥିବା କହିଥିଲେ।ତେବେ ଗୋଟିଏ ପଟେ ପେଟ ପାଟଣ କରୁଥିବା ଅଟୋ ଚାଳକ ତ ଅନ୍ୟ ପଟେ ଡିଆରଏମ ଙ୍କ ବ୍ୟବସାୟିକ ମାନୋବୃତ୍ତି। ଏ ବିଷୟକୁ ନେଇ ଅଟୋ ଚାଳକ ସଂଘ ସଭାପତି ଦ୍ରୋଣ କୁମ୍ଭାର ଙ୍କ ପ୍ରତିକ୍ରିୟା ନିଆ ଯାଇଥିଲା। ସେ ଡିଆରଏମ ଙ୍କ ଅଟୋ ଚାଳକ ମାରଣ ନୀତି କୁ ବିରୋଧ କରି ଗର୍ଜି ଉଠି ଥିଲେ। ନିର୍ଦ୍ଧାରିତ ଅଂଚଳ ବାହାରେ କିଛି ଅଞ୍ଚଳ ଦଉଡି ଲଗାଯାଇ ନଥିବା କେବଳ ପାର୍କିଂ ଫର୍ ଟୁ ହୁଇଲର୍ସ ଲେଖା ଯାଇଟି ଓ ଟିକସ ଆଦାୟ ହେଉଥିବା ଦେଖିବାକୁ ମିଳିଛି। ସ୍ୱଚ୍ଛ ରହିବା ପାଇଁ ମାଗଣା ସ୍ଥାନର ଚିହ୍ନଟ ହୋଇ ନାହିଁ। ତେଣୁ ସାଧାରଣ ଲୋକେ ଅଳ୍ପ ସମୟ ପାଇଁ ଟିକେଟ କାଟିବାକୁ ଯାଇଥିବା କିମ୍ବା ଠିକ୍ ଗାଡ଼ି ଆସିବା ସମୟରେ କାହାକୁ ଆଣିବାକୁ ଯାଇ ଅପେକ୍ଷା କରିଥିବା ବେଳେ ସେମାନଂକୁ ଜୋର କରି ପଇସା ମଗାଯାଉଥିବା ଯୋଗୁଁ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# ଗୌଡ଼ଗୁଡା ଗ୍ରାମ ପଂଚାୟତରେ ଆମ ଓଡ଼ିଶା ନବୀନ ଓଡିଶା ସଚେତନତା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିରି, ୨୨/୨ (ନି.ପ୍ର): ମାଲକାନଗିରି ବ୍ଲକ ତରଫରୁ ଆମ ଓଡ଼ିଶା ନବୀନ ଓଡିଶା ସଚେତନତା ଶିବିର କାର୍ଯ୍ୟକ୍ରମ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ପ୍ରଭାତୀ ଝଡ଼ିଆଙ୍କ ଅଧ୍ୟକ୍ଷତାରେ ଆଜି ଗୌଡଗୁଡା ଗ୍ରାମ ପଂଚାୟତ ରେ ଆମ ଓଡ଼ିଶା ନବୀନ ଓଡିଶା ସଚେତନତା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସର୍ବ ପ୍ରଥମେ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କୁ ପୁଷ୍ପ ଓ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭ ଆରମ୍ଭ କରା ଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ବିଡ଼ିଓ ସୁଶ୍ରୀ ଝଡ଼ିଆ ଗୌଡଗୁଡା ଗ୍ରାମ ପଂଚାୟତରେ ହୋଇଥିବା ବିକାଶର ଏକ ଝଲକ ଉପରେ ଆଲୋକପାତ କରି ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ବିଭିନ୍ନ ପ୍ରକଳ୍ପ ପାଇଁ ୫୦ ଲକ୍ଷ ଟଙ୍କା ,ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସମସ୍ତ ପରିବାରକୁ ଅନ୍ତର୍ଭୁକ୍ତ କରାଯିବା ,କାଳିଆ ଯୋଜନା, ସାମାଜିକ ସୁରକ୍ଷା ଭତା , ମିଶନ ଶକ୍ତି ଦ୍ୱାରା ମହିଳା ଗୋଷ୍ଠୀଙ୍କୁ ସଶକ୍ତିକରଣ। ବିନା ସୁଧରେ ଋଣ , ପରିବାରଙ୍କୁ ରା ସନ୍ କାର୍ଡ଼ , ମମତା ଯୋଜନା ଗର୍ଭବତୀ ମହିଳାଙ୍କୁ ମମତା ସହାୟତା, ପଂଚାୟତରେ ଆମ ବ୍ୟାଙ୍କ ଆମ ବ୍ୟାଙ୍କ ଦ୍ୱାରା ଆର୍ଥିକ ଅନ୍ତର୍ଭୁକ୍ତିକରଣ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ । ଆଜିର କାର୍ଯ୍ୟକ୍ରମରେ ଗୌଡଗୁଡା ସରପଂଚ ପାଣ୍ଡରି ପଡିଆମୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ମାଲକାନଗିରି ବ୍ଲକ ଅଧକ୍ଷା ଗୌରୀ ପଡ଼ିଆମୀ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ସଭ୍ୟା କୁନି ଭୂମିଆ, ଜିଲ୍ଲା ଯୁବ ଉପ ସଭାପତି କଂଟେସ ପୋଟଲା, ବିଜେଡି ଜୋନ୍ ସଂଯୋଜକ ଗୋପୀ ପାଙ୍ଗି, ସରପଂଚ, ସମିତି ସଭ୍ୟା, ସଭ୍ୟ , ସମସ୍ତ ୱାର୍ଡ ସଭ୍ୟା, ସଭ୍ୟ , ବିଦ୍ୟାଳୟର ଛାତ୍ର ଛାତ୍ରୀ ଏବଂ ଶିକ୍ଷକ, ଶିକ୍ଷୟତ୍ରୀ, ମାଲକାନଗିରି ବ୍ଲକ ର ସମସ୍ତ ବିଭାଗ ର ସରକାରୀ ପଦାଧିକାରୀ, ସମସ୍ତ ପିଇଓ ପ୍ରମୁଖଙ୍କ ସହ ଏକ ହଜାର ରୁ ଉର୍ଦ୍ଧ୍ୱ ଜନ ସାଧାରଣ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ , ବିଦ୍ୟାଳୟ ର ଆଦର୍ଶ ଶିକ୍ଷକ ଏବଂ ମିଶନ୍ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ,ଆଶା କର୍ମୀ ଯୁବ ଗୋଷ୍ଠୀ ଶ୍ରେଷ୍ଠ ଚାଷୀ ଓ ଉତମ କାର୍ଯ୍ୟ କରିଥିବା କର୍ମଚାରୀଙ୍କୁ ଙ୍କୁ ପୁରସ୍କୃତ କରିବା ସହ ମାନ ପତ୍ର ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ଅବସରରେ ୫ ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମହା ସଂଘ ତରଫରୁ ୧ ଲକ୍ଷ ଟଙ୍କା ଲେଖାଏ ଋଣ ପ୍ରଦାନ କରଯାଇଥିଲା ।

# ଜୟପୁରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ଜୟପୁର, ୨୨/୨ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁର ଠାରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଶ୍ୟାମ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା, ପ୍ରଭାତ କୁମାର ରଥ ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନର ଉଦ୍ଦେଶ୍ୟ, ଦୈନନ୍ଦିନ ଜୀବନରେ ମାତୃଭାଷାର ବହୁଳ ବ୍ୟବହାର, ମାତୃଭାଷାର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ସର୍ଜନାତ୍ମକ କାର୍ଯ୍ୟକ୍ରମ ଉପରେ ମାର୍ଗଦର୍ଶନ କରାଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ନରେଶ କୁମାର ଷଡ଼ଙ୍ଗୀ ଓ ଯଜ୍ଞେଶ୍ୱର ପଣ୍ଡା ଛାତ୍ରଛାତ୍ରୀମାନଙ୍କୁ ଶପଥ ପାଠ କରାଇଥିବା ବେଳେ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ମେହେର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ,ହିତକର ଚରତି, ଦେବେନ୍ଦ୍ର କୁମାର ପାଢ଼ୀ, ଦୁର୍ଗା ପ୍ରସାଦ ପାତ୍ର,ତନବୀର ମହମ୍ମଦ,ଶୁଭସ୍ମିତା ସାହୁ, ବନିତା ଶତପଥୀ , ପପିତା ପ୍ରଧାନ, ରଶ୍ମିତା ନାହାକ, କଲ୍ୟାଣୀ ନାୟକ , କେ.ପ୍ରମିଳା, ସାଗରିକା ପାତ୍ର, ସୁଧା ପଟନାୟକ, ସୁବର୍ଣ୍ଣ କୁମାରୀ ଖିଲ, ଅରୁନ୍ଧତୀ ତ୍ରିପାଠୀ, ସୁଚରିତା ପଟ୍ଟନାୟକ, ସନ୍ତୋଷିନୀ ପଣ୍ଡା, ପ୍ରଭାତୀ ପାଣିଗ୍ରାହୀ, ସସ୍ମିତା ଜେନା, ସୋମନାଥ ସାକିଆ ଶିକ୍ଷକ ଶିକ୍ଷୟିତ୍ରୀବୃନ୍ଦ ସହଯୋଗ କରିଥିଲେ । ଶେଷରେ ବରିଷ୍ଠ ଶିକ୍ଷକ ବିଶ୍ୱ ରଞ୍ଜନ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ

ଖୋର୍ଦ୍ଧା, ୨୨/୨ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ଉତ୍ସବ କ୍ୟାପିଟାଲ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଓଡ଼ିଶା ସରକାରଙ୍କ ଏକ ଅଭିନବ ପ୍ରୟାସ। ତେବେ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ଶିକ୍ଷାର୍ଥୀ, ଶିକ୍ଷକ, ଗ୍ରାମ ପଂଚାୟତ, ବିଦ୍ୟାଳୟ, ବ୍ଲକ, ଆଲୁମିନ୍, ଏସ୍ଏମ୍?ସି, ବିଇଓ, ଜିଲ୍ଲାକୁ ପୁରସ୍କୃତ କରାଯାଇ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇ ଦେବା ଏହାର ଲକ୍ଷ୍ୟ। ଗୁଣାତ୍ମକ ଶିକ୍ଷାର ଲକ୍ଷ୍ୟ ହାସଲ ପାଇଁ ସମଗ୍ର ଭାରତବର୍ଷରେ ଏହା ଅଦ୍ୱିତୀୟ କାର୍ଯ୍ୟକ୍ରମ।

ଏହି ପୁରସ୍କାର ଅନ୍ତର୍ଗତ ଅଭିନବ କାର୍ଯ୍ୟ ପ୍ରଦର୍ଶନ କରୁଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକୁ ସ୍ୱୀକୃତି ଦେବା ସହ ସଫଳତାର ସହିତ ହାଇସ୍କୁଲ୍ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଶିକ୍ଷାର୍ଥୀମାନଙ୍କୁ ପୁରସ୍କୃତ କରି ଆଗକୁ ବଢିବାରେ ସହାୟତା ଓ ଉତ୍ସାହ ଦେବା ଏହାର ଏକମାତ୍ର ଲକ୍ଷ୍ୟ। ବିଦ୍ୟାଳୟ ଏବଂ ଶିକ୍ଷାର୍ଥୀମାନଙ୍କ ସର୍ବାଙ୍ଗୀନ ବିକାଶ କରିବା ଓ ଶିକ୍ଷାର୍ଥୀଙ୍କୁ ଭବିଷ୍ୟତ ମାର୍ଗଦର୍ଶନ କରିବାକୁ ପ୍ରେରଣା ଯୋଗାଇ ଦେବା ପାଇଁ ଏହି ପୁରସ୍କାର ବ୍ୟବସ୍ଥା କରାଯାଇଛି। ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କର ଦିଗ୍‌ଦର୍ଶନ ଓ ଶିକ୍ଷାକୁ ଆଗକୁ ନେବା ପାଇଁ ତାଙ୍କର ସ୍ୱପ୍ନକୁ ସଫଳ ରୂପାୟନ କରିବା ପାଇଁ ଏହି ପୁରସ୍କାର ସହାୟକ ହେବ ଏଥିରେ ସନ୍ଦେହ ନାହିଁ। ମୁଖ୍ୟମନ୍ତ୍ରୀ ଗତ ଜାନୁଆରୀ ମାସ ୩୧ ତାରିଖରେ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ଅନେକ ଅନୁଷ୍ଠାନ ଓ ସଫଳ ଶିକ୍ଷାର୍ଥୀଙ୍କୁ ପୁରସ୍କୃତ କରିଛନ୍ତି। ଏଥିରେ ଖୋର୍ଦ୍ଧା ଜିଲ୍ଲାର ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଓ ଭୁବନେଶ୍ୱର ବ୍ଲକ ଶିକ୍ଷା ଅଧିକାରୀଙ୍କ ସହ ବିଭିନ୍ନ ପ୍ରତିଭାଧାରୀ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାର୍ଥୀ ପୁରସ୍କୃତ ହୋଇଛନ୍ତି। ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲାର ଆଜି ସମୁଦାୟ ୧୭୯୮ ଜଣ ବିଦ୍ୟାର୍ଥୀ, ପ୍ରଧାନଶିକ୍ଷକ, ଗୋଷ୍ଠୀ ଶିକ୍ଷାଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ, ବିଦ୍ୟାଳୟ, ବିଦ୍ୟାଳୟ ପରିଚାଳନା କମିଟି, ଆଲୁମିନି କମିଟି, ପଂଚାୟତ, ବ୍ଲକ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନକୁ ମଧ ପୁରସ୍କୃତ ହେବା ପାଇଁ ମନୋନୀତ ହୋଇଛନ୍ତି।

ଏହି ଅବସରରେ ଆୟୋଜିତ ଉତ୍ସବରେ ଖୋର୍ଦ୍ଧା ଜିଲାପାଳ ଚଂଚଳା ରଣା ଅଧକ୍ଷତା କରିଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧକ୍ଷା ରୂପଶ୍ରୀ ରାଣୀ ଗୁମାନସିଂ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଭୁବନେଶ୍ୱର-ଉତର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର-ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି, ଉପଜିଲ୍ଲାପାଳ ଚିନ୍ମୟ ଆଚାର୍ଯ୍ୟ, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷ ତାପସ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କଠିନ ପରିଶ୍ରମ କରିବା ସହ ଆତ୍ମବିଶ୍ୱାସ ବୃଦ୍ଧି କରିବାକୁ ଛାତ୍ରଛାତ୍ରୀ ମାନଙ୍କୁ ଉପସ୍ଥିତ ଅତିଥିମାନେ ପରାମର୍ଶ ଦେଇଥିଲେ। ଶୃଙ୍ଖଳା ଓ ଗୁରୁଜନ ମାନଙ୍କୁ ଉତମ ସମ୍ମାନ ପ୍ରଦାନ ସମାଜରେ ନିଜକୁ ପ୍ରତିଷ୍ଠିତ କରାଇବାରେ ସହାୟକ ହୋଇଥାଏ ବୋଲି ଅତିଥି ମାନେ ମତବ୍ୟକ୍ତ ପୂର୍ବକ ଯୋଗ ଦେଇଥିବା ବିଦ୍ୟାର୍ଥୀ ଓ ଶିକ୍ଷକଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନ ମିଳିବ, ଉତ୍ସାହ ବୃଦ୍ଧି ଓ ଶିକ୍ଷା ରେ ଆଗ୍ରହ ଆଣିବା ପାଇଁ ସରକାରଙ୍କ ଏହା ଏକ ଅଭିନବ ପ୍ରୟାସ ବୋଲି ଅତିଥି ମାନେ ବକ୍ତବ୍ୟ ରଖିଥିଲେ। ଅତିଥିମାନେ ପ୍ରତ୍ୟେକ ପୁରସ୍କାରଧାରୀଙ୍କୁ ମାନପତ୍ର, ଟ୍ରଫି ପ୍ରଦାନ କରିଥିଲେ। ପୁରସ୍କାର ବାବଦରେ ନିର୍ଦ୍ଧାରିତ ଅର୍ଥରାଶି ସେମାନଙ୍କ ବ୍ୟାଙ୍କ ଆକାଉଂଟକୁ ପ୍ରେରଣ ପାଇଁ ଘୋଷଣା କରାଯାଇଥିଲା। ଏହି ପୁରସ୍କାର ନିଶ୍ଚିତ ଭାବେ ସଫଳ ଶିକ୍ଷାର୍ଥୀ, ବିଦ୍ୟାଳୟ, ଗ୍ରାମ ପଂଚାୟତ, ଏସ୍ଏମ୍ସି ଆଦି ଅଧିକରୁ ଅଧିକ ଆଗେଇବା ପାଇଁ ପ୍ରେରଣା ଓ ଉତ୍ସାହ ଯୋଗାଇବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଯୋଗ ଦେଇଥିଲେ।

# କରଦା ହରିହାଟ ମହୋତ୍ସବର ତୃତୀୟ ସଂଧ୍ୟା: ସମ୍ବଲପୁରୀ ନୃତ୍ୟରେ ଝୁମିଲେ ଦର୍ଶକ

କୋରେଇ, ୨୨/୨ (ନି.ପ୍ର): କୋରାଇ ବ୍ଲକ ଅର୍ନ୍ତଗତ କରଦା ପଂଚାୟତର ଗଣପର୍ବ ହରିହାଟ ମେଳାରେ ମହୋତ୍ସବର ଦ୍ୱିତୀୟ ଦିବସରେ ଅଚାନକ ବର୍ଷା ଯୋଗୁଁ ମହୋତ୍ସବ ବାତିଲ ହୋଇଯାଇଥିବା ବେଳେ ଦର୍ଶକ ମାନେ ନିରାଶ ହୋଇ ଘରକୁ ଫେରିଯାଇଥିଲେ। ମାତ୍ର ତୃତୀୟ ଦିବସରେ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥିଲା। ତୃତୀୟ ଦିବସରେ କମିଟିର ସମ୍ପାଦକ ବିଶ୍ୱନାଥ ପଣ୍ଡାଙ୍କ ଆକର୍ଷଣୀୟ ସଂଚାଳନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ତରାପୁରସ୍ଥିତ କଳିଙ୍ଗ ଗ୍ରୁପର ଅଧ୍ୟକ୍ଷ ଶିକ୍ଷାବିତ ଇଂ ଆଲେକଜାଣ୍ଡାର ଦାସ ଯୋଗ ଦେଇ କରି ଶିକ୍ଷା ଚାକିରୀର ମାନଦଣ୍ଡ ନୁହେଁ ବରଂ ଜୀବନର ମାନଦଣ୍ଡ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ଜୀବନ ଶୈଳୀର ପ୍ରଶିକ୍ଷକ ଡ଼କ୍ଟର ସତ୍ୟରଂଜନ ପତି, ଓଡ଼ିଶା ଟାଇମ୍ସର ସାମ୍ବାଦିକ ସୁରେଶ ଚନ୍ଦ୍ର କର, ସମାଜ ସେବୀ ଉତ୍କଳ କେଶରୀ ବିଶ୍ୱାଳ, ରାମବାଗ ଆଂଚଳିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଅନୀଲ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। କମିଟିର ସଭାପତି ପ୍ରମୋଦ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୁଧାଶଙ୍କର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ଓ ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ପ୍ରେରିତ ଦୟାଲ ସଙ୍ଗୀତ ଏକାଡ଼େମୀ ଦ୍ୱାରା ଚିତାବର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା। ସମ୍ବଲପୁରୀ ଗୀତର ତାଳେ ତାଳେ ଦର୍ଶକ ଝୁମିଥିଲେ। ରାଜ୍ୟ ସରକାରଙ୍କ ଓରମାଶ ଓ ନାବାର୍ଡ଼ ଦ୍ୱାରା ପକାଯାଇଥିବା ସ୍ୱୟଂ ସହାୟିକା ଗୋଷ୍ଠି ମାନଙ୍କ ସହିତ ଜିଲ୍ଲା ତଥା ରାଜ୍ୟ ବାହାରୁ ଆସିଥିବା ବ୍ୟବସାୟିକ ଷ୍ଟଲ ମାନଙ୍କ ନିକଟରେ କ୍ରେତା ମାନଙ୍କର ଭିଡ଼ ଜମିଥଲା। ଏଥି ସହିତ ମେଳାରେ ମଧ୍ୟ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ମେଳାରେ ଦୋଳି ସହିତ ମୀନାବଜାର, ଷ୍ଟେସନାରୀ ଦୋକାନ ,କଂସା ପିତଳ ଦୋକାନ, ଫାଷ୍ଟ ଫୁଡ଼ ଦୋକାନର ମଜା ଉଠାଇଥିଲେ ଦର୍ଶକ ମାନେ। ଆଜି ଠାରୁ ଆରମ୍ଭ ହୋଇଥିବା ତୁଳସୀ ଗଣନାଟ୍ୟର ଯାତ୍ରାରେ ମଧ୍ୟ ଦର୍ଶକ ମାନଙ୍କ ଭିଡ଼ ଲାଗି ରହିଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପାଣିକୋଇଲି ପୁଲିସ ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଏଥି ସହିତ ମେଳା ଓ ମହୋତ୍ସବ କମିଟିର ସମସ୍ତ ସଦସ୍ୟ ପରିଚାଳନରେ ଅକୁଣ୍ଠ ସହଯୋଗ ପ୍ରଦାନ କରିଥିଲେ।

# ଜିଓ ଏୟାରଫାଇବର ଏବେ ଓଡ଼ିଶାର ୨୫୦ରୁ ଅଧିକ ସହରରେ ଉପଲବ୍ଧ

ଭୁବନେଶ୍ୱର, ୨୨/୨ (ନି.ପ୍ର): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ଗୃହ ମନୋରଂଜନ, ସ୍ମାର୍ଟ ହୋମ ସେବା ଓ ହାଇ-ସ୍ପିଡ ବ୍ରଡବ୍ୟାଣ୍ଡର ସମନ୍ୱିତ ଏଣ୍ଡ-ଟୁ-ଏଣ୍ଡ ସମାଧାନ ଜିଓ ଏୟାରଫାଇବର ଏବେ ଓଡ଼ିଶାର ୨୫୦ରୁ ଅଧିକ ସହର ଏବଂ ନିକଟବର୍ତ୍ତୀ ଶତାଧିକ ଗ୍ରାମଗୁଡ଼ିକରେ ଉପଲବ୍ଧ ହୋଇଛି । ଓଡ଼ିଶାରେ ୨୦୨୩ ନଭେମ୍ବରରେ ଆରମ୍ଭ ହୋଇଥିବା ଏହି ସେବା ୱାୟାରଲାଇନ ବ୍ରଡବ୍ୟାଣ୍ଡ ସଂଯୋଗ କ୍ଷେତ୍ରରେ ରହିଥିବା ସଂଯୋଗ ଜନିତ ଆହ୍ୱାନକୁ ଅତିକ୍ରମ କରିପାରିଛି ଏବଂ ସାରା ଦେଶର ବ୍ୟବହାକାରୀଙ୍କୁ ଉନ୍ନତ ଡିଜିଟାଲ ଅନୁଭବ ପ୍ରଦାନ କରୁଛି । ବର୍ତମାନ ସାରା ଭାରତରେ ଜିଓର ଅପ୍ଟିକାଲ ଫାଇବର ଭିତ୍ତିଭୂମି ୧.୫ ନିୟୁତ କିଲୋମିଟରରୁ ଅଧିକ ବ୍ୟାପ୍ତ ରହିଛି । ତଥାପି ଦେଶର ଅନେକ ସ୍ଥାନରେ ପ୍ରତ୍ୟକ୍ଷ ସଂଯୋଗ ପ୍ରଦାନ କରିବା ଲାଗି ବହୁ ସମୟ ଲାଗୁଛି । ଘର କିମ୍ବା ପରିସର ପର୍ଯ୍ୟନ୍ତ ଅପ୍ଟିକାଲ ଫାଇବର ପହଞ୍ଚାଇବାରେ ରହିଥିବା ଥିବା ଜଟିଳତା ଓ ବିଳମ୍ବ ପାଇଁ ଅନେକ ସମ୍ଭାବ୍ୟ ଗ୍ରାହକ ହୋମ ବ୍ରଡବ୍ୟାଣ୍ଡରୁ ଏବେ ଯାଏଁ ବଞ୍ଚିତ ରହିଛନ୍ତି । ଜିଓ ଏୟାର ଫାଇବର ପକ୍ଷରୁ ଏହିଭଳି ପରିସରଗୁଡ଼ିକୁ ସଂଯୋଗ ପ୍ରଦାନ କରିବା କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି । ଶେଷ ମାଇଲ ସଂଯୋଗୀକରଣରେ ରହିଥିବା ସମସ୍ୟାକୁ ଦୂର କରିବା ସହ ଜିଓଏୟାରଫାଇବର୍ ପ୍ରତ୍ୟେକ ଘର ଓ କ୍ଷୁଦ୍ର ବ୍ୟବସାୟିକ ପ୍ରତିଷ୍ଠାନକୁ ବ୍ରଡବ୍ୟାଣ୍ଡ୍ ସୁବିଧା ସହିତ ସଂଯୁକ୍ତ କରୁଛି ଯେଉଁଠାରେ ପୂର୍ବରୁ ଗୁଣାତ୍ମକ ହୋମ୍ ବ୍ରଡବ୍ୟାଣ୍ଡ ସୁବିଧା ସେମାନଙ୍କ ପରିସରକୁ ଅପ୍ଟିକାଲ-ଫାଇବର ସମ୍ପ୍ରସାରଣରେ ରହିଥିବା ବିଭିନ୍ନ ଜଟିଳତା କାରଣରୁ ଉପଲବ୍ଧ ହୋଇପାରୁନଥିଲା । ଘରୁ କାର୍ଯ୍ୟ କରୁଥିବା ଆଇଟି ପ୍ରଫେସନାଲଙ୍କ ଠାରୁ ଆରମ୍ଭ କରି ଛୋଟ ବଡ ଉଦ୍ୟୋଗ, ହୋଟେଲ ଓ ରେଷ୍ଟୋରାଁ, ଡିଜିଟାଲ ଷ୍ଟୁଡିଓ, ଶିକ୍ଷାନୁଷ୍ଠାନ, କ୍ଷୁଦ୍ର ବ୍ୟବସାୟ ଓ ବ୍ୟକ୍ତିଗତ ପରିବାର ପର୍ଯ୍ୟନ୍ତ ଜିଓଏୟାରଫାଇବର ଓଡ଼ିଶାର ୨୫୦ ରୁ ଅଧିକ ଛୋଟ ବଡ଼ ସହରରେ ସର୍ବାଧିକ ପସନ୍ଦ ଓ ଭରସାଯୋଗ୍ୟ ହାଇସ୍ପିଡ୍ ବ୍ରଡବ୍ୟାଣ୍ଡ ସେବା ପ୍ରଦାନକାରୀ ପାଲଟିଛି । ଜିଓଏୟାରଫାଇବର ଟିଭି ଏବଂ ବ୍ରଡବ୍ୟାଣ୍ଡ ବ୍ୟବହାରକାରୀଙ୍କୁ ବିଶ୍ୱସ୍ତରୀୟ ଅତ୍ୟାଧୁନିକ ଗୃହ ମନୋରଞ୍ଜନ, ବ୍ରଡବ୍ୟାଣ୍ଡ ଏବଂ ଡିଜିଟାଲ ଅନୁଭୂତିକୁ ଉନ୍ନୀତ ହେବାର ସୁଯୋଗ ପ୍ରଦାନ କରୁଛି । ଏଥିସହିତ ଜିଓଏୟାରଫାଇବର ବିନା କୌଣସି ଅତିରିକ୍ତ ମୂଲ୍ୟରେ ମାଗଣା ବିକ୍ରି ପରବର୍ତ୍ତୀ ସେବା ପ୍ରଦାନ କରୁଛି, ଯାହା ଦ୍ୱାରା ଗ୍ରାହକମାନେ ଅଧିକ ସଂଚୟ କରିପାରିବେ । ଜିଓ ଏୟାର ଫାଇବର ସଂଯୋଗ ଆଡକୁ ଅଗ୍ରସର ହେବା ଭାରତୀୟଙ୍କ ମନୋରଞ୍ଜନ ବ୍ୟବହାର ଅଭ୍ୟାସରେ ଏକ ଗଭୀର ପରିବର୍ତନକୁ ସୂଚିତ କରୁଛି । ପାଣିପାଗ ପରିସ୍ଥିତି ଏବଂ ବୈଷୟିକ ତ୍ରୁଟି କାରଣରୁ ସେବା ବାଧାପ୍ରାପ୍ତ ହେବା ନେଇ ସମାଲୋଚନାର ଶିକାର ହେଉଥିବା ଡିଟିଏଚ୍ ସେବାଗୁଡିକ ତୁଳନାରେ ଜିଓ ଏୟାରଫାଇବର ସଂଯୋଗ ଏକ ଦୃଢ଼ ଏବଂ ବିଶ୍ୱସନୀୟ ବିକଳ୍ପ ପ୍ରଦାନ କରୁଛି । ଏହା ନିରବଚ୍ଛିନ୍ନ ସେବାର ଗ୍ୟାରେଣ୍ଟି ଦେବା ସହିତ ଉନ୍ନତ ପ୍ରଦର୍ଶନ ମଧ ପ୍ରଦାନ କରୁଛି ।

# ଜୟପୁରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ଜୟପୁର, ୨୨/୨ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁର ଠାରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଶ୍ୟାମ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା, ପ୍ରଭାତ କୁମାର ରଥ ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନର ଉଦ୍ଦେଶ୍ୟ, ଦୈନନ୍ଦିନ ଜୀବନରେ ମାତୃଭାଷାର ବହୁଳ ବ୍ୟବହାର, ମାତୃଭାଷାର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ସର୍ଜନାତ୍ମକ କାର୍ଯ୍ୟକ୍ରମ ଉପରେ ମାର୍ଗଦର୍ଶନ କରାଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ନରେଶ କୁମାର ଷଡ଼ଙ୍ଗୀ ଓ ଯଜ୍ଞେଶ୍ୱର ପଣ୍ଡା ଛାତ୍ରଛାତ୍ରୀ ମାନଙ୍କୁ ଶପଥ ପାଠ କରାଇଥିବା ବେଳେ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ମେହେର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ,ହିତକର ଚରତି, ଦେବେନ୍ଦ୍ର କୁମାର ପାଢ଼ୀ, ଦୁର୍ଗା ପ୍ରସାଦ ପାତ୍ର,ତନବୀର ମହମ୍ମଦ, ଶୁଭସ୍ମିତା ସାହୁ, ବନିତା ଶତପଥୀ , ପପିତା ପ୍ରଧାନ, ରଶ୍ମିତା ନାହାକ, କଲ୍ୟାଣୀ ନାୟକ , କେ.ପ୍ରମିଳା, ସାଗରିକା ପାତ୍ର, ସୁଧା ପଟନାୟକ, ସୁବର୍ଣ୍ଣ କୁମାରୀ ଖିଲ, ଅରୁନ୍ଧତୀ ତ୍ରିପାଠୀ, ସୁଚରିତା ପଟ୍ଟନାୟକ, ସନ୍ତୋଷିନୀ ପଣ୍ଡା, ପ୍ରଭାତୀ ପାଣିଗ୍ରାହୀ, ସସ୍ମିତା ଜେନା, ସୋମନାଥ ସାକିଆ ଶିକ୍ଷକ ଶିକ୍ଷୟିତ୍ରୀବୃନ୍ଦ ସହଯୋଗ କରିଥିଲେ । ଶେଷରେ ବରିଷ୍ଠ ଶିକ୍ଷକ ବିଶ୍ୱ ରଞ୍ଜନ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟ ସାମ୍ବାଦିକ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡ଼ା, ୨୨/୨ (ନି.ପ୍ର): ରାଜ୍ୟ ସାମ୍ବାଦିକ ସଂଘ କେନ୍ଦ୍ରାପଡା ଶାଖା ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ସାମ୍ବାଦିକଙ୍କ ସୁରକ୍ଷା ଆଇନ ପ୍ରଣୟନ ପାଇଁ ଏକ ଦାବିପତ୍ର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ଷ୍ଟେଟ୍ ୟୁନିୟନ ଅଫ ଜରନାଲିଷ୍ଟ (ଏସ୍.ୟୁ.ଜେ) ର ସଭ୍ୟ/ସଭ୍ୟା ମାନେ ଜିଲ୍ଲାପାଳଙ୍କୁ ଭେଟି ଜନ କଲ୍ୟାଣ ଯୋଜନା ଗୁଡିକର ପ୍ରଚାର ପ୍ରସାର କରି ଆସୁଥିବା ସହ ବିଭିନ୍ନ ସମସ୍ୟା, ଦୁର୍ନିତି, ଅବ୍ୟବସ୍ଥା ଇତ୍ୟାଦି ସଂପର୍କରେ ବିଭିନ୍ନ ସମୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଚାଲିଛନ୍ତି । ସତ୍ୟ ଖବର ପରିବେଷଣ କରି ସ୍ୱଚ୍ଛତା ରକ୍ଷା ଦିଗରେ କାମ କରୁଥିବା ସାମ୍ବାଦିକ ମାନଙ୍କୁ ବିଭିନ୍ନ ସମୟରେ ଅସାମାଜିକ ବ୍ୟକ୍ତିମାନେ ମରଣାତ୍ମକ ଆକ୍ରମଣ କରୁଛନ୍ତି । ଫଳରେ ସାମ୍ବାଦିକ ମାନେ ସତ୍ୟ ଓ ନିରପେକ୍ଷ ଖବର ପ୍ରକାଶ କରିବା ପାଇଁ ସମସ୍ୟା ଦେଖା ଦେଉଛି। ତେଣୁ ସାମ୍ବାଦିକଙ୍କ ସୁରକ୍ଷା ଆଇନ ପ୍ରଣୟନ କରିବା ସହ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ମାସିକ ୨୫ ହଜାର ଟଙ୍କା ଭତା ଓ ଅବସର ନେଇ ସାରିଥିବା ବରିଷ୍ଠ ସାମ୍ବାଦିକମାନଙ୍କୁ ମାସିକ ୨୦ ହଜାର ଟଙ୍କା ଲେଖାଏଁ ପେନଶନ ପ୍ରଦାନ କରିବାକୁ ଦାବି କରାଯାଇଛି । ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ସଭାପତି ଦୈତାରୀ ଜେନା, ସଂପାଦକ ପ୍ରଶାନ୍ତ କୁମାର ନାୟକଙ୍କ ସହ ଜିଲ୍ଲାର ବିଭିନ୍ନ ଅଂଚଳରୁ ଶତାଧିକ ସାମ୍ବାଦିକ ଉପସ୍ଥିତ ଥିଲେ ।

# କୋରାଇ ବ୍ଲକର ୨୮ ପଂଚାୟତର ବିଜେଡି ସଭାପତି ଚୟନ

କୋରେଇ, ୨୨/୨ (ନି.ପ୍ର): କୋରାଇର ବିଧାୟକ ଅଶୋକ କୁମାର ବଳଙ୍କ ନିର୍ଦ୍ଦେଶ କ୍ରମେ କୋରେଇ ବ୍ଲକ ବିଜେଡି ସଭାପତି ଭକ୍ତ ବତ୍ସଳ ସ୍ୱାଇଁ ଆଜି ୨୮ ପଂଚାୟତର ସଭାପତି ଚୟନ କରିବା ସହ ଏକ ପ୍ରେସ ବିଜ୍ଞପ୍ତିରେ ଏହି ସୂଚନା ଦେଇଛନ୍ତି । ଏହି କ୍ରମରେ ଅନ୍ଧାରୀ ପଂଚାୟତର ସଭାପତି ଭାବେ ଗଣେଶ୍ୱର ଦାସ, ଅସନଝର ନିରଂଜନ ବାରିକ, କାଚରାସାହି ରାମ ଚନ୍ଦ୍ର ଭଂଜ, କନ୍ତୋର ପୁରୁଷୋତମ ପାତ୍ର, ପାଟରଂଗା ଶତୃଘନ ଦାସ, ପଚ୍ଛିକୋଟ ଦିଲ୍ଲୀପ କୁମାର ସ୍ୱାଇଁ, ରଣପୁର ବେଣୁଧର ମହାପାତ୍ର, ତାହାରପୁର ଶିବ ପ୍ରସାଦ ମଲ୍ଲିକ, ତଳଗଡ ଅଂଜନ କୁମାର ନାୟକ, ତୁଳତୀ ବିଜୟ କୁମାର ରାଜ, ଅମୃତିଆ ବିଶ୍ୱନାଥ ସାହୁ, ବନ୍ଧାଲୋ ରଘୁନାଥ କୁଣ୍ଡୁ, ବରୁଣ୍ଡାଇ ଯତିନ୍ଦ୍ର ପଣ୍ଡା, ଧନେଶ୍ୱର ବଳରାମ ରାଉତ, ଗୌରପୁର ରମେଶ ସାହୁ, ହଳଦୀ ଗଡିଆ ଅଲେଖ ନାଥ, ମକୁନ୍ଦପୁର ରାଧେଶ୍ୟାମ ଜେନା, ସାଦକପୁର ଶାନ୍ତନୁ ସାହୁ, ତାରାକୋଟ ଜିତେନ୍ଦ୍ର ଶତପଥି, ବଡବିରୁହାଁ ସୁଶାନ୍ତ କୁମାର ମହାପାତ୍ର, ଗୋଳେଇପୁର ମିର୍ଜ୍ଜା ହବିବୁଲ୍ଲା ବେଗ, ଜହ୍ନା ନିତ୍ୟାନନ୍ଦ ସାହୁ, କରଦା ଗଙ୍ଗାଧର ସାହୁ, ଖମଣ କୈଳାସ ଚନ୍ଦ୍ର ସାହୁ, ମୂଳାପାଳ ନିତ୍ୟାନନ୍ଦ ସାହୁ, ପାଣିକୋଇଲି ବିଜୟ କୁମାର ଷଡଙ୍ଗୀ, ପଥରପଦା ସନ୍ତୋଷ ବେହେରା, ତଣ୍ଡରା ମାନସ କୁମାର ମହାନ୍ତିଙ୍କୁ ଚୟନ କରାଯାଇଛି ।

# କୁଆଁଶ ମଙ୍ଗଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ନିମନ୍ତେ କଳସ ଶୋଭାଯାତ୍ରା

କୋରେଇ, ୨୨/୨ (ନି.ପ୍ର): କୋରାଇ ବ୍ଲକ ପଥରପଦା ପଂଚାୟତର ନୁଆପଦା ଗ୍ରାମର ଆଦିଶକ୍ତି ମା କୁଆଁଶ ମଙ୍ଗଳାଙ୍କର ନୂତନ ମନ୍ଦିର ପ୍ରତିଷ୍ଠା ଓ ୪୫ ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ମଙ୍ଗଳବାର ଦିନ ମନ୍ଦିର ପ୍ରତିଷ୍ଠା ଶୁଭାଧିବାସ ପରେ ବୁଧବାର ଦିନ ବୈତରଣୀ ନଦୀର ଲିଙ୍ଗେଶ୍ୱର ଘାଟରୁ ନାମ ସଂକୀର୍ତନ ସହଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଉକ୍ତ ଶୋଭଯାତ୍ରାରେ ନୁଆପଦା ସମେତ ଓଉପଦା, ଆଲିଆ, ଧନପୁର, ଚାନ୍ଦପୁର ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ମୂଖ୍ୟକର୍ତା ଭାବେ ଉଦୟନାଥ ରାଉତ, ବିମ୍ବାଧର ଭୂୟାଁ,ଗଦାଧର ମହାନ୍ତି,ଭାଗିରଥି ଭୂୟାଁ, ରବିନ୍ଦ୍ର ବଳ ଯଜ୍ଞକଳସ ସ୍ଥାପନ କରିଥିଲେ। ପଣ୍ଡିତ ଭାବେ ରବିନାରାୟଣ ପଣ୍ଡା ଓ ରଘୁନାଥ ପାଢୀ ଯୋଗଦେଇଥିଲେ। ଇତ୍ୟବସରରେ ଗୋ ପୂଜା, ସୂର୍ଯ୍ୟପୂଜା, ଷୋଡ଼ଶ ଉପଚାର ପୁଜ.ଚଣ୍ଡିପାଠ,ନାମ ଯଜ୍ଞ ଆଦି କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଆସନ୍ତା ୨୭ ତାରିଖ ଦିନ ପୁର୍ଣାହୁତି ହେବ। ମନ୍ଦିରର ପରିଚାନା କମିଟିର ଜଗବନ୍ଧୁ ବୋଇତାଇ ,ନରେଶ ବେହେରା, ମନୋରଞ୍ଜନ ସ୍ୱାଇଁ,ନନ୍ଦ କିଶୋର ଓଝା,ଗୟାଧର ସ୍ୱାଇଁ,ସୁରେଶ ଦାସଙ୍କ ସମେତ ଗ୍ରାମର ସମସ୍ତ ବ୍ୟକ୍ତି ବିଶେଷ ସହଯୋଗ କରୁଛନ୍ତି ।

# ଆଇଡିଆଲ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୨୨/୨ (ନି.ପ୍ର): ଶୁକ୍ରବାର ଦିନ ସ୍ଥାନୀୟ ସହରସ୍ଥ ଆଇଡିଆଲ୍ ପବ୍ଲିକ ସ୍କୁଲର ୩୩ତମ ବାର୍ଷିକ ଉତ୍ସବ ବିଦ୍ୟାଳୟର ସଭାପତି ସ୍ୱରାଜ ରାଜ୍ ସିଂହଙ୍କ ସଭାପତିତ୍ୱରେ ଟାଉନ୍ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି, କେନ୍ଦ୍ରାପଡା ପୌରାପାଳିକାର ଅଧକ୍ଷା ସରିତା ସାହୁ ମୁଖ୍ୟବକ୍ତା ଏବଂ ଅନୁଷ୍ଠାନର ସମ୍ପାଦକ ପ୍ରଭାତ ଅଧିକାରୀ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇ ଆଦର୍ଶ ଶିକ୍ଷାର୍ଥୀ ଗଢି ତୋଳିବାରେ ବିଦ୍ୟାଳୟର ଶିକ୍ଷକ, ଅଭିଭାବକ ଓ ଶିକ୍ଷାର୍ଥୀମାନଙ୍କର ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ଅଧକ୍ଷ ବାବାଜୀ ଚରଣ ମୁଦୁଲି ସ୍କୁଲର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଶିକ୍ଷକ ପ୍ରଫୁଲ୍ଲ କୁମାର ଜେନା ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଅନ୍ୟତମ ଶିକ୍ଷକ କିଶୋର କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର କୃତୀ ଶିକ୍ଷାର୍ଥୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏକେ ଭରପୁର ଓ ମନୋରଞ୍ଜନ ପରିବେଶରେ ବିଦ୍ୟାଳୟର ପ୍ରାୟ ୨୦୦ରୁ ଅଧିକ ଶିକ୍ଷାର୍ଥୀମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଓ ଅଭିନୟ ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରାୟ ସାଢେ ତିନି ଘ। ଧରି ସହରବାସୀ ଉପଭୋଗ କରିବା ସହ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

# ତୀବ୍ରତର ହେଉଛି ଜଳେଶ୍ୱର ବିଜେଡିର କନ୍ଦଳ

## ମନ୍ତ୍ରୀଙ୍କୁ ଖୋଲା ଚାଲେଞ୍ଜ କରି ବ୍ରଜ ମୋହନ ପ୍ରଧାନଙ୍କ ନେତୃତ୍ୱରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀସ୍ତରୀୟ ସମୀକ୍ଷା ବୈଠକ



ଜଳେଶ୍ୱର , ୨୨/୨ (ନି.ପ୍ର): ତୀବ୍ରତର ହେଉଛି ଜଳେଶ୍ୱର ବିଜେଡିର କନ୍ଦଳ। ମନ୍ତ୍ରୀଙ୍କୁ ଚାଲେଞ୍ଜ କରି ଆଜି ବ୍ରଜମୋହନ ପ୍ରଧାନଙ୍କ ନେତୃତ୍ୱରେ ଖୁସି ପ୍ଲାଜା ଠାରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସ୍ତରୀୟ ନିର୍ବାଚନ ସ୍ତରୀୟ ସମୀକ୍ଷା ବୈଠକରେ ଶତାଧିକ କର୍ମୀ ଯୋଗ ଦେଇଥିଲେ। ଶ୍ରୀ ପ୍ରଧାନ ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ବିରୋଧରେ ବିଶୋଦଗାର କରି ଆଗାମୀ ମାର୍ଚ୍ଚ ପ୍ରଥମ ସପ୍ତାହ ସୁଦ୍ଧା ବିଜେଡି ସୁପ୍ରିମୋ ପୁନର୍ବିଚାର ନ କଲେ ତେବେ ସେ ୩୦ ହଜାର ବିଜେଡି ସମର୍ଥକଙ୍କ ସହ ଅନ୍ୟ ପନ୍ଥା ଗ୍ରହଣ କରିବେ ବୋଲି ରୁକଠୁକ୍ କହିଛନ୍ତି। ନବିନ ପଟ୍ଟନାୟକଙ୍କ ଆଦର୍ଶରେ ସେ ଏବେବି ଅନୁପ୍ରାଣୀତ ବୋଲି କହିଥିଲେ। ଆଜିର ଏହି ସମାବେଶ ରେ ପୂର୍ବତନ ବ୍ଲକ ଯୁବ ବିଜେଡ଼ି ସଭାପତି କାଳିଚରଣ ଦାସ, କେଏମସାହି ବିଜେଡି ସଭାପତି ତଥା ପୂର୍ବତନ ସରପଞ୍ଚ ସତ୍ୟ ଶୋଭନ ମିଶ୍ର, ପୂର୍ବତନ ବ୍ଲକ ବିଜେଡି ଯୁବ ସଭାପତି ଚନ୍ଦନ କୁମାର କରଙ୍କ ସହିତ ପୂର୍ବତନ ବ୍ଲକ୍ ବିଜେଡି ସଭାପତି ଭୂପତି ଚରଣ ମିର୍ଦ୍ଧା ଓ ସୁଧିର କୁମାର ପାତ୍ର, ନଛିମପୁର ସରପଞ୍ଚ ରାଜେଶ୍ କୁମାର ଜେନା, କୋଟସାହି ସରପଞ୍ଚ ମଞ୍ଜୁ ବାଳା ପ୍ରଧାନ, ଗୋବରଘାଟା ସରପଞ୍ଚ ମିନତି କର, ପଶ୍ଚିମବାର୍ଡ ସମିତି ସଭ୍ୟ ହରିଶ ଚନ୍ଦ୍ର ମହାଳିକ, ଖୁଲୁଡ଼ା ସମିତି ସଭ୍ୟ ଲକ୍ଷ୍ମୀଧର ବେହେରା, ଆରୁହା ସମିତି ସଭ୍ୟାଙ୍କ ପ୍ରତିନିଧି ଶ୍ରୀକଣ୍ଠ ମହାନ୍ତି, ନେତୁଆ ସମିତି ସଭ୍ୟା ଦୂର୍ଗାମଣି ଜେନା, ଡିପି ପୁର ସମିତି ସଭ୍ୟ ମୁକୁନ୍ଦ ରଞ୍ଜନ ଜେନା, ଆମ୍ବଲିଅଠା ସମବାୟ ସମିତି ସଭାପତି ସ୍ୱରୂପ ନନ୍ଦୀ, ଆରୁହା ପୂର୍ବତନ ସମିତି ସଭ୍ୟ ରାଜେନ୍ଦ୍ର ପାତ୍ର, ପୂର୍ବତନ ସମିତି ସଭ୍ୟା ପ୍ରମିଳା ସାମଲ, ପଶ୍ଚିମବାର୍ଡ ସମବାୟ ସମିତି ସଭାପତି ରମେଶ ଚନ୍ଦ୍ର ପାତ୍ର, ଓଲମରା ପୂର୍ବତନ ସମିତି ସଭ୍ୟ ଉଦୟନାଥ ମୁର୍ମୁ, ବରିଷ୍ଠ ବିଜେଡି ନେତା ଦୂର୍ଗା ଶଙ୍କର ଭୂୟାଁ, ଶ୍ରୀକାନ୍ତ ଚରଣ ଭୂୟାଁ, ପୁଟୁରା ପୂର୍ବତନ ପଞ୍ଚାୟତ ସଭାପତି ଗୌରାଙ୍ଗ ସାମନ୍ତ, କାଦରାୟାଁ ସଂଖ୍ୟାଲଘୁ ସମ୍ପ୍ରଦାୟର ନେତା ଶେଖ ନୈମୁଦ୍ଦିନ, ବରଡ଼ିହା ନେତା ଦିବେନ୍ଦୁ ଦେ, ଚମାର ଗାଁ ନେତା ବଳରାମ ରାଉତ୍, ୭ ନମ୍ବର ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ଦିନେଶ କିସ୍କୁ, କୁଳିଦା ପଞ୍ଚାୟତ ନେତା ଶିବାନନ୍ଦ ରାୟ, ଚୋରମରା ନେତା ଭବଶଙ୍କର ଜେନା, କରୁଆ ପଞ୍ଚାୟତ ନେତା ପବିତ୍ର ବାରିକ ପ୍ରମୁଖ କର୍ମୀଙ୍କ ସହ ୪୯ ଟି ପଞ୍ଚାୟତ ଓ ୧୭ ଟି ୱାର୍ଡ଼ ରୁ ହଜାର ହଜାର କର୍ମୀ ଓ ସମର୍ଥକ ଉପସ୍ଥିତ ହୋଇ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କୁ ବିରୋଧ କରିବା ସହ ୨୦୨୪ ସାଧାରଣ ନିର୍ବାଚନରେ ବ୍ରଜମୋହନ ପ୍ରଧାନଙ୍କୁ ଦୃଢ଼ ସମର୍ଥନ କରି ବିଧାୟକ ଭାବେ ନିର୍ବାଚିତ କରିବେ ବୋଲି ଶପଥ କରିଥିଲେ।

# ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ




ରୂପସା , ୨୨/୨ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମ ର ସାପ୍ତାହିକ ସତ୍ ସଙ୍ଗରେ, ଆଶ୍ରମର ମୁନି ଜଗବନ୍ଧୁ ବର-ମୁନିମତୀ ପୂର୍ଣ୍ଣମା ବରଙ୍କର ଜେଷ୍ଠା କନ୍ୟା ଆୟୂଷ୍ମତୀ ମୁନି କୁମାରୀ ନିହାରୀକା ବରଙ୍କର ୧୮ ତମ ଶୁଭ ଜନ୍ମଦିନ , ଆଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ଙ୍କ ଅଧ୍ୟକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି।ଅତିଥି ହିସାବରେ ଯୋଗଦାନ କରିଥିଲେ ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ।ବକ୍ତା ହିସାବରେ ଯୋଗଦାନ କରିଥିଲେ ଆଶ୍ରମର ଯୋଗଶିକ୍ଷୟତ୍ରୀ ଆତ୍ମଜ୍ଞାନୀ କଳ୍ପନା ମିସ୍ତ୍ରୀ ମହୋଦୟା। କଣ୍ଠଶିଳ୍ପୀ ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ଜନ୍ମଦିନ ପାଳନ ସଙ୍ଗୀତ ଗାନ କରିଥିଲେ।ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ ଆୟୂଷ୍ମତୀ ମୁନିକୁମାରୀ ନୀହାରିକାଙ୍କର ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ବିଦ୍ୟା ଅଧ୍ୟୟନ ଜୀବନ ସହିତ ଉଜ୍ଜ୍ୱଳ ଭବିଷ୍ୟତର ସମୂହ ଶୁଭ ଆଶିର୍ବାଦ କରାଯାଇଥିଲା।ପ୍ରତିଦିନ ଯମ ନିୟମ ପାଳନ ପୂର୍ବକ ଚକ୍ରଭେଦନ କ୍ରିୟା କରିକରି ଚାଲିଲେ,ଦିନ ଆସିବ ବିଶୁଦ୍ଧ ଚକ୍ରଧର ସ୍ଫୁରଣ ହେବ,ମହାକବି କାଳିଦାସଙ୍କ ପରି ମେଧା ଶକ୍ତିର ବିକାଶ ହେବ।ଏହା ସମସ୍ତ ବକ୍ତାମାନେ ସେମାନଙ୍କ ବକ୍ତବ୍ୟରେ ମତପ୍ରକାଶ କରିଥିଲେ।ଶେଷରେ ମମତାମୟୀ ମାତା ପୂର୍ଣ୍ଣମା ବର ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

# ଆଜିଠୁ ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମେଳା

ଭୁବନେଶ୍ୱର, ୨୨/୨ (ନି.ପ୍ର): ଆଜିଠୁ ଆରମ୍ଭ ହେବାକୁ ଯାଉଛି ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମେଳା । ଯାହାକୁ ନେଇ ପୁରା ଚଳଚଂଚଳ ହୋଇଛି ଢେଙ୍କାନାଳ ଯୋରନ୍ଦା ମହିମା ଗାଦି ପୀଠ। ବିଶ୍ୱର ମଙ୍ଗଳ ପାଇଁ ଦୁଇ ଦିନ ଜଳିବ ଝାଡଦୀପ। ଏଥିଲାଗି ଜିଲ୍ଲାପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବ। ତିନି ଦିନ ଧରି ଅଲେଖ ମହିମା ଧ୍ୱନିରେ ପ୍ରକମ୍ପିତ ହେବ ଶୂନ୍ୟ ମନ୍ଦିର । ମେଳାରେ ସାମିଲ ହେବାକୁ ଦେଶର କୋଣ ଅନୁକୋଣରୁ ସାଧୁ ଏବଂ ଭକ୍ତଙ୍କ ସୁଅ ଛୁଟୁଛି। ସନ୍ଧ୍ୟାରେ ଝାଡରେ ଅଗ୍ନି ସଂଯୋଗ ପରେ ମେଳା ଜମିବ।

# ପଞ୍ଚାୟତର ବିକାଶ ହେଲେ ରାଜ୍ୟର ବିକାଶ ହେବ



ବାସୁଦେବପୁର, ୨୨/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଡୁଆ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ବାସୁଦେବପୁର ମାନ୍ୟବର ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଡ଼ିଓ ସଞ୍ଜୀବ କୁମାର ସାହୁ, ବ୍ଲକ ବିଜେଡ଼ି ସଭାପତି ଦୀନବନ୍ଧୁ ଦାସ ସାଂସଦ ପ୍ରତିନିଧି ସୁରେଶ ମହାନ୍ତି, ପୂର୍ବତନ ସରପଞ୍ଚ ବସନ୍ତ ମଞ୍ଜରୀ ବିଶ୍ୱାଳ, ସୁରେନ୍ଦ୍ର ପ୍ରସାଦ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ରାଜ୍ୟ ସରକାରଙ୍କ ସଫଳ ଯୋଜନା କୁ ଆଲୋଚନା କରିଥିଲେ । ପୂର୍ବତନ ସରପଞ୍ଚ ସୂର୍ଯ୍ୟକାନ୍ତ ସେଠି ସଭା ପରିଚାଳନା କରିଥିଲେ । ଏହି ଅବସରରେ ଆମ ପଞ୍ଚାୟତର ବିକାଶ ପୁସ୍ତିକା ଉନ୍ମୋଚିତ ହୋଇଥିଲା । ସୌଭାଗ୍ୟ ବିଶ୍ୱାଳ, ଦୀପକ ପୋଇ, ସନ୍ତୋଷ ମହାନ୍ତି,, ଅକ୍ଷୟ ମହାରଣା ସହଯୋଗ କରିଥିଲେ । ସେହିପରି ଆରୁହା ପଞ୍ଚାୟତରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବ୍ଲକ ବିଜେଡ଼ି ସଭାପତି ଦୀନବନ୍ଧୁ ଦାସ, ସରପଞ୍ଚ ରାଜେନ୍ଦ୍ର ସାହୁ, ସୁରେନ୍ଦ୍ର ବେଜ୍ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଓ ଜନ ହିତକର ଯୋଜନା କୁ ଆଲୋଚନା କରିଥିଲେ । ଏହି ଅବସରରେ ଭତ୍ତା ବଣ୍ଟନ କରାଯାଇଥିଲା । ସେହିପରି ନରସିଂହପୁର ପଞ୍ଚାୟତର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସାଂସଦ ମଞ୍ଜୁଲତା ମଣ୍ଡଳ, ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଡ଼ିଓ ସଞ୍ଜୀବ କୁମାର ସାହୁ, ବ୍ଲକ ବିଜେଡ଼ି ସଭାପତି ଦୀନବନ୍ଧୁ ଦାସ, ସାଂସଦ ପ୍ରତିନିଧି ସୁରେଶ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ରାଜ୍ୟ ସରକାରଙ୍କ ସଫଳ ଯୋଜନା କୁ ଆଲୋଚନା କରିଥିଲେ । ବିଜେଡ଼ି ନେତା ରବୀନ୍ଦ୍ର ପଣ୍ଡା, ଜୟରାମ ବେହେରା, ରତିକାନ୍ତ ଜେନା, ଯୁଗ ନାୟକ, ବାବୁଲି ମିଶ୍ର, ଜୟରାମ ତ୍ରିପାଠୀ ସହଯୋଗ କରିଥିଲେ ।

# ଥାନା ସମ୍ମୁଖ ହନୁମାନ ମନ୍ଦିରରୁ ଚୋରି

ଭୁବନେଶ୍ୱର/ କଂଟାବାଞ୍ଜି, ୨୨/୨ (ନି.ପ୍ର): କଂଟାବାଞ୍ଜି ଥାନା ସମ୍ମୁଖରେ ଥିବା ହନୁମାନ ମନ୍ଦିରରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଗତକାଲି ରାତିରେ କୌଣସି ଦୁବୃର୍ତ୍ତ ମନ୍ଦିର ତାଲା ଭାଙ୍ଗି ମନ୍ଦିରରୁ ଚୋରି କରିଥିବା ଅଭିଯୋଗ ହୋଇଛି । ଆଜି ସକାଳେ ପୂଜାରୀ ମନ୍ଦିରକୁ ଆସି ଦେଖିବା ପରେ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ । ଏନେଇ ଥାନାରେ ଅଭିଯୋଗ ହୋଇଛି ।


**AFFIDAVIT**

An affidavit before the executive Magistrate Balasore, I, Anwesha Behera, aged about 20 years, D/o Ajay Kumar Behera, At/po-Solpata, P.s- Basta, Dist-Balasore declare that my actually good name is Anwesha Behera. But in LIC BOND policy no. 583731571 my name has been mentioned as MISS SUNANDA BEHERA But in my aadhaar card and my all educational qualification certificates my name has been mentioned as Anwesha Behera. MISS SUNANDA BEHERA is my nick name which has mentioned in LIC BOND. Both MISS SUNANDA BEHERA and Anwesha Behera is one and same person. Henceforth I will be known as Anwesha Behera in all purpose.

**Anwesha Behera**



OFFICE OF THE
BARIPADA MUNICIPAL COUNCIL, BARIPADA
Phone:-06792-252703, Fax:-06792-252703, Email:-baripadam.hud@nic.in
Website- www.baripadamunicipality.in
No: 1532 Date: 19-02-2024

DTCN PART-I (TCHNICAL BID) SECTION-II
COMPETITIVE BIDDING THROUGH 'e' Procurement

The Executive Officer on behalf of Baripada Municipality, Baripada invites percentage rate bids in single cover system in **ONLINE MODE** only in conformity with Detailed Tender Call Notice (DTCN).

Bid Documents consisting of Work, Estimated Cost, Cost of Tender Paper, EMD, and time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

Tender Reference No: **BPDM- 1 of 2024-2025** Tender I.D No : **2024_ORULB_**

| Sl. No. | Description | Critical Dates |
|---|---|---|
| 1 | Procurement Officer – Publisher / Tender Inviting Authority / Bids | Executive Officer, Baripada Municipality, Baripada. |
| 2 | Name of the Work | Construction of Civil& Building work (As per DTCN) |
| 3 | Nos. Of Work | As per DTCN |
| 4 | Tendered cost of the works | As per DTCN |
| (i) | Period of availability of tenders on-line for bidding | From **Dt.21/02/2024** (01.00 P.M.) to **Dt. 29/02/2024** (5.00 P.M.) |
| (ii) | Last date & time of bidding on-line (Submission of Bids) | Dt.**29/02/2024** (5.00 P.M.) |
| (iii) | Date & time of opening of the Bids received on-line | Dt. **01/03/2024** (11.30 A.M. onwards) |
| (iv) | To be intimated later to the bidder(s) found qualified after evaluation of Technical Bids and Price Bid received on-line. | |

Detail Tender Call Notice (DTCN) may also be seen from the e-procurement portal i.e. www.tendersorissa.gov.in and Baripada Municipality Webside i.e. www.baripadamunicipality.in

Corrigendum or Addendum if any will not be published in newspapers and can be **seen in e-procuremet** portal as well as in Baripada Municipality web side.

Executive Officer,
Baripada, Municipality

OIPR: 13078/11/0045/2324


## ଯୋଗୀ ଆଦିତ୍ୟନାଥ ବହୁତ ଡାୟନାମିକ ମୁଖ୍ୟମନ୍ତ୍ରୀ- ନିର୍ମଳା ସୀତାରମଣ

ନୂଆଦିଲ୍ଲୀ, ୨୨/୨ : ଆୟକର ବିଭାଗର ନବନିର୍ମିତ ଭବନର ଲୋକାର୍ପଣ କରିବା ପରେ ଉପସ୍ଥିତ ଜନସମୂହଙ୍କୁ ସମ୍ବୋଧିତ କରି ସବୁ ଗୁରୁବାର ଦିନ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ମୁକ୍ତ କଣ୍ଠରେ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ଯୋଗୀ ଆଦିତ୍ୟନାଥ ବହୁତ ଡାୟନାମିକ ମୁଖ୍ୟମନ୍ତ୍ରୀ ଅଟନ୍ତି। ସେ ମୁଖ୍ୟମନ୍ତ୍ରୀ ଯୋଗୀଙ୍କ ପାଇଁ ଡାୟନାମିକ ଶବ୍ଦକୁ ବୁଝାଇ କହିଛନ୍ତି ଯେ ରାଜ୍ୟରେ ୭୫ ଜିଲ୍ଲା ଏବଂ ଗୋଟିଏ ବର୍ଷରେ ୫୨ ସପ୍ତାହ। ଯୋଗୀ ଆଦିତ୍ୟନାଥ ବର୍ଷସାରା ପ୍ରତ୍ୟେକ ଜିଲ୍ଲାର ଅତି କମରେ ଥରେ ଗସ୍ତ ନିଶ୍ଚିତ କରିଥାନ୍ତି । କିଛି ଜିଲ୍ଲାରେ ଏହି ସଂଖ୍ୟା ଏବଂ କେତେଥର ହୁଏ। ସେ ଇଞ୍ଜିନ ଭଳି ରାଜ୍ୟରେ ବୁଲିବାରେ ରହିଛନ୍ତି। ସମସ୍ତ ଜିଲ୍ଲା ତାଙ୍କ ପାଇଁ ହେଡ଼କ୍ୱାର୍ଟର ଅଟେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ୧୬ ପ୍ରସ୍ତାବକୁ କ୍ୟାବିନେଟ୍ ...

ଅତିରିକ୍ତ ସହାୟତା ଦେବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇପାରିବେ । ଏଥିପାଇଁ ଆଜି କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି । ଚାଷୀମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଓ ସେମାନଙ୍କୁ ରାଜ୍ୟର ଆର୍ଥିକ ପ୍ରଗତିରେ ଭାଗିଦାର କରିବା ନିମନ୍ତେ ରାଜ୍ୟ ସରକାର ଏହି କାଳିଆ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି ଶ୍ରୀ ଜେନା କହିଛନ୍ତି। ସେହିପରି କାଳିଆ ଯୋଜନାର ସହାୟତା ପ୍ରଦାନ ପାଇଁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ବ୍ୟତୀତ ଯେକୌଣସି ସମୟରେ ଦେଇପାରିବେ । ଭୂମିହୀନ ଚାଷୀ ପରିବାରଙ୍କୁ ମଧ୍ୟ ଯେକୌଣସି ସମୟରେ ସେମାନଙ୍କ ପ୍ରାପ୍ୟ ଆର୍ଥିକ ସହାୟତା ମଧ୍ୟ ଦିଆଯାଇପାରିବ। ରାଜ୍ୟର ସମସ୍ତ ଯୋଗ୍ୟ ଭୂମିହୀନ ଚାଷୀ ପରିବାରଙ୍କୁ କାଳିଆ ଯୋଜନାରେ ଉଦ୍ୟାନ କୃଷି, ଅନ୍ୟାନ୍ୟ କୃଷି କାର୍ଯ୍ୟ ଓ ପଶୁପାଳନ ନିମନ୍ତେ ୩ଟି କିସ୍ତିରେ ୧୨୫୦୦ଟଙ୍କାର ଜୀବିକା ସହାୟତା ପ୍ରଦାନ କରାଯାଉଛି । କାଳିଆ ଯୋଜନାର ହିତାଧିକାରୀ ଥିବା ଏହି ଭୂମିହୀନ ଚାଷୀମାନଙ୍କୁ ସରକାର ୨ହଜାର ଟଙ୍କାର ଅତିରିକ୍ତ ଆର୍ଥିକ ସହାୟତା ଦେବେ । ଆଜି ରାଜ୍ୟ କ୍ୟାବିନେଟ୍ ଏହି ନିଷ୍ପତ୍ତି ନେଇଛି। ଆଜି କ୍ୟାବିନେଟ ବୈଠକରେ ମୋଟ ୧୩ଟି ବିଭାଗର ୧୬ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

## ଆଜିଠାରୁ ଆରମ୍ଭ ...

ସମୟ ଧାର୍ଯ୍ୟ ହୋଇଥିଲା। ହେଲେ ଶ୍ରୀମୁଖ ଶୃଙ୍ଗାର ଆରମ୍ଭ ହେଲା ବେଳକୁ ଦେଢ଼ ଘଣ୍ଟା ବିଳମ୍ବ ହୋଇଥିଲା। ଫଳସ୍ୱରୂପ ପଛକୁ ପଛ ନୀତି ଡେରି ହେଲା ଓ ଶ୍ରୀଜୀଉଙ୍କ ରାତ୍ର ପହୁଡ଼ ବେଳକୁ ଭୋର ୪ଟା ବାଜି ଗଲା। ଯେଉଁଥିପାଇଁ ଆଜି ଦ୍ୱାର ଫିଟା ହେଲା ବେଳକୁ ସକାଳ ସାଢ଼େ ୬ ପା। ମଙ୍ଗଳଆଳତୀ ସରି ଦର୍ଶନ ବେଳକୁ ୭ଟା ୨୦। ଯାହାକୁ ନେଇ ଭକ୍ତ ଯେତିକି ଅସନ୍ତୋଷ ପ୍ରକାଶ କରିଛନ୍ତି, ବରିଷ୍ଠ ସେବକ ବି ସେତିକି ଦୋଷ ପ୍ରଶାସନକୁ ଦେଇଛନ୍ତି।

## ଭୟଙ୍କର ହିମସ୍ଖଳନ: ଜଣେ...

ତୁଷାରପାତ ପରେ କଶ୍ମୀର ଘାଟିର ବିଭିନ୍ନ ପର୍ବତାଞ୍ଚଳରେ ହିମସ୍ଖଳନ ଚେତାବନୀ ଜାରି କରିଥିଲା ପ୍ରଶାସନ। ତେବେ ଏହା ସତ୍ତ୍ୱେ ମଧ୍ୟ ସ୍ଥାନୀୟ ଲୋକଙ୍କ ବିନା ସହାୟତାରେ କିଛି ବଦେଶୀ ପର୍ଯ୍ୟଟକ ସ୍କିଂ କରିବା ପାଇଁ ଯାଇଥିଲେ। ଜାନୁଆରୀ ମାସରେ ଗୁଲମର୍ଗରୁ ଗାଏବ ହୋଇଯାଇଥିଲା ବରଫ। ଏଠାରେ ବରଫ ଦେଖିବାକୁ ମିଳିନଥିଲା। ଫଳରେ ଏଠାକୁ ବୁଲିବାକୁ ଆସିଥିବା ପର୍ଯ୍ୟଟକମାନେ ନିରାଶ ହୋଇଥିଲେ। ହେଲେ ଜାନୁଆରୀ ମାସ ଶେଷ ଆଡକୁ ତୁଷାରପାତ ପରେ ପୁଣିଥରେ ବରଫର ମୋଟା ଚାଦରରେ ଢ଼ାଙ୍କି ହୋଇଯାଇଛି ଗୁଲମର୍ଗ।

## ଦବିଲା ହୀରାକୁଦ...

ଡ୍ୟାମରୁ ନିର୍ଗତ ପାଣି ହୀରାକୁଦ କେନାଲ ଓ ସମ୍ବଲପୁର କେନାଲ ଯୋଗେ ପ୍ରବାହିତ ହେବା ଫଳରେ ଖରାଦିନେ ହଜାର ହଜାର ହେକ୍ଟର ଜମିରେ ଧାନ ଫସଲ ହେଉଛି। ହୀରାକୁଦରେ ଥିବା ହିଣ୍ଡାଲକୋ କାରଖାନା ମଧ୍ୟ ଏଠାରୁ ପାଣି ନେଉଛି। ଯଦି କୌଣସି ମୁହୂର୍ତ୍ତରେ ବନ୍ଧରେ ଘାଇ ସୃଷ୍ଟି ହୋଇ ଭାଙ୍ଗିଯାଏ, ତେବେ ଉଭୟ ଚାଷ ଓ ଶିଳ୍ପ ପ୍ରଭାବିତ ହେବ। ଜଳ ସମ୍ପଦ ବିଭାଗ ଜଳ ଯୋଗାଣ ବନ୍ଦ କରି ମରାମତି କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଯାହାକୁ ଚାଷୀମାନେ ମାନି ନଥିଲେ। ଶେଷରେ ହୀରାକୁଦ ଡ୍ୟାମ୍ ମୁଖ୍ୟଯନ୍ତ୍ରୀ ଘଟଣା ସ୍ଥଳରେ ପହଁଚି ଆସନ୍ତାକାଲିଠାରୁ ଜଣେ ଅଧିକାରୀଙ୍କ ଉପସ୍ଥିତିରେ ମରାମତି କରାଯିବ ବୋଲି କହିଛନ୍ତି। ଆଉ ଧାନ ଅମଳ ପରେ ସ୍ଥାୟୀ ସିମେଣ୍ଟ କାନ୍ଥ ନିର୍ମାଣର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା।

## ସୋନପୁର ସବୁଠୁ ...

ମାଲକାନଗିରିରେ ୩୫.୪, ଅନୁଗୋଳରେ ୩୫.୩, ବାଲେଶ୍ୱରରେ ୩୫.୨, ଚାନ୍ଦବାଲିରେ ୩୫.୨, ଯାଜପୁରରେ ୩୫.୨ ଓ ପାରଳାଖେମୁଣ୍ଡିରେ ୩୫ ଡିଗ୍ରୀ ସେଲ୍‌ସିୟସ ରହିଥିଲା। ପାଣିପାଗ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବୁଲେଟିନ ଅନୁଯାୟୀ, ଆସନ୍ତାକାଲି ସକାଳ ସାଢ଼େ ୮ଟା ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ହାଲ୍‌କା ବର୍ଷା ହୋଇପାରେ। ଆସନ୍ତାକାଲି ସକାଳ ସାଢ଼େ ୮ଟାରୁ ୨୪ ତାରିଖ ସକାଳ ସାଢ଼େ ୮ଟା ମଧ୍ୟରେ ଉପକୂଳ ଓଡ଼ିଶା, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ ଓ ରାୟଗଡ଼ା ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ହାଲ୍‌କା ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୪ ତାରିଖ ସକାଳ ସାଢ଼େ ୮ଟାରୁ ୨୫ ତାରିଖ ସକାଳ ସାଢ଼େ ମଧ୍ୟରେ ଉତ୍ତର ଉପକୂଳ ଓଡ଼ିଶା, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, ସୋନପୁର, କଳାହାଣ୍ଡି ଓ କନ୍ଧମାଳ ର କିଛି ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି।

# ବ୍ଲକସ୍ତରୀୟ ଖେଳ ମହାକୁମ୍ଭ ଉଦ୍‌ଘାଟିତ

ଜଳେଶ୍ୱର , ୨୨/୨ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ସାରା ଭାରତବର୍ଷରେ କ୍ରୀଡାର ବିକାଶ ନିମନ୍ତେ ସାଂସଦ ଖେଳ ମହାକୁମ୍ଭ ଆୟୋଜନ କରାଯାଇଛି । ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ଉଦ୍ୟମ କ୍ରମେ ଫେବୃଆରୀ ୨୦ରୁ୨୯ ମଧ୍ୟରେ ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନରେ ଖେଳ ମହାକୁମ୍ଭ ଅନୁଷ୍ଠିତ ହେଉଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ପୂର୍ବାହ୍ନରେ ଜଳେଶ୍ୱରର ଚାଲନ୍ତି ଖେଳ ପଡିଆରେ ସାଂସଦ ଖେଳ ମହାକୁମ୍ଭର ଉଦ୍‌ଘାଟନ ହୋଇ ଯାଇଛି । ଯୁବ ନେତା ସାଗର ଦାସ ଓ ଗଜେନ୍ଦ୍ର ଖମାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ୨ ଦିନିଆ ଏହି ଖେଳକୁ ତନ୍ମୟ ଚାନ୍ଦ, ସଂଗ୍ରାମ ପରିଡା, ତପନ ବିଶ୍ୱାଳ, ଫାଲଗୁନୀ ପାଣିଗ୍ରାହୀ, କମଳ ପାଳ, ମନମୋହନ ଆଚାର୍ଯ୍ୟ, ଦେବ ପାଠୀ, ବିପ୍ଳବ ପ୍ରଧାନ, ସଂଗ୍ରାମ ଜେନା ପ୍ରମୁଖ ପରିଚାଳନା କରିଥିଲେ । ଏହି ଖେଳରେ ୧୬ଟି କ୍ରିକେଟ ଟିମ୍ ଓ ୮ଟି ଭଲିବଲ ଟିମ୍ ମଧ୍ୟରେ ପ୍ରତିଯୋଗିତା ହେବ ବୋଲି ଗୋବର୍ଦ୍ଧନ ପ୍ରମାଣିକ, ଚନ୍ଦନ ପ୍ରମାଣିକ, ସୁଜୟ ଗିରି, ପ୍ଲବବ ଦଣ୍ଡପାଟ, ବିଜୟ ଗିରି, ବାପୁନ ପ୍ରଧାନ, ସଂଜୀବ ପ୍ରମାଣିକ, ନକୁଳ ଦଣ୍ଡପାଟ, ହେମନ୍ତ ପ୍ରମାଣିକ, ଧ୍ରୁବ ଦଣ୍ଡପାଟ, ରବିନ୍ଦ୍ର ପ୍ରମାଣିକ ଓ ରାମକୃଷ୍ଣ ପ୍ରମାଣିକ ପ୍ରମୁଖ ସୂଚନା ଦେଇଛନ୍ତି ।

# ବିକଶିତ ଭାରତ କା ବିକଶିତ ରେଳ ସମ୍ପର୍କିତ ବିଷୟରେ ୧୬ହଜାର ପିଲା ଅଂଶଗ୍ରହଣ



କୋଲକାତା, ୨୨/୨: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୨୬ ଫେବୃଆରୀରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ୫୫୪ ଷ୍ଟେସନ ଏବଂ ୧୫୦୦ ରୁ ଅଧିକ ରୋଡ୍ ଓଭର ବ୍ରିଜ୍ / ଅଣ୍ଡରପାସ୍ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ଉଦ୍ଘାଟନ କରିବେ। ଏଥିରେ ଅମୃତ ଷ୍ଟେସନ୍ ସ୍କିମ୍ ଅନ୍ତର୍ଗତ ଦକ୍ଷିଣ ପୂର୍ବ ରେଳର ୪୬ ଷ୍ଟେସନର ଫାଉଣ୍ଡେସନ୍ ଷ୍ଟୋନ ଅନ୍ତର୍ଭୁକ୍ତ । ଉପରୋକ୍ତ କାର୍ଯ୍ୟକ୍ରମ ସଂପର୍କରେ, ବିଭିନ୍ନ ବିଦ୍ୟାଳୟର ଛାତ୍ରମାନଙ୍କ ମଧ୍ୟରେ ଚାରୋଟି ବିଭାଗ ଦ୍ୱାରା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରାୟ ୨୦,୦୦୦ ଛାତ୍ର "୨୦୪୭ କେ ବିକାଶ ଭାରତ କା ବିକାଶ ରେଳ" ପ୍ରସଙ୍ଗରେ ପ୍ରବନ୍ଧ ଏବଂ କବିତା ଲେଖିବା, ଚିତ୍ରାଙ୍କନ ଏବଂ ବର୍ଣ୍ଣନା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଆଦ୍ରା ଡିଭିଜନରେ ୨୮୨୬ ବିଦ୍ୟାଳୟର ଛାତ୍ରମାନେ ୨୮ ଟି ସ୍ଥାନରେ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତିଯୋଗିତାର ୧୪୪ ବିଜେତା ଥିଲେ। ରାଞ୍ଚି ଡିଭିଜନରେ ୬୮୦୦ ବିଦ୍ୟାଳୟର ଛାତ୍ର ୩୦ଟି ସ୍ଥାନରେ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏହି ପ୍ରତିଯୋଗିତାର ୨୫୦ ବିଜେତା ଥିଲେ। ଚକ୍ରଧରପୁର ଡିଭିଜନରେ ୩୨୮୨ ବିଦ୍ୟାଳୟର ଛାତ୍ର ୪୧ଟି ସ୍ଥାନରେ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏହି ପ୍ରତିଯୋଗିତାର ୩୯ ଜଣ ବିଜେତା ଥିଲେ । ଖଡ଼ଗପୁର ଡିଭିଜନରେ ୨୭୯୫ ବିଦ୍ୟାଳୟର ଛାତ୍ର ୩୦ଟି ସ୍ଥାନରେ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାର ୨୩୪ ବିଜେତା ଥିଲେ । ୨୬ ଫେବୃଆରୀରେ ବିଭିନ୍ନ ସ୍ଥାନରେ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଦ୍ୱାରା ୧୦୦୦ରୁ ଅଧିକ ବିଜେତାଙ୍କୁ ପୁରସ୍କୃତ କରାଯିବ।

# ଦାଦନ ଖଟିବାକୁ ଯାଇ ଗୋଟିଏ ଗୋଡ ହରାଇ ନିସହାୟ ଅବସ୍ଥାରେ ଦିନ କାଟୁଛି ଶିବପ୍ରସାଦ



ବସ୍ତା , ୨୨/୨ (ନି.ପ୍ର): ଦାରିଦ୍ରର ସିମାରେଖା ତଳେଥାଇ ୪ପ୍ରାଣି କୁଟୁମ୍ବଙ୍କ ମୁହଁରେ ଆହାର ଯୋଗେଇବା ଆଶାନେଇ ଘରୁ ବାହାରି ପଡିଥିଲା ରୋଜଗାରପାଇଁ । ହେଲେ ସେ ଯାଣି ନଥିଲା ଦଇବ ତା ସାଥିରେ ଦାଉ ସାଧିବ । ସେଇଆହେଲା ସବୁଦିନପାଇଁ ଗୋଟିଏ ଗୋଡ ହରାଇ ବିକଳାଙ୍ଗ ହୋଇଗଲା ।ଏହିଭଳି ଦୁଃଖ ପୂର୍ଣ୍ଣ ଦିନ କାଟୁଛନ୍ତି ବେହେରା ପରିବାର । ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ରଘୁନାଥ ପଞ୍ଚାୟତ ଅର୍ଜୁନି ଗ୍ରାମ ର ଅମୂଲ୍ୟ ବେହେରାଙ୍କ ପୁଅ ଶିବପ୍ରସାଦ ବେହେରା । ବୟସ ୩୦ ହେଲେ ବାପା ମାଙ୍କ ଉପରେ ବୋଝ । ବୁଢା ବାପା ଦିନ ମଜୁରୀ କରି ଯାହା ଆଣନ୍ତି ୪ପ୍ରାଣି କୁଟୁମ୍ବ ମୁହଁରେ ଆହାର ଯୋଗାଇ ଚାଲିଛନ୍ତି ।ହେଲେ ଏକମାତ୍ର ରୋଜଗାରିଆ ପୁଅ ଗୁଜୁରାଟ ଦାଦନ ଖଟି ବାକୁ ଯାଇ ୫ବର୍ଷ ତଳେ ଗୋଡ ଗୋଟେ ହରାଇ ଛନ୍ତି ।ହେଲେ ଏ ନେଇ ଦିର୍ଘଦିନ ଧରି ପଞ୍ଚାୟତରୁ ବ୍ଲକ ଦପ୍ତର ଦୌଡି ଦୌଡି ନିରାଶ ହୋଇଛନ୍ତି ବୋଲି ବାପା ଅମୂଲ୍ୟ ବେହେରା ପ୍ରକାଶ କରିଛନ୍ତି ।ଅପର ପକ୍ଷେ ବିକଳାଙ୍ଗ ସାଟିଫିକେଟ ଥାଇମଧ୍ୟ ସରକାରୀ ସହାୟତାରେ ଖଣ୍ଡିଏ ଆଶାବାଡି. ବା ହୋଇଲ ଚେୟାର ପାଇ ପାରି ନାହାନ୍ତି ।ଆବାସ ଯୋଜନାରେ ଘର ବା ଅର୍ନ୍ତଦ୍ୱୟ ଚାଉଳ ତାଙ୍କ ପାଇଁ ସାତ ସପନ ପାଲଟିଛି ।ତେବେ ଯଥାଶିଘ୍ର ସରକାରୀ ସାହାଯ୍ୟ ଯୋଗାଇଦେବାକୁ ବସ୍ତା ବିଡିଓ ମହୋନି ନାୟକ ନିକଟରେ ଅଭିଯୋଗ କରିଛନ୍ତି ।ତେବେ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସର୍ବସାଧାରଣରେ ଦାବି ହୋଇଛି ।

# ମଧୁବାବୁ ପେନ୍‌ସନ ଯୋଜନା ହିତାଧିକାରୀ ତାଲିକାରେ ବ୍ୟାପକ ଅନିୟମିତତା : ଜିଲ୍ଲାପାଳଙ୍କୁ ଫେରାଦ

ଜଳେଶ୍ୱର , ୨୨/୨ (ନି.ପ୍ର): ସରକାର ଗରିବ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଅସହାୟ ବୟସ୍କ ନାଗରିକ, ବିଧବା, ସ୍ୱାମୀ ପରିତ୍ୟକ୍ତା, ଦିବ୍ୟାଙ୍ଗଙ୍କ ଲାଗି ମଧୁବାବୁ ପେନସନ ଯୋଜନା ଆରମ୍ଭ କରିଛନ୍ତି । ୬୦ବର୍ଷରୁ ଉର୍ଦ୍ଧ ନାଗରିକଙ୍କୁ ବାର୍ଦ୍ଧକ୍ୟଭତ୍ତା ପ୍ରଦାନ କରାଯିବାର ବ୍ୟବସ୍ଥା ଥିବା ବେଳେ ଏହାର ବ୍ୟତିକ୍ରମ ଦେଖାଦେଇଛି ନାମ୍ପୋ ପଂଚାୟତରେ । ପ୍ରକାଶିତ ନୂତନ ହିତାଧିକାରୀ ତାଲିକାରେ ବହୁ ବ୍ୟକ୍ତିଙ୍କ ପ୍ରକୃତ ବୟସ ୬୦ବର୍ଷରୁ କମ୍ ହୋଇଥିବାର ଅଭିଯୋଗ ହୋଇଛି । ସେମାନଙ୍କର ସ୍କୁଲ ସାର୍ଟିଫିକେଟରେ କମ୍ ବୟସ ଥିବା ବେଳେ ଚଞ୍ଚକତା କରି ଭୋଟର ତାଲିକାରେ ଅଧିକ ବୟସ କରାଇ ଏହି ଯୋଜନା ହାତଉଥିବା ଗ୍ରାମବାସୀ ଅକ୍ଷୟ କୁମାର ଜେନା, ଗୋପାଳକୃଷ୍ଣ ଜେନା, ସତ୍ୟଗୋପାଳ ଜେନା, କମଳାକାନ୍ତ ପ୍ରମାଣିକ, ଜ୍ୟୋତ୍ସ୍ନା ଦାସଅଧିକାରୀ, ଭରତ ଭୂଷଣ ଜେନା, ବିଜୟ ଜେନା, ହରିଶଂକର ମହାଳିକ ପ୍ରମୁଖ ଜିଲାପାଳଙ୍କ ଠାରେ ଅଭିଯୋଗ କରିବା ସହିତ ଜଳେଶ୍ୱର ବିଡିଓ, ଭିଜିଲାନ୍ସ ବିଭାଗକୁ ଲିଖିତ ଭାବେ ଜଣାଇ ତଦନ୍ତ ଦାବି କରିଛନ୍ତି ।

# ପ୍ରଧାନମନ୍ତ୍ରୀ ଦକ୍ଷିଣପୂର୍ବ ରେଳପଥ ଅର୍ନ୍ତଗତ ୬ଟି ଷ୍ଟେସନର ଶିଳାନ୍ୟାସ କରିବେ

## ଅମ୍ରିତ୍ ଷ୍ଟେସନ ସ୍କିମ- ଉଚ୍ଚକୋଟିର ଯାତ୍ରୀ ସୁବିଧା ଓ ବିଶ୍ୱସ୍ତରୀୟ ଭ୍ରମଣ ଅଭିଜ୍ଞତା ଯୋଗାଇବା




କୋଲକାତା, ୨୨/୨ ଭାରତୀୟ ରେଳ ଏକ ନୂତନ ଭାରତର ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ହାସଲ ଦିଗରେ ଆଧୁନିକୀକରଣ ଦିଗରେ ଦ୍ରୁତ ଗତିରେ ଆଗକୁ ବଢୁଛି। ଏହାର ଏକ ଅଂଶ ଭାବରେ, ଅମୃତ ଷ୍ଟେସନ ଯୋଜନା ଅଧୀନରେ ଅତ୍ୟାଧୁନିକ ସୁବିଧା ସହିତ ଦେଶର ୧୩୦୦ରୁ ଅଧିକ ରେଳ ଷ୍ଟେସନକୁ ପୁନଃ ନିର୍ମାଣ କରାଯାଉଛି। ଶ୍ରୀ ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ ୨୬ ଫେବୃଆରୀ, ୨୦୨୪ ରେ ଅମୃତ ଷ୍ଟେସନ ଯୋଜନା ଅଧୀନରେ ଓଡିଶାର ୬ ଟି ଷ୍ଟେସନ (SER ଅଧୀନରେ)ର ମୂଳଦୁଆ ପକାଇବେ। ଏହି ୬ ଟି ଷ୍ଟେସନର ପୁନର ବିକାଶ ପାଇଁ ମୋଟ ମୂଲ୍ୟ ୨୪୦.୮୨ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଅମୃତ ଷ୍ଟେସନ ଯୋଜନା ଅଧୀନରେ ଓଡିଶାର ୬ ଟି ଷ୍ଟେସନ୍ ହେଉଛି ବିମଲାଗଡ (ପାଖାପାଖି ୮.୨୮ କୋଟି), ଜାରୋଲି (ପାଖାପାଖି ୫.୯୫ କୋଟି), ରାଇରଙ୍ଗପୁର (ପାଖାପାଖି ୪ କୋଟି), ପାନପୋଶ (ପାଖାପାଖି ୧୧.୦୪ କୋଟି), ବାଲେଶ୍ୱର (ପାଖାପାଖି ୧୧.୦୪ କୋଟି) ୧୯୭.୪ କୋଟି) ଏବଂ ବେତନଟୀ (ପାଖାପାଖି ୧୪.୧୫ କୋଟି) । ସହରର ଉଭୟ ପାର୍ଶ୍ୱର ସଠିକ୍ ଏକୀକରଣ ସହିତ ଏହି ଷ୍ଟେସନଗୁଡିକର ବିକାଶ ପାଇଁ 'ସିଟି ସେଣ୍ଟର' ଭାବରେ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ହେଉଛି । ଏହି ସମନ୍ୱିତ ଆଭିମୁଖ୍ୟ ରେଳ ଷ୍ଟେସନକୁ କେନ୍ଦ୍ର କରି ସହରର ସାମଗ୍ରିକ ସହରୀ ବିକାଶର ସାମଗ୍ରିକ ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ । ପୁନ ର୍ଗଠନ ... ଝରକ୍ଷକ୍ଟକ୍ତ୍ର ନିର୍ମାଣ ଯାତ୍ରୀମାନଙ୍କ ମାର୍ଗଦର୍ଶନ ପାଇଁ ସୁସଜ୍ଜିତ ଟ୍ରାଫିକ୍ ସଞ୍ଚାରଣ, ଆନ୍ତଃ- ମୋଡାଲ୍ ଏକୀକରଣ ଏବଂ ସାଇନେଜ୍ ସୁନିଶ୍ଚିତ କରିବା ସହିତ ଆଧୁନିକ ଯାତ୍ରୀ ସୁବିଧା ଯୋଗାଇବ। ଷ୍ଟେସନ ବିଲ୍ଡିଂର ଡିଜାଇନ୍ ସ୍ଥାନୀୟ ସଂସ୍କୃତି, ଐତିହ୍ୟ ଏବଂ ସ୍ଥାପତ୍ୟ ଦ୍ୱାରା ଅନୁପ୍ରାଣିତ ହେବ । ଗୋଟିଏ ଷ୍ଟେସନ୍ ଓ୍ୱାନ୍ ପ୍ରଡକ୍ଟ 'ଯୋଜନା କାରିଗରମାନଙ୍କୁ ସାହାଯ୍ୟ କରିବ ଏବଂ ସ୍ଥାନୀୟ ଉତ୍ପାଦର ବ୍ରାଣ୍ଡିଂରେ ସାହାଯ୍ୟ କରିବ । *ଷ୍ଟେସନରେ ଯୋଜନା କରାଯାଇଥିବା ସୁବିଧାଗୁଡ଼ିକ ହେଉଛି:* ସମସ୍ତ ସୁବିଧା ସହିତ ପୁରୁଣା ବିଲ୍ଡିଂ ସ୍ଥାନରେ ନୂତନ ଷ୍ଟେସନ୍ ବିଲଡିଂ (ଯଥା ଅପେକ୍ଷା କକ୍ଷ, ବୁକିଂ ଅଫିସ୍, ଫାସେଡ୍, ଏକଜିକ୍ୟୁଟିଭ୍ ଲାଉଞ୍ଜ, କାଫେରିଆ, ସ୍ୱୟଂଚାଳୟ ଇତ୍ୟାଦି) । ପ୍ଲାଟଫର୍ମ ଏବଂ ପ୍ଲାଟଫର୍ମ ଆଶ୍ରୟସ୍ଥଳର ଉନ୍ନତି । ବ୍ୟାପକ ରାସ୍ତା ସହିତ ସୁଗମ ପ୍ରବେଶ । ମାନକ ଆଲୋକୀକରଣ ସ୍ତର । ପରିସର ମଧ୍ୟରେ ପାଦ-ପଥ ପାଇଁ ବ୍ୟବହୃତ ସୁବିଧାଜନକ ଏବଂ ସ୍ଥାୟୀ ସାମଗ୍ରୀ ସହିତ ଉନ୍ନତ ସର୍କୁଲାର କ୍ଷେତ୍ର । ସୌନ୍ଦର୍ଯ୍ୟ, ପ୍ରଶସ୍ତ ଏବଂ ସୁସଜ୍ଜିତ ପ୍ରବେଶ ଦ୍ୱାର । ସମସ୍ତ ପ୍ଲାଟଫର୍ମରେ ନୂତନ ପ୍ଲାଟଫର୍ମ ଆଶ୍ରୟ ପ୍ରଦାନ ।

*ଯାତ୍ରୀ ଅଭିଜ୍ଞତା ଏବଂ ନିରାପତ୍ତା ବୃଦ୍ଧି କରିବା ।* ଏକ କ୍ରାନ୍ତିକାରୀ ପ୍ରବେଶ ଦ୍ୱାର ବାରଣ୍ଡା ଯୋଗାଇବା । ଯାନବାହାନ ପାର୍କିଂର ପୁନର୍ଗଠନ ଏବଂ ଅପ୍ଟିମାଇଜ୍ । ସାଇନେଜ୍ ଏବଂ ନେଭିଗେସନ୍ ସାଇନେଜ୍ ମାଧ୍ୟମରେ ସହଜ ନାଭିଗେସନ୍ ମାଧ୍ୟମରେ ଯାତ୍ରୀଙ୍କ ଅଭିଜ୍ଞତାକୁ ଦର୍ଶାଇଥାଏ । ମୃଦୁ ଗତି। ସ୍ଥାନୀୟ କଳା ଏବଂ ସଂସ୍କୃତିର ଅନୁଭୂତି ଷ୍ଟେସନରେ ଏବଂ ଘର ଭିତରେ ଥିବା ଖୋଲା ସ୍ଥାନଗୁଡିକରେ ଏକୀକୃତ କଳା । ଷ୍ଟେସନରେ ନଜର ରଖିବା ପାଇଁ ସିସିଟିଭି କ୍ୟାମେରା । ସାର୍ବଜନୀନ ଠିକଣା ପ୍ରଣାଳୀ ଗୁରୁତ୍ୱପୂର୍ଣ୍ଣ ସୂଚନା ବିଷୟରେ ଷ୍ଟେସନ ପରିସରରେ ଯାତ୍ରୀମାନଙ୍କୁ ସମ୍ବୋଧନ କରିବା ପାଇଁ ଚଇ ସିଷ୍ଟମର ପହଞ୍ଚିବା ବୃଦ୍ଧି । ପର୍ଯ୍ୟାପ୍ତ ପରିମାଣର ଦୀପାବଳି, ଉତ୍ତାପ ବୃଦ୍ଧି, ଶକ୍ତି ଦକ୍ଷତା ବୃଦ୍ଧି, ସ ବକ୍ସ ର ପ୍ୟାନେଲ, ସ୍ୱଚ୍ଛ ଶକ୍ତି ବିଶିଷ୍ଟ ଏଲଇଡି ଆଲୋକୀକରଣ, ଜଳ ପୁନ ଛମ ବ୍ୟବହାର ଏବଂ ବର୍ଷା ଜଳ ଅମଳ, ସ୍ୱଚ୍ଛ ଜଳ ବ୍ୟବହାର ଟେକ୍ସଚର, ବାୟୋ-ଟଏଲେଟ୍, ଭାସ୍କର୍ଯ୍ୟରେ ଦେଶୀ ପ୍ରଜାତିର ବୃକ୍ଷରୋପଣ ସହିତ ଷ୍ଟେସନ୍ ବିଲ୍ଡିଂଗୁଡିକ ଡିଜାଇନ୍ ହେବ । ସ୍ଥାନୀୟ ଜ କ୍ୟୁସ ବ ବିବିଧତାକୁ ପ୍ରୋତ୍ସାହିତ କରନ୍ତୁ ଏବଂ ପରିସର ମଧ୍ୟରେ ସବୁଜ ପ୍ୟାଚ୍ ଅନ୍ତର୍ଭୁକ୍ତ କରନ୍ତୁ । ଦିବ୍ୟାଙ୍ଗଜନ ଆକ୍ସେସିବିଲିଟି ମାପ । ସାଇନେଜ୍, ଘୋଷଣା ସିଷ୍ଟମ୍, ୱେବସାଇଟ୍ ଏବଂ ମୋବାଇଲ୍ ଆପ୍ ଦ୍ୱାରା ସୂଚନା ସିଷ୍ଟମ୍ ଆକ୍ସେସିବିଲିଟି ପ୍ରଦାନ । ପ୍ରବେଶ ରେମ୍ପ, ସଂରକ୍ଷିତ ପାର୍କିଂ, ନିମ୍ନ ଉଚ୍ଚତା କାଉଣ୍ଟର, ଅକ୍ଷମ-ଅନୁକୂଳ ୱାଶରୁମ୍ ଏବଂ ବହିର୍ଗମନପଥରେ ସାହାଯ୍ୟ ବୁଥ୍ ଦ୍ୱାରା ଷ୍ଟେସନ୍ ଆକ୍ସେସିବିଲିଟି ପ୍ରଦାନ । ଟ୍ୟାକ୍ଟିଲ୍ ପଥ, ଉପଲବ୍ଧ ୱାଶରୁମ୍, କମ୍ ଉଚ୍ଚତା ବିଶିଷ୍ଟ ୱାଟର ବୁଥ୍, ରଙ୍ଗଇ ରେମ୍ପ୍ ଗାଇଡ୍ କରି ପ୍ଲାଟଫର୍ମ ଆକ୍ସେସିବିଲିଟି ପ୍ରଦାନ । ଦୃଷ୍ଟିହୀନମାନଙ୍କ ପାଇଁ ବ୍ରେଲି ସ୍କ୍ରିପ୍ଟରେ ସାଇନେଜ୍ ପ୍ରଦାନ । ଓଡ଼ିଶା ରାଜ୍ୟ ଉପରେ ଷ୍ଟେସନଗୁଡିକର ଆଧୁନିକୀକରଣ ବିକାଶ ପାଇଁ ଏକ ନୂତନ ବାତାବରଣ ସୃଷ୍ଟି କରିବ କାରଣ ସେମାନେ ପରିଦର୍ଶକମାନଙ୍କ ମଧ୍ୟରେ ପ୍ରଥମ ଭାବନା ସୃଷ୍ଟି କରିବେ । ନବୀକରଣ ହୋଇଥିବା ଷ୍ଟେସନଗୁଡିକ କେବଳ ପର୍ଯ୍ୟଟନ ବୃଦ୍ଧି କରିବ ନାହିଁ ବରଂ ଆର୍ଥିକ କାର୍ଯ୍ୟକଳାପ ଏବଂ ନିକଟବର୍ତ୍ତୀ ଅଞ୍ଚଳରେ ଆର୍ଥିକ ଅଭିବୃଦ୍ଧି ମଧ୍ୟ ବୃଦ୍ଧି କରିବ । ଏହି ଅମୃତ ରେଳ ଷ୍ଟେସନଗୁଡିକ ଗୋଟିଏ ଐତିହ୍ୟରେ ଗର୍ବ କରିବା ଏବଂ ପ୍ରତ୍ୟେକ ନାଗରିକଙ୍କ ପାଇଁ ଗର୍ବ କରିବାର ପ୍ରତୀକ ହେବ ।

# ଖାଦ୍ୟ ସୁରକ୍ଷାରୁ ବଂଚିତ ଦିନ ମଜୁରିଆ ଲକ୍ଷ୍ମୀଧରଙ୍କ ପରିବାର



ଉଦଳା , ୨୨/୨ (ନି.ପ୍ର): ଉଦଳା ବ୍ଲକର କୋଚିଳାଡ଼ିହା ପଂଚାୟତ ଅନ୍ତର୍ଗତ ପ୍ରଫୁଲଚନ୍ଦ୍ରପୁର ଗ୍ରାମର ବାସିନ୍ଦା ଲକ୍ଷ୍ମୀଧର ସୋରେନଙ୍କ ପରିବାର ଖୁବ୍ ଦୟନିୟ ଅବସ୍ଥାରେ ଚଳୁଛନ୍ତି । ଦିନେ କାମକୁ ନଗଲେ ଘରେ ଚୁଲି ଜଳୁନଥିବା ଏହି ପରିବାର ଏ ପର୍ଯ୍ୟନ୍ତ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରି ନାହାଁନ୍ତି । ଫଳରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ଏହି ପରିବାର ବଂଚିତ ଅଛନ୍ତି । ଏବାବଦରେ ଗ୍ରାମପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଲେ ମଧ କେହି କର୍ଣ୍ଣପାତ କରୁନଥିବାର କଥା ଲକ୍ଷ୍ମୀଧର ଅଭିଯୋଗ କରିଛନ୍ତି । ବିଭାଗୀୟ କର୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି ।

# ଆଗ୍ନିକ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ




ଲଙ୍ଗଳେଶ୍ୱର , ୨୨/୨ (ନି.ପ୍ର): ବାଲିଆପାଳ ବ୍ଲକ ର ଅଗ୍ନିଶମ ସେବା ସଂସ୍ଥା ର ଆଗ୍ନିକ କର୍ମଚାରୀ ମାନେ ବୁଧବାର ଠାରୁ ଦୁଇ ଦଫା ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ରେ ନିଜ ଷ୍ଟେସନରେ ଶାନ୍ତିପୂର୍ଣ୍ଣ ଭାବରେ ଧାରଣା ଦେଇଛନ୍ତି। କାର୍ଯ୍ୟବନ୍ଦ ଆନ୍ଦୋଳନ ରେ ଅଗ୍ନି ସେବା ସଂସ୍ଥା ର ଆଗ୍ନିକ ଓ ହାବିଲଦାର (ମୁଖ୍ୟ ଆଗ୍ନିକ) ଙ୍କୁ ଓଡ଼ିଶା ପୋଲିସ କର୍ମଚାରୀ ସହିତ ସମାନ ଦରମା ଓ ଆଗ୍ନିକ ସେବା ସଂସ୍ଥା କର୍ମଚାରୀ ସଂଘର ସରକାରୀ ପଞ୍ଜିକରଣ କରିବା କର୍ମଚାରୀ ମାନଙ୍କ ଦାବି ରହିଛି। ଏହି ସବୁ ଦାବି ପୂରଣ ନ ହେଲେ କର୍ମଚାରୀ ମାନଙ୍କ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ ପାଇଁ ଜାରି ରହିବ ବୋଲି କର୍ମଚାରୀ ମାନେ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରେ ପ୍ରତ୍ୟେକ ଷ୍ଟେସନ ର କର୍ମଚାରୀ ସହ ବାଲିଆପାଳ ଅଗ୍ନି ସେବା ସଂସ୍ଥା ପକ୍ଷରୁ ମୁଖ୍ୟ ଆଗ୍ନିକ ସୌମ୍ୟ ରଂଜନ ପଣ୍ଡା, ଆଗ୍ନିକ ମାଝିଆ ହେମ୍ବ୍ରମ,ପ୍ରମିତ କୁମାର ନାୟକ,ଚାଦ୍ରାୟ ମାରାଣ୍ଡି, ଅଶୋକ କୁମାର ଦାସ ପ୍ରମୁଖ ଧାରଣାରେ ବସିଛନ୍ତି।

# ଓଆରଏଚଡିସି ଦୁର୍ନୀତି ମାମଲା: ୨୭ ଯାଏଁ ମୋକିମଙ୍କୁ ଅନ୍ତରୀଣ ସୁରକ୍ଷା

ଭୁବନେଶ୍ୱର, ୨୨/୨ (ନି.ପ୍ର): ଓଆରଏଚଡିସି ଦୁର୍ନୀତି ମାମଲାରେ ହାଇକୋର୍ଟରେ ବିଧାୟକ ମହମ୍ମଦ ମୋକିମଙ୍କ ଆବେଦନର ଶୁଣାଣି ହୋଇଛି। ଭୁବନେଶ୍ୱର ଭିଜିଲାନ୍ସ କୋର୍ଟଙ୍କ ଆବେଦନକୁ ଚାଲେଞ୍ଜ କରି ହାଇକୋର୍ଟରେ ଆବେଦନ କରିଛନ୍ତି ମୋକିମ। ଏହି ମାମଲାରେ ମୋକିମ ଏବଂ ଅନ୍ୟ ମାନଙ୍କୁ ୩ ବର୍ଷର ଜେଲଦଣ୍ଡ ଶୁଣାଇଥିଲେ ଭିଜିଲାନ୍ସ କୋର୍ଟ। ପୂର୍ବରୁ ଦଣ୍ଡାଦେଶ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ ହାଇକୋର୍ଟ। ମାମଲାର ଶୁଣାଣି କରି ଅନ୍ତରୀଣ ରହିତାଦେଶ ବଳବତର ରଖିଛନ୍ତି ହାଇକୋର୍ଟ।

# ବିଜେପିରୁ ଇସ୍ତଫା ଦେଲେ ବଡ଼ସାହିର ପ୍ରାକ୍ତନ ବିଧାୟକ ମନୋରଞ୍ଜନ ସେଠୀ

ବଡସାହି, ୨୨/୨ (ନି.ପ୍ର): ବିଜେପି ଦଳରୁ ଇସ୍ତଫା ଦେଲେ ବଡ଼ସାହିର ପ୍ରାକ୍ତନ ବିଧାୟକ ମନୋରଞ୍ଜନ ସେଠୀ । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ସେ ଦଳର ପ୍ରାଥମିକତା ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ନେଇ ସେ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି । ଯାହାର ଏକକିତା ନକଲ ଦଳର ଜିଲ୍ଲା ସଭାପତି କାନ୍ଦରା ସୋରେନଙ୍କୁ ମଧ ପ୍ରଦାନ କରିଛନ୍ତି । ତାଙ୍କର ଏପରି ନିଷ୍ପତ୍ତି ବଡ଼ସାହି ରାଜନୀତିରେ ହଟଚମଟ ସୃଷ୍ଟି କରିଛି । କାରଣ ବଡ଼ସାହି ନୂତନ ବିଧାନସଭା କ୍ଷେତ୍ର ଭାବେ ଗଠିତ ହେବା ପରେ ଶ୍ରୀ ସେଠୀ ୨୦୦୯ମସିହାରେ ବିଜେଡି ଦଳରୁ ଟିକଟ ପାଇ ପ୍ରଥମ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ତେବେ ୨୦୧୪ ନିର୍ବାଚନରେ କଂଗ୍ରେସ ଦଳରୁ ଇସ୍ତଫା ଦେଇ ବିଜେଡିରେ ମିଶିଥିବା ଗଣେଶ୍ୱର ପାତ୍ରଙ୍କୁ ଟିକଟ ଦେବାରୁ ଶ୍ରୀ ସେଠୀ ଦ୍ୱିତୀୟ ଥର ବିଧାୟକ ଭାବେ ନିର୍ବାଚନ ଲଢିବା ଆଶା ମଉଳିଯାଇଥିଲା । ଫଳରେ ଅଭିମାନରେ ନିଜର ସମର୍ଥକଙ୍କ ସହିତ ଶ୍ରୀ ସେଠୀ ବିଜେଡି ଛାଡି ବିଜେପିରେ ମିଶିଥିଲେ । ପରନ୍ତୁ ସେଠାରେ ତାଙ୍କୁ ଗୁରୁତ୍ୱ ଦିଆଯାଇନଥିଲା । ଦିନକୁ ଦିନ ବିଜେପି ତାଙ୍କୁ ଅଣଦେଖା କରିଚାଲିଥିଲା । ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ଓ ବଡ଼ସାହି ନିର୍ବାଚନ ମଣ୍ଡଳୀ ପ୍ରତି ସେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେବା ପ୍ରଭାବିତ କରିଥିଲା । ପୂର୍ବ ନିଷ୍ପତ୍ତି ଏକ ଭୁଲ ଥିବା ଜାଣି ନିଷ୍ପତ୍ତି ପରିବର୍ତ୍ତନ ପୂର୍ବକ ବିଜେପି ଛାଡିଛନ୍ତି ବୋଲି ତାଙ୍କର ସମର୍ଥକ କହିଛନ୍ତି । ଖୁବଶୀଘ୍ର ସମର୍ଥକଙ୍କ ସହିତ ସେ ବିଜେଡିକୁ ଫେରିବେ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି।

# ବିଇଡି କଲେଜରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ



ବାରିପଦା , ୨୨/୨ (ନି.ପ୍ର): ବାରିପଦା ତକତପୁର ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ସଶକ୍ତ ନାଗରିକ ଗଠନ ରେ ମାତୃଭାଷା ର ଭୂମିକା ବିଷୟରେ ସଚେତନତା ବୃଦ୍ଧି ପାଇଁ ଉଦ୍ଦିଷ୍ଟ ଆଲୋଚନା ଚକ୍ର ରେ ମହାବିଦ୍ୟାଳୟ ର ସହକାରୀ ପ୍ରଫେସର ଉମେଶ ଚନ୍ଦ୍ର ମାଝୀ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଆଲୋଚକ ଭାବେ ଡକ୍ଟର ସରୋଜ ନାୟକ ଯୋଗ ଦେଇ ଦିବସ ପାଳନର ଉଦ୍ଦେଶ୍ୟ ଓ ଉପାଦେୟତା ବିଷୟରେ ଆଲୋକପାତ କରିଥିବା ବେଳେ ଅନ୍ୟତମ ଆଲୋଚକ ଭାବେ ସହକାରୀ ପ୍ରଫେସର କେ ଲକ୍ଷ୍ମୀ ସେନାପତି ଯୋଗ ଦେଇଥିଲେ । ସହକାରୀ ପ୍ରଫେସର ସରୋଜ ଦାସ, ରାଜକିଶୋର ରାଉଳ, ଖିରୋଦ କୁମାର ଚୌଧୁରୀ, ନବୀନ ନାୟକ ଡକ୍ଟର ଚିତ୍ରସେନ ସେଠୀ, ସନ୍ଦୀପ ଚାନ୍ଦ, ଅଧ୍ୟାପିକା ମନାଲି ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିଥିଲେ । ଛାତ୍ର ସଂସଦ ସଭାପତି ଓମପ୍ରକାଶ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଓମପ୍ରକାଶ ବେହେରା ଧନ୍ୟବାଦ ଦେଇଥିଲେ ।

# ମାଟ୍ରିକ ପରୀକ୍ଷାରେ ଏଆଇ ଦ୍ୱାରା ସୁଫଳ ମିଳୁଛି: ବୋର୍ଡ

ଭୁବନେଶ୍ୱର/କଟକ, ୨୨/୨ (ନି.ପ୍ର): ମାଟ୍ରିକ ପରୀକ୍ଷାରେ ଏଆଇ ଟେକ୍ନୋଲୋଜିର ବ୍ୟବହାର ଦ୍ୱାରା ଅନେକ ସୁଫଳ ମିଳିଛି ବୋଲି ବୋର୍ଡ ଉପସଭାପତି ବୋର୍ଡ ଉପସଭାପତି ଡ.ନିହାର ରଞ୍ଜନ ମହାନ୍ତି ନିଜ ପ୍ରତିକ୍ରିୟାରେ କହିଛନ୍ତି । ସେ କହିଛନ୍ତି ଯେ, ଏଆଇ ଟେକ୍ନୋଲୋଜି କ୍ୟାମେରା ଦ୍ୱାରା ଅନେକ ସୁଫଳ ମିଳିଛି। ରାଜ୍ୟର ୮ଟି ପରୀକ୍ଷା କେନ୍ଦ୍ରରେ ଅବ୍ୟବସ୍ଥା ଠାବ କରିଛି ଏଆଇ। ଅବ୍ୟବସ୍ଥା ସୃଷ୍ଟିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯାଇଛି । ଶିକ୍ଷା ବିଭାଗ ସହ ପୋଲିସକୁ ସୁପାରିଶ କରିଛି ବୋର୍ଡ।

# ପାରାଦୀପ ଇଫ୍‌କୋର ନୂତନ ରେଲୱେ ସାଇଡିଙ୍ଗ ଉଦ୍‌ଘାଟିତ

ପାରାଦୀପ, ୨୨/୨ (ନି.ପ୍ର): ପାରାଦୀପ ସ୍ଥିତ କଙ୍କରର ଗତିଶକ୍ତି ମଲ୍ଟିମୋଡାଲ କାର୍ଗୋ ଟର୍ମୀନାଲ ଠାରେ ଇଫକୋ ର ଏକ ନୂତନ ରେଲୱେ ସାଇଡିଙ୍ଗ ଉଦଘାଟିତ ହୋଇଯାଇଛି ।ଏହି ସାଇଡିଙ୍ଗ ରେ ସାର, ଜିପସମ ଓ କୋଇଲା ପରିବହନ ପାଇଁ ଅଲଗା ରେଳ ଲାଇନର ବ୍ୟବସ୍ଥା ରହିଛି । ଏହି ବ୍ୟବସ୍ଥା ଫଳରେ ଦେଶର ବିଭିନ୍ନ ପ୍ରାନ୍ତକୁ ସାର ପରିବହନ ହେବା ସହ ସାରକାରଖାନା ର ବର୍ଜ୍ୟ ଜିପସମ ଗୁଣ୍ଡ ସ୍ଥାନାନ୍ତରଣରେ ବୃଦ୍ଧି ଘଟିବ । ଏହି ନୂତନ ରେଲୱେ ସାଇଡିଙ୍ଗ କୁ ଇଫକୋ ପରିଚାଳନା ନିର୍ଦ୍ଦେଶକ ଡ଼ଃ. ୟୁ.ଏସ. ଅୱସ୍ତି ବୁଧବାର ଦିନ ଉଦଘାଟନ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଇଷ୍ଟକୋଷ୍ଟ ରେଲୱେ ଅଧିକାରୀ ଦିବଞ୍ଜନ ରଏ, ଅର୍ଘ୍ୟ ପଟନାୟକ, ଇଫକୋ ପାରାଦୀପ ୟୁନିଟ ନିର୍ଦ୍ଦେଶକ କେ.ଜେ.ପଟେଲ ଙ୍କ ସମେତ ଇଫକୋ, କଙ୍କର କମ୍ପାନୀ ଓ ଇଷ୍ଟକୋଷ୍ଟ ରେଲୱେ ର ବହୁ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏହି ଉଦଘାଟନୀ ଅବସରରେ ଶ୍ରୀ ଅୱସ୍ତି ଉତ୍ତରପ୍ରଦେଶ ର ଏସିସି ସିମେଣ୍ଟ କାରଖାନା ଉଦ୍ଦେଶ୍ୟରେ ଏକ ଜିପସମ ବୋଝେଇ ରେକ କୁ ସବୁଜ ପତାକା ଦେଖାଇ ପରିବହନର ଶୁଭାରମ୍ଭ କରିଥିଲେ। ତେବେ ଏହି ନୂତନ ରେଲୱେ ସାଇଡିଙ୍ଗ ବ୍ୟବସ୍ଥା ଯୋଗୁଁ ଆଗାମୀ ଦିନରେ ପରିବହନ କ୍ଷେତ୍ରରେ ଇଫକୋ ଉଲ୍ଲେଖନୀୟ ସଫଳତା ହାସଲ କରିବ ବୋଲି ଇଫକୋ ସର୍ବ ଭାରତୀୟ ମୁଖ୍ୟ ଶ୍ରୀ ଅୱସ୍ତି ଆଶାବ୍ୟକ୍ତ କରିଛନ୍ତି ।

# ମୟୂରଭଂଜ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାରେ ନୂଆ ଅଧ୍ୟାୟ



ବାରିପଦା, ୨୨/୨ (ନି.ପ୍ର): ବିଗତ ଫେବୃୟାରୀ ୧୬,୧୭ ଓ ୧୮ ରିଖ ସ୍ଥାନୀୟ ବାରିପଦା ତକ୍ତପୁର ସ୍ଥିତ ହୋଲି ପ୍ୟାଲେସ୍ ଠାରେ ପିରାମଲ ଫାଉଣ୍ଡେସନ୍ ଦ୍ୱାରା ମୟୂରଭ ଜିଲ୍ଲାରେ କାର୍ଯ୍ୟ କରୁଥିବା ପାରମ୍ପାରିକ ବୈଦ ମାନଙ୍କ ଦକ୍ଷତାର ପ୍ରମାଣପତ୍ର ପ୍ରଦାନ ନିମନ୍ତେ ପରିକ୍ଷାନିରିକ୍ଷା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟ ଭାରତ ସରକାରଙ୍କର ସଂସ୍ଥା କ୍ୱାଲିଟି କାଉନସିଲ ଅଫ୍ ଇଣ୍ଡିଆ ଦ୍ୱାରା ନିୟୋଜିତ ବେଙ୍ଗାଲୁରୁ ସ୍ଥିତ ଟାନ୍ସ ଡିସିପ୍ଲିନାରୀ ୟୁନିଭାରସିଟି ଡାକ୍ତରମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୟୂରଭ ଜିଲ୍ଲାର ଉପାନ୍ତ ଅଂଚଳରୁ ୨୧ଜଣ ବୈଦ୍ୟ ନିଜ ନିଜର ଦକ୍ଷତାର ପ୍ରମାଣ ଦେଇଥିଲେ। ଯାହା ଆଗାମି ଦିନରେ ମୟୂରଭ ଜିଲ୍ଲାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସହାୟକ ହେବ। ଏହି କାର୍ଯ୍ୟକ୍ରମକୁ ପିରାମଲ ଫାଉଣ୍ଡେସନ୍‌ର କର୍ମଚାରୀ ନାରାୟଣ ମହାରଣା, ବାଲ୍‌ମୁକୁନ୍ଦ ଶର୍ମା, ମନୋଜ କୁମାର ପତି, କାର୍ତିକେଶ୍ୱର ଗିରି, ସଂକଳ୍ପ ଜେନା ଏବଂ ଦିପ୍ତିମୟୀ ମିଶ୍ର ତଥା ସୁଦୂର ପଶ୍ଚିମ ଓଡିଶାରୁ ଆସିଥିବା ପୁରୁଖା ବୈଦ୍ୟଙ୍କ ସହଯୋଗ ଦ୍ୱାରା ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

# ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର, ୨୨/୨ (ନି.ପ୍ର): ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ମୟୁରଭଞ୍ଜ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେବଙ୍କ ଶ୍ରାଦ୍ଧ ଦିବସ ଅବସରରେ ବରପୁତ୍ରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ନ୍ୟାସୀ ମଣ୍ଡଳୀର ସଭାପତି ସୀତା ବଲ୍ଲଭ ମହାପାତ୍ର ଓ ଲେଖକ ସହଯୋଗ ସମିତିର ସମ୍ପାଦକ ରମାକାନ୍ତ ମିଶ୍ର ଅତିଥୀ ଭାବେ ଯୋଗଦେଇ ବରପୁତ୍ରଙ୍କ ଗୁଣାବଳି ବର୍ଣ୍ଣନା କରିଥିଲେ । ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଶାଖାର ସଭାପତି ସୁବ୍ରତ ମହାପାତ୍ର, ମଞ୍ଚେଶ୍ୱର ଶାଖାର ଯୁଗ୍ମ-ସମ୍ପାଦକ ସିଧାର୍ଥ ଶଙ୍କର ଗଡନାୟକ ଓ ଅକ୍ଷୟ କୁମାର ଜେଠୀ, ବାସନ୍ତୀ ତ୍ରିପାଠୀ ଓ ପ୍ରମୋଦ ଦେବ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ରହି ବରପୁତ୍ରଙ୍କର ଜୟଗାନ କରିଥିଲେ । ଶେଷରେ ସମ୍ମିଳନୀର ଉପ-ସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo